

ଗଜାନନଂ ଭୂତଗଣାଦି ସେବିତମ୍
କପିତ୍ଥ ଜମ୍ବୁଫଳଚାରୁ ଭକ୍ଷଣମ୍,
ଉମାସୁତଂ ଶୋକ ବିନାଶକାରକମ୍
ନମାମି ବିଘ୍ନେଶ୍ୱର ପାଦପଙ୍କଜମ୍ ॥


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-63 ◆WEDNESDAY ◆27 AUGUST 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୬୩ ◆ବୁଧବାର ◆୨୭ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦





ପାର୍ବଣ ପୂର୍ବରୁ ଯୁବ ଓ ଛାତ୍ର ବିଜେଡିର ନବକଳେବର

# ଚିନ୍ମୟ ଯୁବ ଓ ଇପ୍‌ସିତା ଛାତ୍ର ସଭାପତି





ଭୁବନେଶ୍ୱର,୨୬।୮(ସମିସ): ନବକଳେବର ହୋଇଛି ବିଜେଡିର ଦୁଇ ଛାମୁଆ ସଙ୍ଗଠନ ଯୁବ ବିଜେଡି ଓ ଛାତ୍ର ବିଜେଡି। ମଙ୍ଗଳବାର ଦଳର ସଭାପତି ନବୀନ ପଟ୍ଟନାୟକ ଉଭୟ ସଙ୍ଗଠନର ସଭାପତିଙ୍କ ନାମ ଘୋଷଣା କରିଛନ୍ତି । ଛାତ୍ର ଓ ଯୁବ ରାଜନୀତିରେ ଅଭିଜ୍ଞ ଚିନ୍ମୟ ସାହୁଙ୍କୁ

**ଯୁବ ସଙ୍ଗଠନରେ ବ୍ୟୋମକେଶ, ରାଜେନ୍ଦ୍ର, ଅମରେଶ, ସଞ୍ଜିତଙ୍କୁ ସ୍ୱତନ୍ତ୍ର ଦାୟିତ୍ୱ**

**ଛାତ୍ର ସଙ୍ଗଠନରେ ଦେବେଶ, ଦେବୀ, ସୁଭାଶିଷ, ସୌଭିକଙ୍କୁ ସ୍ୱତନ୍ତ୍ର ଦାୟିତ୍ୱ**

ଯୁବ ବିଜେଡି ସଭାପତି ରୂପେ ନିଯୁକ୍ତି ଦିଆଯାଇଥିବାବେଳେ ପ୍ରଥମଥର ପାଇଁ ଛାତ୍ର ବିଜେଡିର ମଙ୍ଗ ଜଣେ ମହିଳା ଯୁବ ନେତ୍ରୀଙ୍କ ଉପରେ ନ୍ୟସ୍ତ କରାଯାଇଛି ।ଏହା ସହିତ ଦୁଇ ସଙ୍ଗଠନର ସାଙ୍ଗଠନିକ ଶକ୍ତି ବୃଦ୍ଧି ଓ ଦିଶା ନିର୍ଦ୍ଦେଶ ନିମନ୍ତେ ଚାରି ଜଣ ଲେଖାଏଁ ଅନୁଭବୀ ତଥା ବରିଷ୍ଠ ନେତାଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଯୁବ ବିଜେଡି ସଙ୍ଗଠନକୁ ଦୃଢ଼ କରିବା ନିମନ୍ତେ ପୂର୍ବତନ ଯୁବ ସଭାପତି ତଥା ବିଧାୟକ ବ୍ୟୋମକେଶ ରାୟଙ୍କୁ ବରିଷ୍ଠ ସାଧାରଣ ସମ୍ପାଦକ, ଯୁବ ନେତା ତଥା ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ପୂର୍ବତନ ଯୁବ ସଭାପତି ଅମରେଶ ପତ୍ରୀ ଏବଂ ସଞ୍ଜିତ ମହାନ୍ତିଙ୍କୁ ସ୍ୱତନ୍ତ୍ର ଦାୟିତ୍ୱ ପ୍ରଦାନ କରାଯାଇଛି। ଛାତ୍ର ବିଜେଡି ସଙ୍ଗଠନରେ ଦେବେଶ ଆଚାର୍ଯ୍ୟଙ୍କ ବରିଷ୍ଠ ସାଧାରଣ ସମ୍ପାଦକ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହା ସହ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ସାଂସଦ ସୁଭାଶିଷ ଖୁଣ୍ଟିଆ ଓ ବିଧାୟକ ସୌଭିକ୍ ବିଶ୍ୱାଳଙ୍କୁ ସାଧାରଣ ସମ୍ପାଦକ ଦାୟିତ୍ୱ ଦିଆଯାଇଛି । ପାର୍ବଣ ପୂର୍ବରୁ ନବୀନ ଉଭୟ ଛାମୁଆ ସଂଗଠନର ନବ କଳେବର କରିଥିବା ବେଳେ ଖୁବଶୀଘ୍ର ଅନ୍ୟ ପଦାଧିକାରୀଙ୍କୁ ମଧ୍ୟ ଦାୟିତ୍ୱ ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି ।

ବାଲେଶ୍ୱରରେ ଚାଞ୍ଚଲ୍ୟ

# ନାବାଳିକାକୁ ୫ ମାସ ଧରି ଗଣଦୁଷ୍କର୍ମ

ଭୋଗରାଇ,୨୬।୮(ସମିସ): ପ୍ରେମ ଜାଲରେ ଫସାଇ ଜଣେ ନାବାଳିକାକୁ ଅପହରଣ ଏବଂ ତାଙ୍କ ଧର୍ମ ପରିବର୍ତ୍ତନ କରିବା ସହ ୫ ମାସ ଧରି ଗଣଦୁଷ୍କର୍ମ କରିବା ଭଳି ଘଟଣା ଆଜି ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ୍‌ରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ଗଣଦୁଷ୍କର୍ମର ଶିକାର ହୋଇଥିବା ପୀଡ଼ିତାଜଣଙ୍କ ଆଜି ଏ ସଂପର୍କରେ ଭୋଗରାଇ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ୍ ଏକ ମାମଲା ରୁଜୁ କରିବା ସହ ପୀଡ଼ିତାଙ୍କ ବୟାନ ଆଧାରରେ ଛାନଭିନ୍ ଆରମ୍ଭ କରିଛି। ଏହାସହ ପୀଡ଼ିତାଙ୍କ ଡାକ୍ତରୀମାଇନା କରାଇବା ପରେ ଆଜି ସଂଧ୍ୟାରେ ତାଙ୍କୁ ବାଲେଶ୍ୱର ନାରୀ ସୁରକ୍ଷା ସମିତି ସୁଧାର ଗୃହକୁ ପଠାଇ ଦେଇଛି।

ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ, ପୀଡ଼ିତାଜଣଙ୍କ ଜଣେ କବାଡ଼ି ଖେଳାଳି। କିଛି ଦିନ ତଳେ ତାଙ୍କ ସହ ବାଲେଶ୍ୱର ସଦର ଥାନା ଅଞ୍ଚଳର ଫକୀର ଖାଁଙ୍କ ପୁଅ ଅବଦୁଲ ଗଫର୍‌ଙ୍କ ଚିହ୍ନା ପରିଚୟ ହୋଇଥିଲା। ଅବଦୁଲ ତାଙ୍କୁ ପ୍ରେମ ଜାଲରେ ଫସାଇଥିଲେ। ନାବାଳିକାଙ୍କ ପରିବାରଲୋକେ ଝିଅକୁ ଅନ୍ୟତ୍ର ବିବାହ ଦେବା ଲାଗି ସଜବାଜ ହେଉଥିବା ବେଳେ ଗତ ମାର୍ଚ୍ଚ ୧ ତାରିଖରେ ଅବଦୁଲ ସମ୍ପୃକ୍ତ ନାବାଳିକାଙ୍କୁ ଅପହରଣ କରିନେଇଥିଲା। ଏନେଇ ନାବାଳିକାଙ୍କ ପରିବାରଲୋକ ଭୋଗରାଇ ଥାନାରେ

**■ ଥାନାରେ ପୀଡ଼ିତାଙ୍କ ଅଭିଯୋଗ**

**■ ପ୍ରେମ ଜାଲରେ ଫସାଇ କରିଥିଲା ଅପହରଣ**

**■ ସୁଧାର ଗୃହକୁ ଗଲେ ପୀଡ଼ିତା**

ଅଭିଯୋଗ କରିଥିଲେ। ଭୋଗରାଇ ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ତେବେ ହଠାତ ସମ୍ପୃକ୍ତ ନାବାଳିକା ସହିତ ତାଙ୍କ ମାତାପିତା ଓ ଓକିଲ ଆଜି ଭୋଗରାଇ ଥାନାରେ ପହଞ୍ଚିଥିଲେ। ପୁଲିସ ଓ ଗଣମାଧ୍ୟମ ସମ୍ମୁଖରେ କହିଥିଲେ ଯେ ଅବଦୁଲ ଗତ ୫ମାସ ହେଲା ତାଙ୍କ ଝିଅକୁ ଏକ ଘରେ ନଜରବନ୍ଦୀ କରି ରଖିଥିଲା। ସେଠାରେ ସେ ତା'ର ଧର୍ମ ପରିବର୍ତ୍ତନ କରିବା ସହ ସହଯୋଗୀଙ୍କ ସହ ବାରମ୍ବାର ଗଣଦୁଷ୍କର୍ମ କରିଥିଲା। ପୀଡ଼ିତାଜଣଙ୍କ ମଧ୍ୟ କହିଛନ୍ତି ଯେ ତାଙ୍କ ପଡ଼ୋଶୀ ଯୁବକମାନେ ଅବଦୁଲଙ୍କ ସହ ମିଶି ତାଙ୍କୁ ଘରୁ ଅପହରଣ କରିଥିଲା। ପ୍ରଥମେ ତାଙ୍କୁ ବାରିପଦାରେ ଏକ ଭଡ଼ାଘରେ ରଖି ସାଙ୍ଗସାଥୀଙ୍କ ସହ ମିଶି ଗଣଦୁଷ୍କର୍ମ କରିବା ପରେ ପୁଣି ବୈଶିଙ୍ଗାରେ ୧ ମାସ ରଖିଥିଲା। ପରେ ଅବଦୁଲ ତାଙ୍କୁ ନିଜ ଘରକୁ ନେଇ ଆସିଥିଲା। ଘରେ ସଂପର୍କୀୟଙ୍କ ସହ ମିଶି ଅବଦୁଲ ତାଙ୍କୁ ୫ମାସ ଧରି ଗଣଦୁଷ୍କର୍ମ କରି ଚାଲିଥିଲା। ଏହାସହ ଘରୁ ଗୋଡ଼ କାଢ଼ିଲେ, ଜୀବନରୁ ମାରିଦେବାର ଧମକ ଦେଉଥିଲା। ତେବେ ଘରେ କେହି ନଥିବାର ସୁଯୋଗ ନେଇ ସେ କୌଶଳକ୍ରମେ ସେଠାରୁ ଖସି ଆସିଛନ୍ତି ବୋଲି ନାବାଳିକାଜଣଙ୍କ କହିଛନ୍ତି।

## ଅକ୍ଟୋବର ୧୨ରେ ଓସିଏସ୍ ପ୍ରିଲିମିନାରୀ ପରୀକ୍ଷା

ଭୁବନେଶ୍ୱର, ୨୬।୮(ସମିସ): ଓଡ଼ିଶା ସିଭିଲ୍ ସର୍ଭିସ୍ (ଓସିଏସ୍) ପରୀକ୍ଷା ୨୦୨୪ ପ୍ରିଲିମିନାରୀ ପରୀକ୍ଷା ତାରିଖ ପ୍ରକାଶ ପାଇଛି। ଅକ୍ଟୋବର ୧୨ ତାରିଖରେ ପରୀକ୍ଷା କରିବା ପାଇଁ ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଚଳିତଥର ମୋଟ୍ ୨୦୦ ପଦ ପାଇଁ ଆଶାୟୀମାନେ ପରୀକ୍ଷା ଦେବେ। ଏହାସହ ଓସିଏସ୍-୨୦୨୩ର ପ୍ରମାଣପତ୍ର ଯାଞ୍ଚ ପାଇଁ ମଧ୍ୟ ବିଜ୍ଞପ୍ତି ପ୍ରକାଶ ପାଇଛି। ସେପ୍ଟେମ୍ବର ୬ରୁ ୧୮ ମଧ୍ୟରେ ପ୍ରମାଣପତ୍ର ଯାଞ୍ଚ ହେବ। ଏହା ମଧ୍ୟରେ କେବଳ ୧୩ତାରିଖ ଦିନ ବନ୍ଦ ରହିବ। କଟକସ୍ଥିତ ଓପିଏସ୍‌ସି କାର୍ଯ୍ୟାଳୟରେ ୨୯୩ ଜଣ ମହିଳାଙ୍କ ସମେତ ମୋଟ୍ ୮୦୬ଜଣ ଉତ୍ତୀର୍ଣ୍ଣ ପରୀକ୍ଷାର୍ଥୀଙ୍କ ପ୍ରମାଣପତ୍ର ଯାଞ୍ଚ କରାଯିବ ବୋଲି କୁହାଯାଇଛି।

# '୫-ଟି' ଓ 'ମୋ ସରକାର' ବ୍ୟବସ୍ଥାର କପି ପେଷ୍ଟ 'ଆମ ଶାସନ': ବିଜେଡି

ଭୁବନେଶ୍ୱର,୨୬।୮(ସମିସ): ରାଜ୍ୟ ସରକାରଙ୍କ ଦ୍ୱାରା ଆଜି ଆରମ୍ଭ କରାଯାଇଥିବା 'ଆମ ଶାସନ' ବ୍ୟବସ୍ଥା ପୂର୍ବ ସରକାରଙ୍କ ଦ୍ୱାରା ୨୦୧୯ ମସିହାରୁ କାର୍ଯ୍ୟକାରୀ ହୋଇ ଆସୁଥିବା '୫-ଟି' ଓ 'ମୋ ସରକାର' ବ୍ୟବସ୍ଥାର କପି ପେଷ୍ଟ। ବିରୋଧୀ ଦଳର ଦାୟିତ୍ୱ ନିର୍ବାହ କରିବା ସମୟରେ ବିଜେପି ଏହି ବ୍ୟବସ୍ଥାକୁ ସମାଲୋଚନା କରି ଆସୁଥିଲା। ତେବେ ସରକାରକୁ ଆସିବାର ୧୪ ମାସ ପରେ ସମାନ ବ୍ୟବସ୍ଥାକୁ କେବଳ ନାମ ପରିବର୍ତ୍ତନ କରି ଲାଗୁ କରିଛି ଏବଂ '୫-ଟି ଓ ମୋ ସରକାର' ବ୍ୟବସ୍ଥାର ଉପାଦେୟତାକୁ ବିଜେପି ସରକାର ସ୍ୱୀକାର କରିଛି ବୋଲି କହିଛି ବିଜେଡି ।

ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ଦଳର ଉପସଭାପତି ଅତନୁ ସବ୍ୟସାଚୀ ନାୟକ କହିଛନ୍ତି ଯେ ପୂର୍ବ ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ଅନେକ ଲୋକପ୍ରିୟ ଯୋଜନାକୁ କେବଳ ନାମ ପରିବର୍ତ୍ତନ କରି ଓ ପୂର୍ବ ସରକାରଙ୍କ ଦ୍ୱାରା ସମ୍ପୂର୍ଣ୍ଣ ହୋଇଥିବା ସରକାରୀ ଭବନ ଗୁଡିକର ରଙ୍ଗ ପରିବର୍ତ୍ତନ କରିବା ପ୍ରାଥମିକତା ହୋଇଛି। ପୂର୍ବତନ



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ବିଭିନ୍ନ ଯୋଜନା ଗୁଡିକ ଭିତରୁ ୨୪ଟି ଯୋଜନାର ନାମ ପୂର୍ବରୁ ହୋଇସାରିଥିଲା ଓ ଆଜି ଆରମ୍ଭ ହୋଇଥିବା 'ଆମ ଶାସନ' ବ୍ୟବସ୍ଥା ପରେ ଏହି ସଂଖ୍ୟା ୨୫କୁ ଛୁଇଁଲା। ନବୀନ ପଟ୍ଟନାୟକଙ୍କ ଦ୍ୱାରା ୨୦୧୯ ମସିହା ଗାନ୍ଧୀ ଜୟନ୍ତୀ ଦିନ ଆରମ୍ଭ ହୋଇଥିବା '୫-ଟି' ମୋ ସରକାର ବ୍ୟବସ୍ଥା ଜାତୀୟସ୍ତରରେ ବହୁ ପ୍ରଶଂସିତ

**■ '୫-ଟି ଓ ମୋ ସରକାର' ବ୍ୟବସ୍ଥାର ଉପାଦେୟତାକୁ ବିଜେପି ସ୍ୱୀକାର କରିଛି**

**■ ଆମ ଶାସନକୁ ମିଶାଇ ୨୫ ଯୋଜନାର ନାମ ପରିବର୍ତ୍ତନ କରି ଲାଗୁ ହୋଇଛି**

ହୋଇଥିଲା । କେନ୍ଦ୍ର ସରକାରଙ୍କ ସଂସ୍ଥା ନୀତି ଆୟୋଗ ଏହାକୁ ପ୍ରଶଂସା କରିଥିବା ବେଳେ ତତ୍କାଳୀନ କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ଏହାକୁ ପ୍ରଶଂସା କରିବା ସହିତ ଏହି ବ୍ୟବସ୍ଥାକୁ ଅନ୍ୟ ରାଜ୍ୟମାନେ ମଧ୍ୟ ଲାଗୁ କରିବା ଦରକାର ବୋଲି କହିଥିଲେ। କେନ୍ଦ୍ର ସରକାରଙ୍କ ସୁଶାସନ ଇଣ୍ଡେକ୍ସ ଓ ପ୍ରଧାନମନ୍ତ୍ରୀଙ୍କ ଅଫିସ ମଧ୍ୟ ଓଡ଼ିଶାର ଏହି ବ୍ୟବସ୍ଥାକୁ ପ୍ରଶଂସା କରିଥିଲେ; କିନ୍ତୁ ରାଜ୍ୟର ବିଜେପି ନେତା ମାନେ ଏହାକୁ ରାଜନୀତି କରି ସମାଲୋଚନା କରି ଆସୁଥିଲେ। ବର୍ତ୍ତମାନ କେବଳ ନାମ ପରିବର୍ତ୍ତନ କରି ସମାନ ବ୍ୟବସ୍ଥାକୁ ଲାଗୁ କରାଯାଇଛି। କେବଳ ନାମ ପରିବର୍ତ୍ତନ କରି ଏହାକୁ ଲାଗୁ କରିବା, ଖଡା ବଡି ଥୋଡ ନା ଥୋଡ ବଡି ଖଡା ସଦୃଶ୍ୟ ହୋଇଛି। ନାମ ବଦଳେଇ ବିଭିନ୍ନ ଯୋଜନାକୁ ରାଜ୍ୟ ସରକାର ଲାଗୁ କରିଥିଲେ ହେଁ, ଫିଡବ୍ୟାକ ବ୍ୟବସ୍ଥାରଅନୁପସ୍ଥିତ କାରଣରୁ ଏହି ଯୋଜନା ଗୁଡିକ ଅନ୍ତସାର ଶୂନ୍ୟ ହୋଇଯାଇଛି । ଜନସାଧାରଣ ଏହାର ସୁଫଳ ପାଇପାରୁ ନାହାନ୍ତି । ରାଜ୍ୟ ସରକାରଙ୍କ କାର୍ଯ୍ୟ କେବଳ କପି ପେଷ୍ଟରେ ସୀମିତ ହୋଇ ରହିଯାଇଛି।

## ୨୯ ତାରିଖକୁ ଛୁଟି ଘୋଷଣା କଲେ ମୁଖ୍ୟମନ୍ତ୍ରୀ

**■ ସେପ୍ଟେମ୍ବର ୧୩ ତାରିଖକୁ କାର୍ଯ୍ୟ ଦିବସ ଭାବେ ଘୋଷଣା**

ଭୁବନେଶ୍ୱର,୨୬।୮(ସମିସ): ଆସନ୍ତା ୨୯ ତାରିଖ(ଶୁକ୍ରବାର)କୁ ସରକାରୀ ଛୁଟି ଭାବେ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ୨୯ ତାରିଖ ନୂଆଖାଇର ପରଦିନ। ପଶ୍ଚିମ ଓଡ଼ିଶାର ସାଂସ୍କୃତିକ ଐତିହ୍ୟକୁ ସମ୍ମାନ ଦେଇ ମୁଖ୍ୟମନ୍ତ୍ରୀ ଉପରୋକ୍ତ ନିଷ୍ପତ୍ତି ନେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଏହା ପରିବର୍ତ୍ତେ ସେପ୍ଟେମ୍ବର ୧୩ତାରିଖ (ଦ୍ୱିତୀୟ ଶନିବାର)କୁ କାର୍ଯ୍ୟ ଦିବସ ଭାବେ ଘୋଷଣା କରାଯାଇଛି। ଏନେଇ ରାଜସ୍ୱ ବିଭାଗ ପକ୍ଷରୁ ମଧ୍ୟ ବିଜ୍ଞପ୍ତି ପ୍ରକାଶ ପାଇଛି।

ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ପ୍ରେସ୍ ବିଜ୍ଞପ୍ତି ଅନୁଯାୟୀ, କୃଷିଭିତ୍ତିକ ଗଣପର୍ବ ନୂଆଖାଇ ଅବସରରେ ପ୍ରତିବର୍ଷ ଛୁଟି ଘୋଷଣା କରାଯାଇଥାଏ। ଚଳିତବର୍ଷ ଅଗଷ୍ଟ ୨୯କୁ ଛୁଟି ଘୋଷଣା କରାଯାଇଛି। ତେବେ ନୂଆଖାଇ ପରଦିନ ମଧ୍ୟ ପଶ୍ଚିମ ଓଡ଼ିଶାବାସୀଙ୍କ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ସେ ଦିନ ଆତ୍ମୀୟସ୍ୱଜନମାନେ ପରସ୍ପର ସହ ସାକ୍ଷାତ କରି 'ନୂଆଖାଇ ଜୁହାର' କରନ୍ତି ଏବଂ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନିଅନ୍ତି। ପାରିବାରିକ, ସାମାଜିକ ଓ ସାଂସ୍କୃତିକ ଐତିହ୍ୟକୁ ସୁରକ୍ଷିତ କରିବା ଦିଗରେ ଏହା ଏକ ମହତ୍ୱପୂର୍ଣ୍ଣ ଦିନ। ଏହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ୨୯ ତାରିଖକୁ ସମସ୍ତ ସରକାରୀ କାର୍ଯ୍ୟାଳୟ ତଥା ମାଜିଷ୍ଟ୍ରେରିଆଲ କୋର୍ଟ (କାର୍ଯ୍ୟନିର୍ବାହୀ) ପାଇଁ ଛୁଟି ଘୋଷଣା କରିଛନ୍ତି। ସମାନ ଭାବେ ଉଚ୍ଚଶିକ୍ଷା ଏବଂ ଗଣଶିକ୍ଷା ବିଭାଗ ପକ୍ଷରୁ ମଧ୍ୟ ଶୁକ୍ରବାରକୁ ସରକାରୀ ଛୁଟି ଭାବେ ଘୋଷଣା କରାଯାଇଛି।

**ପରିବା କିଆରି ଜଗିଥିଲେ**

# ହାତୀ ଆକ୍ରମଣରେ ଦମ୍ପତି ମୃତ

ପାଇକମାଳ, ୨୬।୮ (ସମିସ): ବରଗଡ଼ ଜିଲ୍ଲା ପାଇକମାଳ ବ୍ଲକ୍ ଟେମରୀ ପଞ୍ଚାୟତ ଧାନ୍ଦୁପାଲି ଗାଁରେ ଆଜି ଏକ ହାତୀ ଆକ୍ରମଣରେ ଏକ ଦମ୍ପତିଙ୍କ ମୃତ୍ୟୁ ହୋଇଛି। ମୃତ ଦମ୍ପତି ହେଲେ, ଗାଁର ବଳରାମ ରଣା (୬୨) ଓ ତାଙ୍କ ପତ୍ନୀ ଶଶି ରଣା (୫୭) । ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା। ଖବର ପାଇ ବନ ବିଭାଗ ଘଟଣାସ୍ଥଳରୁ ଦମ୍ପତିଙ୍କ ଶବ

**ମୃତ ପରିବାରକୁ ୨ ଲକ୍ଷ ଟଙ୍କା କ୍ଷତିପୂରଣ**

ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାଯାଇଛି।

ସୂଚନାନୁଯାୟୀ, ବଳରାମ ଓ ଶଶି ନିଜର ଝାଳବୁହା ପରିଶ୍ରମରେ ଗାଁ ପାଖ ବାଡ଼ିରେ ପନିପରିବା ଫସଲ କରିଥିଲେ। କିଛି ଦିନ ହେବ ଗନ୍ଧମାର୍ଦ୍ଦନ ପାହାଡ଼ରୁ ଏକ ହାତୀପଲ ଅଞ୍ଚଳରେ ଉପଦ୍ରବ କରୁଥିବାରୁ ଫସଲକୁ ସୁରକ୍ଷା ଦେବା ପାଇଁ ଦୁହେଁ ଗତରାତିରେ ଜଗି ରହିଥିଲେ। ଏହି ସମୟରେ ଏକ ହାତୀପଲ ସେମାନଙ୍କ ପରିବା କ୍ଷେତକୁ ଆସି ବ୍ୟାପକ ଫସଲ ନଷ୍ଟ କରିଥିଲେ। ଏହାଦେଖି ସ୍ୱାମୀ-ସ୍ତ୍ରୀ ହାତୀପଲକୁ ଘଉଡ଼ାଇବାକୁ ଚେଷ୍ଟା କରିଥିଲେ। ହାତୀପଲ ମଧ୍ୟରୁ ଗୋଟିଏ ହାତୀ ସେମାନଙ୍କୁ ଆକ୍ରମଣ କରିଥିଲା। ଶୁଣ୍ଢରେ ଟେକି କଚାଡ଼ି ଦେବା ପରେ ପାଦରେ ଦଳିଦେଇଥିଲା। ଫଳରେ ଘଟଣାସ୍ଥଳରେ



ଦୁହିଁଙ୍କ ମୃତ୍ୟୁ ହୋଇଯାଇଥିଲା। ଆଜି ସକାଳୁ କିଛି ଗ୍ରାମବାସୀଙ୍କ ଏହା ଦେଖିବା ପରେ ବନ ବିଭାଗକୁ ଖବର ଦେଇଥିଲେ। ରେଞ୍ଜର୍ ହୃଦାନନ୍ଦ ମିଶ୍ର, ରଜନୀକାନ୍ତ ବଢ଼େଇ, ଦୋଳଗୋବିନ୍ଦ ବରିହା, ବସନ୍ତ ବାଗ, ରମେଶ ପ୍ରଧାନ, ଦିବାକର ବାଗ ପ୍ରମୁଖଙ୍କ ସମେତ ବନକର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ବାରମ୍ବାର ହାତୀପଲ ଉପଦ୍ରବ କରୁଥିବା ବେଳେ ବନ ବିଭାଗ ପକ୍ଷରୁ କୌଣସି ଠୋସ୍ ପଦକ୍ଷେପ ନିଆଯାଉନଥିବା ଅଭିଯୋଗ କରିଥିଲେ। ତେବେ ବନ ବିଭାଗ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପରେ ଦମ୍ପତିଙ୍କ ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ବନ ବିଭାଗ ପଠାଇଥିଲା।

ଅପରପକ୍ଷେ, ଖବର ପାଇ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ଓ ବ୍ଲକ୍ ପ୍ରଶାସନ ମୃତ ଦମ୍ପତିଙ୍କ ପରିବାରବର୍ଗଙ୍କୁ ଭେଟି ସମବେଦନା ଜଣାଇବା ସହ ଶୀଘ୍ର କ୍ଷତିପୂରଣ ଦେବାକୁ ସରକାରଙ୍କୁ ନିବେଦନ କରିଛନ୍ତି। ବନବିଭାଗ ତରଫରୁ ଅନୁକମ୍ପାମୂଳକ ଭାବେ ୨ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯାଇଛି। ଆଉ ୧୮ ଲକ୍ଷ ଦିଆଯିବ ବୋଲି ଡିଏଫ୍‌ଓ ସରୋଜ ପଣ୍ଡା ସୂଚନା ଦେଇଛନ୍ତି। ସେହିପରି ଟେମରୀ ସରପଞ୍ଚ ଦିଲୀପ ବେହେରା ପରିବାର ପାଖରେ ପହଞ୍ଚି ସମବେଦନା ଜଣାଇଛନ୍ତି।

## ବଜ୍ରପାତରେ ନଣନ୍ଦ-ଭାଉଜ ସମେତ ୩ ମୃତ

ଛତ୍ରପୁର, ୨୬।୮(ସମିସ): ଗଂଜାମ ଜିଲ୍ଲାରେ ଆଜି ବଜ୍ରପାତ ୩ ମହିଳାଙ୍କ ଜୀବନ ନେଇଛି। ସେମାନେ ହେଲେ, ଛତ୍ରପୁର ବ୍ଲକ ଅନ୍ତର୍ଗତ ସରଭୀମପୁର ଗ୍ରାମର କୁନି ଗୌଡ଼ ଓ ନିରୁପମା ଗୌଡ଼ ଏବଂ ଗଞ୍ଜାମ ବ୍ଲକ୍ ଅନ୍ତର୍ଗତ ରାଉଳିବନ୍ଧ ଗ୍ରାମର ମିନି ଗୌଡ଼। କୁନି ଓ ନିରୁପମା ସଂପର୍କରେ ନଣନ୍ଦ-ଭାଉଜ। ସମସ୍ତେ ଧାନ ବିଲରେ କାମ କରୁଥିବା ବେଳେ ବଜ୍ରପାତରେ ପ୍ରାଣ ହରାଇଛନ୍ତି।

ସୂଚନାନୁଯାୟୀ, କୁନି ଓ ନିରୁପମା ଆଜି ଦିନ ବେଳା ବିଲରେ କାମ କରୁଥିଲେ। ଅପରାହ୍ଣରେ କଳାହାଣ୍ଡିଆ ମେଘ ଘୋଟି ଆସିବା ସହ ଘନଘନ ବଜ୍ରପାତ ହୋଇଥିଲା। ଏହି ସମୟରେ ଦୁହିଁଙ୍କ ଉପରେ ଏକ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ଦୁହେଁ ଟଳି ପଡ଼ିଥିଲେ। ଏହା ଦେଖି ଗ୍ରାମବାସୀ ସେମାନଙ୍କୁ ଉଦ୍ଧାର କରି ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେତେବେଳକୁ ଦୁହିଁଙ୍କ ଦେହରେ ଆଉ ଜୀବନ ନଥିଲା। ଡାକ୍ତର ମୃତ ଘୋଷଣା କରିଥିଲେ। ସେହିପରି, ରାଉଳିବନ୍ଧ ଗ୍ରାମର ମିନି ମଧ୍ୟ ବିଲରେ ଧାନ ରୋଇବା ବେଳେ ବର୍ଷା, ବଜ୍ରପାତ ହୋଇଥିଲା। ତାଙ୍କ ଉପରେ ଗୋଟିଏ ବଜ୍ରପାତ ହୋଇଥିଲା। ତାଙ୍କୁ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ମେଡିକାଲରେ ପହଞ୍ଚି ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ସରକାରଙ୍କ ପକ୍ଷରୁ ତୁରନ୍ତ କ୍ଷତିପୂରଣ ପ୍ରଦାନ ଲାଗି ଚେଷ୍ଟା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ସାପ କାମୁଡ଼ାରେ ଭାଇ-ଭଉଣୀ ମୃତ

ବଣାଇଁ, ୨୬।୮ (ସମିସ): ସୁନ୍ଦରଗଡ଼ ଜିଲ୍ଲା ଚାନ୍ଦିପୋଷ ଥାନା ଅଞ୍ଚଳରେ ଆଜି ଏକ ଦୁଃଖଦ ଘଟଣା ଘଟିଛି। ସାପ କାମୁଡ଼ାରେ ଭାଇ-ଭଉଣୀଙ୍କ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ, ତାମଡ଼ା ପଞ୍ଚାୟତ ଝିରପାଣି ଗ୍ରାମର ଇସାକ ଏକ୍କାଙ୍କ ପୁଅ ଏମ୍ରୋଲନ ଏକ୍କା (୬) ଏବଂ ଝିଅ ଆବଲିନା ଏକ୍କା (୮) । ଗତରାତିରେ ସମସ୍ତେ ଖାଇପିଇ ଶୋଇଥିଲେ। ତେବେ ରାତି ପ୍ରାୟ ୧୧ଟା ବେଳେ ଏମ୍ରୋଲନ ଓ ଆବଲିନାଙ୍କୁ ଏକ ସାପ କାମୁଡ଼ି ଦେଇଥିଲା। ଏହି ଘଟଣା ଜଣାପଡ଼ିବା ପରେ ପରିବାରଲୋକେ ତାଙ୍କୁ ଚିକିତ୍ସା ପାଇଁ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଚାନ୍ଦିପୋଷ ପୁଲିସ୍ ଡାକ୍ତରଖାନାରେ ପହଞ୍ଚି ଶବଦ୍ୱୟକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ଏଥିସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଏହି ଖବର ପ୍ରଚାରିତ ହେବା ପରେ ଝିରପାଣି ଗ୍ରାମ ସମେତ ଆଖପାଖ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି।

**ସୃଷ୍ଟି ହେଲା ଲଘୁଚାପ**

# ଆଜିଠୁ ବଢ଼ିବ ବର୍ଷା

ଭୁବନେଶ୍ୱର,୨୬।୮(ସମିସ): ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହୋଇଛି। ଆସନ୍ତା୨୪ଘଣ୍ଟାମଧ୍ୟରେଏହାଅଧିକଘନୀଭୂତହେବାର ସମ୍ଭାବନା ରହିଛି। ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବ। ଏହି ଲଘୁଚାପ ଧୀରେଧୀରେ ଶକ୍ତିଶାଳୀ ହେଉଥିବାରୁ ପ୍ରାୟ ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ଜାରି ରହିବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ଓଡ଼ିଶା ସଂଲଗ୍ନ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ବିଶେଷ ଶକ୍ତି ଗୋଟାଇ ପାରୁନାହିଁ। ବୁଧବାର ଏହା ସେହି ସ୍ଥାନରେ ରହି ୨୯ରେ ସମ୍ଭବତଃ ଛତିଶଗଡ଼ରେ ପହଞ୍ଚିପାରେ। ତେବେ ଏହି ଲଘୁଚାପ ଯୋଗୁଁ ବୁଧବାର ରାଜ୍ୟର ଅଧିକାଂଶ ଅଞ୍ଚଳରେ ସକାଳ ଓଳି ପାଗ ଶୁଖିଲା ଓ ଖରାଟିଆ ରହିବ। ସକାଳ ୯-୧୦ଟା ପରେ ଭୁବନେଶ୍ୱରରେ ସମେତ କଟକ, ପୁରୀ, ଖୋର୍ଦ୍ଧା, ଗଞ୍ଜାମ ଓ ନୟାଗଡ଼ରେ ପାଗ ପରିବର୍ତ୍ତନ ଆସିବ ଓ ବର୍ଷା ହୋଇପାରେ। ରାଜ୍ୟର ଅନ୍ୟାନ୍ୟ ସ୍ଥାନରେ ଉପରବେଳା ୨ଟା ପରେ ପାଗ ମେଘୁଆ ସହିତ ସ୍ୱଳ୍ପ ବର୍ଷା ହୋଇପାରେ। ୨୮ ତାରିଖ ଗୁରୁବାରରେ ପାଗ ମଙ୍ଗଳବାର ପରି ହେବାର ସମ୍ଭାବନା ରହିଥିବା ବେଳେ ୨୯ରେ କେନ୍ଦ୍ରୀୟ ଓ ଉତ୍ତର ଓଡ଼ିଶା, ୩୦ରେ ଉତ୍ତର ଓ ପଶ୍ଚିମ ଓଡ଼ିଶା ଏବଂ ୩୧ରେ ପ୍ରାୟତଃ ଅଧିକାଂଶ ସ୍ଥାନରେ ସ୍ୱଳ୍ପ ଏବଂ ଅଳ୍ପ କେତେକ ସ୍ଥାନରେ ମଧ୍ୟମଧରଣର ବର୍ଷା ହୋଇପାରେ। ଅନ୍ୟପଟେ ୩ ବେଳକୁ ଆଉ ଏକ ଲଘୁଚାପ ସମ୍ଭାବନା ଥିବା ବେଳେ ତାହା ମଧ୍ୟ ବିଶେଷ ଶକ୍ତିଶାଳୀ ହୋଇପାରିବ ନାହିଁ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

**ବନ୍ୟା ପାଣିରେ ଉତ୍ତର ଓଡ଼ିଶା**

ରାଜ୍ୟର ବର୍ତ୍ତମାନ ବିଭିନ୍ନ ସ୍ଥାନରେ ସୃଷ୍ଟି ହୋଇଥିବା ବନ୍ୟା ସ୍ଥିତି ଯୋଗୁଁ ବହୁ ଅଞ୍ଚଳ ଜଳମଗ୍ନ ହୋଇଛି। ସୁବର୍ଣ୍ଣରେଖା ଏବେ ବି ଜାମଶୋଳା ଗେଟ୍ ଓ ରାଜଘାଟଠାରେ ବିପଦ ସଂକେତ ଉପରେ ପ୍ରବାହିତ ହେଉଛି। ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ କହିଛନ୍ତି ଯେ ଗତକାଲି ସୁବର୍ଣ୍ଣରେଖା ବେସିନ କି ଜାମଶୋଳା ଗେଟ୍‌ରେ ବେଶି ବର୍ଷା ହୋଇନି। ଆଖୁଆପଦାରେ ବୈତରଣୀ ବିପଦ ସଂକେତ ତଳେ ଅଛି। ସେହିପରି, ଦକ୍ଷିଣ ଓଡ଼ିଶାର ବଂଶଧରା, ନାଗାବଳୀ ଓ କୋଲାବରେ ସାମାନ୍ୟ ଅଧିକ ବର୍ଷା ହୋଇଛି। ହେଲେ ଅନ୍ୟ କେଉଁ ବେସିନରେ ବର୍ଷା ହୋଇନି। ହୀରାକୁଦରେ ୪ଟି ଗେଟ୍ ବନ୍ଦ ହେବାରୁ ୮ଟି ଗେଟ୍ ଦେଇ ଏବେ ଜଳ ନିଷ୍କାସନ ହେଉଛି। ମୁଣ୍ଡଳୀରେ ୩ଲକ୍ଷ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି, ଯାହା ସ୍ୱାଭାବିକ। ବାଲେଶ୍ୱରରେ ବନ୍ୟା ଯୋଗୁଁ ବସ୍ତା, ଭୋଗରାଇ, ବାଲିଆପାଳ ଓ ଜଳେଶ୍ୱର ପ୍ରଭାବିତ ହୋଇଛି। ଯାଜପୁର ଜିଲ୍ଲାର ଦଶରଥପୁର ବ୍ଲକ ଓ ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ, ତିହିଡି, ଧାମନଗର ବ୍ଲକ ବି ପ୍ରଭାବିତ ହୋଇଛି। ଯାଜପୁରରେ କାଣି ନଦୀ ଘାଇ ଯୋଗୁଁ ସର୍ବାଧିକ ପ୍ରଭାବିତ ହୋଇଛି।

# ଗଠନ ହେଲା ଶ୍ରୀମନ୍ଦିର ପରିଚାଳନା କମିଟି

**୧୦ ମନୋନୀତ ସଦସ୍ୟଙ୍କ ନାଁରେ ବାଜିଲା ମୋହର**

ପୁରୀ,୨୬।୮(ସମିସ): ଦୀର୍ଘ ବର୍ଷେ ୧୩ଦିନ ପରେ ଗଠନ ହୋଇଛି ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି। ଫଳରେ ନୂଆ କମିଟିକୁ ନେଇ ଯେଉଁ ଆଶା ଆଶଙ୍କା ଲାଗି ରହିଥିଲା, ସେଥିରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ରାଜ୍ୟ ସରକାରଙ୍କ ଆଇନ ବିଭାଗ ପକ୍ଷରୁ ମଙ୍ଗଳବାର ଏ ସଂକ୍ରାନ୍ତରେ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତିରେ କମିଟିର ମନୋନୀତ ୧୦ ସଦସ୍ୟଙ୍କ ନାଁରେ ମୋହର ମାରିଛନ୍ତି ରାଜ୍ୟ ସରକାର। ମନୋନୀତ ସଦସ୍ୟଙ୍କ ମଧ୍ୟରେ ଅଧିକ ନୂଆମୁହଁ ରହିଛନ୍ତି। ଶ୍ରୀମନ୍ଦିର ପରିଚାଳନା ପାଇଁ ୮ ନୂଆ ମୁହଁକୁ ନିଆଯାଇଥିବା ବେଳେ ୨ଜଣ ପୁରୁଣା ମୁହଁଙ୍କୁ ପୁଣି ସୁଯୋଗ ଦିଆଯାଇଛି।

ବିଜ୍ଞପ୍ତି ଅନୁଯାୟୀ, କମିଟିରେ ମୁକ୍ତିମଣ୍ଡପ ପକ୍ଷରୁ ଦେଉଳ ପୁରୋହିତ ଡ. ସିଦ୍ଧେଶ୍ୱର ମହାପାତ୍ରଙ୍କୁ ନିଆଯାଇଛି। ସେହିପରି ୫ ସେବାୟତ ନିଯୋଗ ପକ୍ଷରୁ ପୂଜାପଣ୍ଡା ନିଯୋଗରୁ ଜଗନ୍ନାଥ ପୂଜାପଣ୍ଡା, ପୁଷ୍ପାଳକ ନିଯୋଗରୁ ମଧୁସୂଦନ ସିଂହାରୀ, ପ୍ରତିହାରୀ ନିଯୋଗରୁ ରାମନାରାୟଣ ଗୋଚ୍ଛିକାର, ସୁଆର ମହାସୁଆର ନିଯୋଗରୁ କୃଷ୍ଣଚନ୍ଦ୍ର ସାମନ୍ତରାୟ ଏବଂ ଦଇତାପତି ନିଯୋଗରୁ ଗଣେଶ ଦାସମହାପାତ୍ର ସ୍ଥାନ ପାଇଛନ୍ତି। ସେହିପରି ମଠାଧୀଶଙ୍କ ପକ୍ଷରୁ ବଳରାମକୋଟ ମଠ ମହନ୍ତ ରଘୁବୀର ଦାସ ମହାରାଜ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଭାବେ ଏ.କେ. ସାବତ କମିଟିରେ ସ୍ଥାନ ପାଇଥିବା ବେଳେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ଦୁଇ ବୁଦ୍ଧିଜୀବୀ ଭାବେ ପୂର୍ବତନ ସିଏଜି ଡ. ଗିରୀଶ

**ବର୍ଷେ ପରେ ନୂଆ କମିଟି, ୮ ନୂଆମୁହଁ**

ଚନ୍ଦ୍ର ମୁର୍ମୁ ଏବଂ ସଂସ୍କୃତି ଗବେଷକ ମହେଶ କୁମାର ସାହୁ ସ୍ଥାନ ପାଇଛନ୍ତି।

ପରିଚାଳନା କମିଟିରେ ସ୍ଥାନ ପାଇଥିବା ୫ ସେବାୟତ ପ୍ରତିନିଧି ହେଉଛନ୍ତି ନୂଆ ମୁହଁ। ସେହିପରି ମୁକ୍ତିମଣ୍ଡପରୁ ଡ. ସିଦ୍ଧେଶ୍ୱର ମହାପାତ୍ର ପୂର୍ବରୁ ପରିଚାଳନା କମିଟି ସଦସ୍ୟ ରହିଥିଲେ। ତାଙ୍କୁ ପୁଣିଥରେ ସୁଯୋଗ ମିଳିଛି। ମଠାଧୀଶଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରିବା ପାଇଁ ମହନ୍ତ ରଘୁବୀର ଦାସ ମହାରାଜଙ୍କୁ ପ୍ରଥମଥର ସୁଯୋଗ ମିଳିଛି। ସେହିପରି କମିଟିରେ ସ୍ଥାନ ପାଇଥିବା ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଏ.କେ. ସାବତ ପୂର୍ବରୁ ସଦସ୍ୟ ରହି ସାରିଥିବା ବେଳେ ୨ ବୁଦ୍ଧିଜୀବୀ ହେଉଛନ୍ତି ନୂଆମୁହଁ। ତେଣୁ ୧୦ ମନୋନୀତ ସଦସ୍ୟଙ୍କ ମଧ୍ୟରୁ ୮ ନୂଆମୁହଁ ହୋଇଥିବା ବେଳେ ୨ଜଣ ପୁରୁଣା ସଦସ୍ୟଙ୍କୁ ପୁଣି ସୁଯୋଗ ଦିଆଯାଇଛି। ଅନ୍ୟପକ୍ଷରେ ୨୦୨୧ ଅଗଷ୍ଟ ୧୨ରେ ଗଠିତ ପରିଚାଳନା କମିଟିର ତିନିବର୍ଷିଆ କାର୍ଯ୍ୟକାଳ ଗତ ଅଗଷ୍ଟ ୧୧ରେ ଶେଷ ହୋଇଥିଲା। ପୁରୁଣା କମିଟି କାର୍ଯ୍ୟକାଳ ପୂରିବାର ବର୍ଷେ ପରେ ପରିଚାଳନା କମିଟି ପୁନର୍ଗଠିତ ହୋଇଛି।

ସୂଚନାଯୋଗ୍ୟ, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ସଂଖ୍ୟା ୧୮ । ଏହାର ସ୍ଥାୟୀ ଅଧ୍ୟକ୍ଷ ଗଜପତି ମହାରାଜା ରହିଥିବା ବେଳେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ରାଙ୍କର ଜଣେ ଅଧିକାରୀ କାର୍ଯ୍ୟକାରୀ ଅଧ୍ୟକ୍ଷ, ସଚିବ ରାଙ୍କର ଜଣେ ଅଧିକାରୀ ମୁଖ୍ୟ ପ୍ରଶାସକ, ଜିଲ୍ଲାପାଳ ଉପମୁଖ୍ୟ ପ୍ରଶାସକ, ଆଇନ ବିଭାଗର ଅତିରିକ୍ତ ସଚିବ, ଦେବୋତ୍ତର କମିଶନର, ଏସ୍‌ପି ଏବଂ ଏଏସ୍‌ଆଇ ଅଧୀକ୍ଷଣ ଯନ୍ତ୍ରୀ କମିଟିର ସଦସ୍ୟ ରହିଥା'ନ୍ତି। ଏମାନଙ୍କ ବାଦ୍ ଅନ୍ୟ ୧୦ ଜଣ ହେଉଛନ୍ତି ମନୋନୀତ ସଦସ୍ୟ। ଏମାନଙ୍କ ମଧ୍ୟରେ ୫ ଜଣ ସେବାୟତ ପ୍ରତିନିଧି, ଜଣେ ମଠ ପ୍ରତିନିଧି, ଜଣେ ମୁକ୍ତିମଣ୍ଡପ ପ୍ରତିନିଧି, ଜଣେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଏବଂ ଦୁଇଜଣ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠାଲାଭ କରିଥିବା ବ୍ୟକ୍ତି ରହିଥା'ନ୍ତି। ତେବେ ପରିଚାଳନା କମିଟିରେ ନିର୍ଦ୍ଦିଷ୍ଟ ୫ ସେବାୟତ ନିଯୋଗରୁ ସଦସ୍ୟ ପ୍ରତିନିଧିତ୍ୱ କରୁଛନ୍ତି। ଏହାକୁ ନେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା ଖୁଣ୍ଟିଆ ନିଯୋଗ। ରୋଟେସନ୍ ପଦ୍ଧତିରେ ବିଭିନ୍ନ ନିଯୋଗ ସଦସ୍ୟ ପ୍ରତିନିଧିଙ୍କୁ ସ୍ଥାନ ଦେବା ଲାଗି ଗୁହାରି କରିଥିଲା। ହେଲେ ନୂତନ କମିଟିରେ ସେମିତି କିଛି ଫରକ୍ ଦେଖିବାକୁ ମିଳିନାହିଁ। ପୂର୍ବରୁ ଯେଉଁ ନିଯୋଗରୁ ସଦସ୍ୟମାନେ ପ୍ରତିନିଧିତ୍ୱ କରୁଥିଲେ, ସେହି ନିଯୋଗରୁ ହିଁ ପ୍ରତିନିଧିତ୍ୱ କରିଛନ୍ତି।





# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI


•VOLUME- 43 •ISSUE-63 •WEDNESDAY •27 AUGUST 2025 •PAGE-12 •₹ 6.00

•ବର୍ଷ-୪୩ •ସଂଖ୍ୟା-୬୩ •ବୁଧବାର •୨୭ ଅଗଷ୍ଟ ୨୦୨୫ •ପୃଷ୍ଠା-୧୨ •ଟ.୬.୦୦


# ଆଜିଠୁ ୫୦% ଟ୍ରମ୍ପ୍ ଟାରିଫ୍

- ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ପାଇଁ ବିଜ୍ଞପ୍ତି ଜାରି
- ଆୟ କମିବ, ଚାକିରି ଯିବ, ହ୍ରାସ ପାଇବ ଅଭିବୃଦ୍ଧି
- ଫାର୍ମା କ୍ଷେତ୍ର ଉପରେ ୨୫୦% ଶୁଳ୍କ ଧମକ

■ ନୂଆଦିଲ୍ଲୀ, ୨୬।୮ (ଏଜେନ୍ସି): ବୁଧବାରଠାରୁ ଭାରତ ଉପରେ ଲାଗିବ ୫୦ % ଟ୍ରମ୍ପ ଟାରିଫ୍। ଭାରତୀୟ ସମୟ ଅନୁସାରେ ଏହି ଶୁଳ୍କ ବୁଧବାର ସକାଳ ୯ଟା ୩୧ ମିନିଟ୍‌ରୁ କାର୍ଯ୍ୟକାରୀ ହେବ। ଟ୍ରମ୍ପ ପ୍ରଶାସନ ଏ ସଂକ୍ରାନ୍ତରେ ବିଜ୍ଞପ୍ତି ଜାରି କରିଛି। ଆସନ୍ତାକାଲିଠାରୁ ଆମେରିକାକୁ ରପ୍ତାନୀ ହେବାକୁଥିବା ଭାରତୀୟ ସାମଗ୍ରୀ ଉପରେ ଫଳରେ ୫୦% ଶୁଳ୍କ ଲାଗିବ। ଟ୍ରମ୍ପଙ୍କ ଏହି ଟାରିଫ୍ ବୋମା କେବଳ ଆମେରିକୀୟ ଉପଭୋକ୍ତାଙ୍କ ପାଇଁ କଷ୍ଟପ୍ରଦ ହେବ ନାହିଁ, ଭାରତୀୟ ରପ୍ତାନୀକାରୀଙ୍କ ପାଇଁ ବି ମହଙ୍ଗା ସାବ୍ୟସ୍ତ ହେବାକୁ ଯାଉଛି। ଭାରତରୁ ଆମେରିକାକୁ ପ୍ରତିବର୍ଷ ବିଭିନ୍ନ କ୍ଷେତ୍ରରେ ପ୍ରାୟ ୮ ଲକ୍ଷ କୋଟି ଟଙ୍କାର ସାମଗ୍ରୀ ରପ୍ତାନୀ ହୋଇଥାଏ। ▶ପୃଷ୍ଠା-୭




# ରାଜ୍ୟରେ ଆରମ୍ଭ ହେଲା 'ଆମ ଶାସନ'

## ଲୋକଙ୍କ ପରାମର୍ଶ ହେଉଛି ସୁଶାସନର ମୁଖ୍ୟ ଉପାଦାନ: ମୁଖ୍ୟମନ୍ତ୍ରୀ

**କାର୍ଯ୍ୟକ୍ରମ ଓ ଯୋଜନା ସମ୍ପର୍କରେ ସିଧାସଳଖ ନିଆଯିବ ଲୋକଙ୍କ ମତାମତ**

**ୱେବସାଇଟ୍, ହ୍ୱାଟ୍ସଆପ୍, ଟୋଲ୍-ଫ୍ରି ନମ୍ବରରେ ଦେଇପାରିବେ ମତାମତ**



■ ଭୁବନେଶ୍ୱର, ୨୬।୮ (ସମିସ): ଶାସନ ବ୍ୟବସ୍ଥାରେ ରହିଥିବା ତ୍ରୁଟି ବିଚ୍ୟୁତି ବୁଝିବା, ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ସାଧାରଣ ଲୋକଙ୍କ ମତାମତ ନେବା, ସାଧାରଣ ସେବାଗୁଡ଼ିକ ସମ୍ପର୍କରେ ତଥ୍ୟ ସଂଗ୍ରହ ନିମନ୍ତେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ରାଜ୍ୟରେ ପ୍ରଚଳନ କରିଥିଲେ 'ମୋ ସରକାର' ବ୍ୟବସ୍ଥା। ଏହି ବ୍ୟବସ୍ଥାରେ ଲୋକମାନଙ୍କଠାରୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସିଧାସଳଖ ତଥ୍ୟ ସଂଗ୍ରହ କରୁଥିଲା ଓ ଲୋକମାନେ ମଧ୍ୟ ସରକାରୀ ସେବା, କାର୍ଯ୍ୟକ୍ରମ ଓ ଯୋଜନାରେ ରହୁଥିବା ତ୍ରୁଟିବିଚ୍ୟୁତି ସମ୍ପର୍କରେ ସିଧାସଳଖ ଆପତ୍ତି ଅଭିଯୋଗ କରିବାରେ ସକ୍ଷମ ହେଉଥିଲେ। ରାଜ୍ୟରେ କ୍ଷମତା ପରିବର୍ତ୍ତନ ପରେ ବିଜେପି ସରକାର 'ମୋ ସରକାର' ବ୍ୟବସ୍ଥାକୁ ବନ୍ଦ କରି ଦେଇଥିଲେ। ମାତ୍ର ଏବେ 'ମୋ ସରକାର' ଢାଞ୍ଚାରେ ରାଜ୍ୟ ▶ପୃଷ୍ଠା-୭



### ଶ୍ରୀ ଗଣେଶଙ୍କ ପୂଜା ପାଇଁ ଆଜିଠାରୁ ଚଳଚଞ୍ଚଳ ତାଳଚେର

# ଶହେରୁ ଅଧିକ ମଣ୍ଡପରେ ପୂଜା ପାଇବେ ପ୍ରଭୁ ଗଜାନନ

ତାଳଚେର, ୨୬।୮ (ସମିସ)

ଭାଦ୍ରବ ମାସ ଶୁକ୍ଳପକ୍ଷ ଚର୍ତୁଥି ତିଥିକୁ ତାଳଚେର ଅଞ୍ଚଳବାସୀଙ୍କ ସମେତ କୁନିକୁନି ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭକରି ବୟସ୍କ, ବୟସ୍କା ପର୍ଯ୍ୟନ୍ତ ପ୍ରଭୁ ଗଜାନନଙ୍କ ଆଶୀର୍ବାଦ ଭିକ୍ଷା ପାଇଁ ଅନାଇ ବସିଥାନ୍ତି। ଏଥିନେଇ ତାଳଚେର ସହର ଆଜିଠାରୁ ଚଳଚଞ୍ଚଳ ହୋଇପଡ଼ିଛି। ବଡ଼ଦାଣ୍ଡ ସାହିଠାରୁ ଆରମ୍ଭ କରି ହାଣ୍ଡିଧୂଆଁ ପର୍ଯ୍ୟନ୍ତ ୨୧ଟି ୱାର୍ଡରେ ବଡ଼ବଡ଼ ତୋରଣ ସହିତ ପୂଜାମଣ୍ଡପ ଉପରେ ଗଜାନନଙ୍କୁ ବସାଇବା ଆରମ୍ଭ କରିଦେଲେଣି। ତେଣୁ ତାଳଚେର ସହର ଠାରୁ ଆରମ୍ଭକରି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ



ପ୍ରତ୍ୟେକ ବିଦ୍ୟାଳୟ ଅନୁଷ୍ଠାନ, ପ୍ରତିଷ୍ଠାନଗୁଡ଼ିକରେ ପ୍ରଭୁ ଗଜାନନଙ୍କ ପୂଜାପାଇଁ ବ୍ୟାପକ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ଦେଖାଯାଇଛି। ସହର ମଧ୍ୟରେ ଛୋଟବଡ଼ କରି ପ୍ରାୟ ଶହେରୁ ଅଧିକ ପୂଜାମଣ୍ଡପରେ ଆସନ୍ତାକାଲି ଠାରୁ ପୂଜା ପାଇବାକୁ ଯାଉଛନ୍ତି। ଏଥିନେଇ ପୁଲିସ୍ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆଜିଠାରୁ ଆରମ୍ଭ ହୋଇଥିବା ଦେଖାଦେଇଛି। ସବୁ ଛକ ଓ ପୂଜାମଣ୍ଡପ ସ୍ଥାନଗୁଡ଼ିକରେ ପୁଲିସ ମୁତୟନ କରାଯାଇଛି ଏବଂ ୪ଟି ଅସ୍ଥାୟୀ କ୍ୟାମ୍ପ ନିର୍ମାଣ କରାଯାଇଛି। ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରୁ ମନୋହରି ଠାରୁ ଆରମ୍ଭକରି ଖେଳାନା, ଘରକରଣା ସାମଗ୍ରୀ, ବିଭିନ୍ନ ଆସବାବପତ୍ର, ଭିନ୍ନ ଭିନ୍ନ ଖାଦ୍ୟ ପଦାର୍ଥ ଦୋକି, ମୀନା ବଜାରର ଆସର ଜମିବାରେ ଲାଗିଛି। ମାତ୍ର ୧୧ଦିନ ବ୍ୟାପି ଏହି ପୂଜା ଅନୁଷ୍ଠିତ ହେବ। ପାଣିପାଗ ୩ଦିନ ଶୁଖିଲା ରହିଥିବା ବେଳେ ବିଭାଗ ସୂଚନାନୁଯାୟୀ, ଯଦି କାଲିଠାରୁ ଲଘୁଚାପ ଜନିତ ବର୍ଷା ଦେଖାଦିଏ ତେବେ ପ୍ରସିଦ୍ଧ ଗଣେଶ ପୂଜା ଫିକା ପଡ଼ିଯିବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନପାରେ। ପ୍ରକାଶ ଥାଉକି ଆଜିଠାରୁ ଜାତୀୟ ରାଜପଥରେ ଭାରୀଯାନ ଚଳାଚଳକୁ ନିଷିଦ୍ଧ କରାଯିବା ସହ ଚଳିତବର୍ଷ ହାଟତୋଟାଠାରେ ପ୍ରଜାମଣ୍ଡଳ ଭବନ ନିର୍ମାଣ କାର୍ଯ୍ୟ ଚାଲୁ ରହୁଥିବାରୁ ସେଠାରେ ପ୍ରତିବର୍ଷ ମୀନାବଜାର ତାଳଚେର କଲେଜ ପଡ଼ିଆକୁ ସ୍ଥାନାନ୍ତରିତ କରାଯାଇଛି।

### ■ ଚାନ୍ଦା ମାଗିଲେ ବନ୍ଧା ହେବେ

## ଜବରଦସ୍ତି ଟଙ୍କା ମାଗିଲେ ୧୧୨ରେ କଲ୍ କରିବାକୁ ପରାମର୍ଶ

ଅନୁଗୋଳ, ୨୬।୮ (ସମିସ): ପୂଜା ପାଇଁ ଚାନ୍ଦା ଆଦାୟକୁ ନେଇ କଠୋର ହୋଇଛି ପୁଲିସ ପ୍ରଶାସନ। ବେଆଇନ ଚାନ୍ଦା ଆଦାୟ ବିରୋଧରେ ଅନୁଗୋଳ ଏସ୍‌ପି ରାହୁଲ ଜୈନ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଏକ୍ଷେତ୍ରରେ ଶୂନ୍ୟ ସହନଶୀଳତା ନୀତି ଗ୍ରହଣ କରିବାକୁ ଜିଲ୍ଲାର ସବୁ ଥାନା ଅଧିକାରୀଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି ଏସ୍‌ପି। ବେଆଇନ ଚାନ୍ଦା ଆଦାୟ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଗିରଫ କରି କୋର୍ଟଚାଲାଣ କରାହେବ। କେହି ଜବରଦସ୍ତ ଚାନ୍ଦା ମାଗିଲେ ତୁରନ୍ତ ୧୧୨ରେ କଲ କରିବାକୁ କହିଛନ୍ତି। ସେହିପରି ତାଳଚେରରେ ଶୃଙ୍ଖଳିତ ଗଣେଶ ପୂଜା ଲାଗି ଅନୁଗୋଳ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ପୂଜାରେ ବରିଷ୍ଠ ଡିଏସପି ଓ ଆଇଆଇସିଙ୍କ ସହ ୮-୧୦ପ୍ଲାଟୁନ ଫୋର୍ସ ମୁତୟନ ହେବୋସହ ଆଣ୍ଟି ସ୍ନାଚିଂ ଟିମ୍ ନିୟୋଜିତ ହେବେ। ସବୁ ପୂଜାମଣ୍ଡପରେ ସିସିଟିଭି ଲାଗିବାସହ ଡିଜେକୁ ଅନୁମତି ଦିଆଯିବ ନାହିଁ। ସବୁ ପୂଜାମଣ୍ଡପକୁ ଏସଓପି ଜାରି କରାଯାଇଛି ବୋଲି ଏସ୍‌ପି କହିଛନ୍ତି। ପୂଜା ପୂର୍ବରୁ ଓଡ଼ିଶା ପୁଲିସର ଅପରେସନ ଗରୁଡ଼ ଜରିଆରେ ଅପରାଧ ନିରୋଧୀ କାର୍ଯ୍ୟକଳାପ ଅଂଶସ୍ୱରୂପ ୩୦୦ ଏନବିଡବ୍ଲ୍ୟୁ କାର୍ଯ୍ୟକାରୀ କରାଯାଇଛି। ବେଆଇନ ଅସ୍ତ୍ରଶସ୍ତ୍ର ଉପରେ ଚଢ଼ଉ କରାଯାଇ ୧୧ଟି ଦେଶୀ ବନ୍ଧୁକ ସମେତ ୫ଟି ପିସ୍ତଲ ଓ ୧୦ଟି ଜୀବନ୍ତ ଗୁଳି ଜବତ କରାଯାଇଥିବା ବେଳେ ୧୬ ଜଣଙ୍କୁ ଗିରଫ କରାଯାଇଛି। ମଦ୍ୟପାନ କରି ଗାଡ଼ି ଚାଳନା କରୁଥିବା ୪୦୦ ଜଣଙ୍କ ବିରୋଧରେ ମାମଲା ରୁଜୁ କରାଯିବା ସହ ଗାଡ଼ି ଜବତ କରାଯାଇଛି। ବେଆଇନ ମଦ କାରବାର ଉପରେ ଚଢ଼ଉ କରାଯାଇ ୧୩୫ଟି ମାମଲାରେ ଅଢ଼େଇ ହଜାରରୁ ଉର୍ଦ୍ଧ୍ୱ ଲିଟର ମଦ ଜବତ ହୋଇଛି ବୋଲି ଏସ୍‌ପି ସୂଚନା ଦେଇଛନ୍ତି।

## ମା’ ପିତାବଳୀ ଠାକୁରାଣୀଙ୍କ ବାର୍ଷିକ ପୂଜା

ନାଲକୋନଗର, ୨୬।୮ (ସମିସ): କାଣ୍ଡସର ଗ୍ରାମର ଆରାଧ୍ୟ ଗ୍ରାମଦେବୀ ପିତାବଳି ଓ ଖମ୍ବେଶ୍ୱରୀ ଠାକୁରାଣୀଙ୍କ ଦୁଇ ପୀଠରେ ବାର୍ଷିକ ପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ରଗୁଡ଼ି ସାହି ଏବଂ ଗଉଡ ସାହିର ଦିଅଁ ଘରଠାରୁ ଠାକୁରାଣିଙ୍କ ଆଲମ, ଚାମର, ଢୋଲ ବାଦ୍ୟର ଶୋଭାଯାତ୍ରାରେ ସାମିଲ ହୋଇ ଗ୍ରାମ ପରିକ୍ରମା କରି ପ୍ରଥମେ ୫୫ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ମା’ ପିତାବଳି ଠାକୁରାଣୀ ପୀଠରେ ପହଞ୍ଚି ଥିଲେ। ସେଠାରୁ ଗ୍ରାମର କପିଳେଶ୍ୱର ମନ୍ଦିର ନିକଟସ୍ଥ ଖମ୍ବେଶ୍ୱରୀ ପୀଠକୁ ଯାଇଥିଲେ। ପିତାବଳି ପୀଢ଼ଠାରେ ମାଜଣା ପର୍ବପରେ ପୂଜକ ଭାଗ୍ୟ ମହାଲିକ ମୁଖ୍ୟ ପୂଜା ଆରାଧନା କରିଥିଲେ। ପ୍ରତିଆର ରୁପେ ଦିଲ୍ଲୀପ ମହାଲିକ ମାନସିକଧାରୀ ଶ୍ରଦ୍ଧାଳୁ ମହିଳା ଭକ୍ତମାନେ ଆଲମ ଆସିବା ବେଳେ ଅଧିଆ ପଡ଼ିଥିଲେ। ମାନସିକଧାରୀ ଶିଶୁମାନଙ୍କର ମୁଣ୍ଡନ କରାଇଥିଲେ। ଜାତୀୟ ରାଜପଥ ଦୁର୍ଘଟଣା ପ୍ରବଣ ଚିହ୍ନଟ ମା’ ପିତାବଳିଙ୍କ ପୀଠସ୍ଥଳୀ ଠାକୁରାଣୀଙ୍କ ମହିମା ଏଅଞ୍ଚଳରେ ବେଶ ପ୍ରସିଦ୍ଧି ରହିଛି। ବାଟୋଇମାନେ ବର୍ଷ ତମାମ ପୀଠରେ ଭକ୍ତିପୂତ କାମନା କରିଥାନ୍ତି। ମା’ଙ୍କ ପୂଜା ଉତ୍ସବରେ ଗ୍ରାମବାସୀଙ୍କ ସମେତ ବହୁ ସଂଖ୍ୟାରେ ପଥିକମାନେ ଦେବୀଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ଗ୍ରାମର ବୋଇଦ ମହାଲିକ, ମାନସ ମହାଲିକ, ନିର ମହାଲିକ, ଛବି ମହାଲିକ, ଯୋଗେଶ୍ୱର ମହାଲିକ, ସୌଭାଗ୍ୟ ଚନ୍ଦ୍ର ପ୍ରଧାନ, ପ୍ରମୋଦ ସାହୁ, ରାଜା ନାୟକ, ମାନସ ମହାଲିକ ଓ ଗ୍ରାମବାସୀଙ୍କ ସହଯୋଗରେ ଶୃଙ୍ଖଳାର ସହ ପୂଜା ଉତ୍ସବ ଅନୁଷ୍ଠିତ ହୋଇଥିଲା।

## ଡିଏଚ୍‌ଏଚ୍‌ଓ ମେଡିକାଲ କଲେଜ୍ ସମନ୍ୱୟ ବୈଠକ

### ■ ଓପିଡିରୁ ହଟିଲା ଚପଲ କଟକଣା, ଦଲାଲଙ୍କୁ ଦମନ କରାଯିବ

ଅନୁଗୋଳ, ୨୬।୮ (ସମିସ): ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଡିଏଚଏଚ କର୍ତ୍ତୃପକ୍ଷ ଏବଂ ମେଡିକାଲ କଲେଜ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସିଡିଏମଓ ଡା. ମଦନ ମୋହନ ପ୍ରଧାନ, ହସ୍ପିଟାଲ ସୁପରିନଟେନଡେଣ୍ଟ ଡା. ମାନସ ରଞ୍ଜନ ବିଶ୍ୱାଳଙ୍କ ସମେତ ଅନ୍ୟ ପଦସ୍ଥ ଅଧିକାରୀ ଏବଂ କଲେଜର ଡିନ ଓ ପ୍ରିନ୍ସିପାଲ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଚପଲ ସମସ୍ୟା ନେଇ ଆଲୋଚନା ହୋଇଥିଲା ଏବଂ ଲୋକଙ୍କ ଦାବିକୁ ଦେଖି ଟ୍ରମା କେୟାର ଓପିଡିରେ ଚପଲ କଟକଣାକୁ ଉଠାଇ ଦିଆଯାଇଥିଲା। ପ୍ରତି ୱାର୍ଡ ପାଇଁ ଚପଲ କଟକଣା ବଳବତ୍ତର ରଖାଗଲା ବୋଲି ନିଷ୍ପତ୍ତି ହୋଇଛି। ଗଣେଶ ପୂଜା ପରେ ଅଲଟ୍ରାସାଉଣ୍ଡ ଓ ପାଥୋଲୋଜୀ ନୂଆ କୋଠାକୁ ଉଠାଇ ନିଆଯିବ। ଔଷଧ ବିତରଣ ଏବଂ ଟିକେଟ କାଉଣ୍ଟରରେ ଭିଡ଼କୁ ଦେଖି ଏହାକୁ କିଭଳି ସରଳ ଓ ସୁବିଧାଜନକ କରାଯିବ ସେଥିପାଇଁ ନିଷ୍ପତ୍ତି ନିଆଯାଇଛି। ପ୍ରସୂତି ବିଭାଗରେ ଦୁର୍ନୀତିକୁ ରୋକିବା ସହ ଦଲାଲମାନଙ୍କୁ ଧରିବା ପାଇଁ ବ୍ୟବସ୍ଥା କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ନୂଆ ସିଡିଏମଓ ଡା. ପ୍ରଧାନଙ୍କ ଏଭଳି ନିୟମିତ ସମୀକ୍ଷା ବୈଠକ ଓ ସମାଧାନ ଉଦ୍ୟମକୁ ସାଧାରଣରେ ପ୍ରଶଂସା କରାଯାଇଛି।

## ଅନୁଗୋଳରେ ଗଣେଶ ପୂଜା ବୈଠକ

ଅନୁଗୋଳ, ୨୬।୮ (ସମିସ): ଅନୁଗୋଳ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଉପଜିଲ୍ଲାପାଳ ମାୟାଧର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଗୋଳରେ ଗଣେଶ ପୂଜା ନିମନ୍ତେ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂଜା ଶାନ୍ତିଶୃଙ୍ଖଳାର ସହ କରିବା ପାଇଁ ଉପଜିଲ୍ଲାପାଳ ସମସ୍ତ କମିଟିଙ୍କ ସହଯୋଗ କାମନା କରିଥିଲେ। ବୈଠକରେ ଚାନ୍ଦା ଆଦାୟ, ଡିଜେ ବଜାଇବା ଓ ନିଶା ଦ୍ରବ୍ୟ ବ୍ୟବହାରକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ଶୃଙ୍ଖଳା, ଟ୍ରାଫିକ୍ ନିୟନ୍ତ୍ରଣ, ବିଦ୍ୟୁତ୍ ଯୋଗାଣ, ପରିମଳ ବ୍ୟବସ୍ଥା ବୈଠକରେ ଆଲୋଚନା କରାଯାଇଛି। ପୌରପାଳିକାରେ ଚଳିତ ବର୍ଷର ଆଇନ୍ ଶୃଙ୍ଖଳା ପରିସ୍ଥିତିର ଗମ୍ଭୀରତାକୁ ଦୃଷ୍ଟିରେ ରଖି ସାମୂହିକ ମେଲଣ ଭସାଣିକୁ ବାରଣ କରାଯାଇଛି। ଶାନ୍ତିଶୃଙ୍ଖଳାର ସହିତ ଭସାଣି ନିମନ୍ତେ ପ୍ରତି ପୂଜା କମିଟି ନିଜେ ନିଜ ଅନୁଷ୍ଠାନର ପୂଜା ଓ ଭସାଣି ନିମନ୍ତେ ଉପଯୁକ୍ତ ସମୟ ଓ ରୁଟଚାର୍ଟ ସହିତ ଆଇଆଇସି ଅନୁଗୋଳଙ୍କ ସହିତ ଆଲୋଚନା କରି ଉପଜିଲ୍ଲାପାଳଙ୍କ ଠାରୁ ଅନୁମତି ନେବା ପାଇଁ ସମସ୍ତ ପୂଜା କମିଟିର ସଭାପତି ସମ୍ପାଦକମାନଙ୍କୁ ଜଣାଯାଇଛି। ବୈଠକରେ ଅନୁଗୋଳ ତହସିଲଦାର ଆଲୋକ କୁମାର ଦେହୁରୀ, ଅନୁଗୋଳ ଉପଖଣ୍ଡ ପୁଲିସ ଅଧିକାରୀ ରମାକାନ୍ତ ମହାଲିକ, ଅନୁଗୋଳ ଆଇଆଇସି ଧିରେଶ ଦାସ, ଅନୁଗୋଳ ପୌରପାଳିକାର ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ, ସହକାରୀ ଜିଲ୍ଲାପାଳ ସୁକାନ୍ତ ସାହୁ, ସହକାରୀ ଜିଲ୍ଲାପାଳ ସଞ୍ଜୟ ନାୟକଙ୍କ ସମେତ ଗଣମାଧ୍ୟମର ପ୍ରତିନିଧି ଓ ପୂଜା କମିଟିର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ସାପ କାମୁଡ଼ାରେ ନାବାଳକର ମୃତ୍ୟୁ

ନାଲକୋନଗର, ୨୬।୮ (ସମିସ): ସାପ କାମୁଡାରେ ଜଣେ ନାବାଳକର ମୃତ୍ୟୁ ଘଟିଛି। ଅନୁଗୋଳ ଜିଲ୍ଲା ପବିତ୍ର ନଗର ଅଞ୍ଚଳର ପର୍ଶୁ ମୁଖୀଙ୍କ ପରିବାର ଲୋକେ ନାଲକୋ ଥାନା ଅଧୀନ କୁଲାଡ ଗ୍ରାମରେ ରହି ଶ୍ରମିକ ଭାବରେ କାର୍ଯ୍ୟ କରନ୍ତି। ତାଙ୍କ ପୁଅ ରଇନି ମୁଖୀ (୧୦) ଦିନ ୧୨ଟା ବେଳେ ଘର ପାଖରେ ଥିବା ଇଟାଗଦା ପାଖରେ ଖେଳୁଥିବା ବେଳେ ଗୋଟିଏ ସାପ ତାଙ୍କୁ କାମୁଡି ଦେଇଥିଲା। ଯାହାଫଳରେ ପରିବାର ଲୋକ ସାଙ୍ଗେ ସାଙ୍ଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି।

## ମା’ ମାହେଶ୍ୱରୀଙ୍କ ବାର୍ଷିକ ଉତ୍ସବ



ବଇଣ୍ଡା, ୨୬।୮ (ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ହଣ୍ଡପା ଗ୍ରାମରେ ଥିବା ମା’ ମାହେଶ୍ୱରୀ ଠାକୁରାଣୀଙ୍କ ବାର୍ଷିକ ପୂଜା ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଘଣ୍ଟ ବାଦ୍ୟ, ନାମ ସଂକୀର୍ତ୍ତନରେ ପୀଠ ଚଳଚଞ୍ଚଳ ହୋଇ ଉଠିଥିଲା। ଆଖ ପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ଯୋଗଦେଇ ମା’ଙ୍କ ଦର୍ଶନ କରିଥିଲେ। ସେହିପରି ନୁନୁକାପସି ଗ୍ରାମରେ ମଙ୍ଗଳବାର ଦିନ ମା’ମାହେଶ୍ୱରୀଙ୍କ ବାର୍ଷିକ ପୂଜା ପାଳିତ ହୋଇଯାଇଛି। ଆଖପାଖ ଗ୍ରାମରୁ ବହୁଶ୍ରଦ୍ଧାଳୁ ଯୋଗଦେଇଥିବା ବେଳେ ଗ୍ରାମବାସୀ ସହଯୋଗ କରିଥିଲେ।

## ଆଜି କେନ୍ଦ୍ରମନ୍ତ୍ରୀଙ୍କ ଜିଲ୍ଲା ଗସ୍ତ

ଅନୁଗୋଳ, ୨୬।୮ (ସମିସ): କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କର ବୁଧବାର ଦିନିକିଆ ଅନୁଗୋଳ ଜିଲ୍ଲା ଗସ୍ତ କାର୍ଯ୍ୟକ୍ରମ ରହିଛି। ଜିଲ୍ଲାର ବଣ୍ଟରପାଳ ଓ କଣିହାଁ ବ୍ଲକରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ଉଦ୍‌ଘାଟନ ଓ ଶିଳାନ୍ୟାସ କାର୍ଯ୍ୟରେ ଯୋଗଦେବେ। ବଣ୍ଟରପାଳ ବ୍ଲକ ଜୋରାଗାଡ଼ିଆ ଗ୍ରାମରେ ମହୀଧରପୁର ପୁରଠାରୁ ସନ୍ତ୍ରୀ ଛକ ପର୍ଯ୍ୟନ୍ତ ସୋଲାର ଷ୍ଟ୍ରିଟ ଲାଇଟ ପ୍ରକଳ୍ପ ସହ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ଉଦଘାଟନ କରିବେ। ସେଠାରୁ ବଣ୍ଟରପାଳ ଛକ ଦେଇ ତାଳଚେର ବାଇପାସ, ଗୋଡ଼ିବନ୍ଧ, ସମଲ ଦେଇ ଏନଟିପିସି ଛକଦେଇ କଣିହାଁରେ ପହଁଚିବେ। କଣିହାଁରେ ପ୍ରଜାମଣ୍ଡଳ ଭବନର ଭୂମିପୂଜନ କାର୍ଯ୍ୟରେ ଯୋଗଦେଇ କଣିହାଁ ପବିତ୍ର ମୋହନ ଉଚ୍ଚ ବିଦ୍ୟାଳୟର ବିଭିନ୍ନ ପ୍ରକଳ୍ପର ଭୂମିପୂଜନ ଓ ଉଦ୍‌ଘାଟନ କରିବେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ। କଣିହାଁରେ ଟିକିରା ନଦୀ ଉପରେ ଏକ ବ୍ରିଜର ଉଦ୍‌ଘାଟନ ପରେ ଦେବଗଡ଼ ଅଭିମୁଖେ ଯାତ୍ରା କରିବେ। କେନ୍ଦ୍ରମନ୍ତ୍ରୀଙ୍କ ଗସ୍ତ ନେଇ ବିଜେପି ପକ୍ଷରୁ ପ୍ରସ୍ତୁତି ଚାଲିଛି।

## ରାଜ୍ୟସ୍ତରୀୟ ଯୋଗାସନ ପ୍ରତିଯୋଗିତା; ଅନୁଗୋଳକୁ ସ୍ୱର୍ଣ୍ଣ

ଅନୁଗୋଳ, ୨୬।୮ (ସମିସ): ରାଜ୍ୟର ୬ଷ୍ଠ ତମ ଯୋଗାସନ ପ୍ରତିଯୋଗିତା କଳିଙ୍ଗ ଷ୍ଟାଡିୟମଠାରେ ଆୟୋଜିତ ହୋଇଯାଇଛି। ପ୍ରତିଯୋଗିତାରେ ଅନୁଗୋଳ ଜିଲ୍ଲାରୁ ୧୫ ଜଣ କ୍ରୀଡାବିତ୍ ଅଂଶଗ୍ରହଣ କରିଥିଲେ। ଫାଇନାଲ ରାଉଣ୍ଡରେ ନିକିତ କୁମାର ଯାଦବ, ସୁମିତ୍ରା ପ୍ରଧାନ, ସୁପ୍ରିୟା ପ୍ରଧାନ ଓ ସିନିଅର ମହିଳା ବିଭାଗରେ ଜୁଲି ନାୟକ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଟିମ ମ୍ୟାନେଜର ଭାବେ ସୁବ୍ରତ କୁମାର ବାରିକ ଓ ଟିମ୍ କୋଚ ଭାବେ ଆସିତ୍ କୁମାର ସାହୁ ଯୋଗ ଦେଇଥିଲେ। ଜାତୀୟ ସ୍ୱର୍ଣ୍ଣ ପଦକଧାରୀ ହୃଷିକେଶ ନାଏକ ମୁଖ୍ୟ କୋଚ୍ ଓ ରାଜ୍ୟର ଯୋଗ ବିଚାରକ ଭାବେ ଯୋଗଦେଇଥିଲେ। ସମସ୍ତ ପ୍ରତିଯୋଗୀଙ୍କୁ ଅୟସକାନ୍ତ ଦାସ, ସସ୍ମିତା ବେହେରା, ଗୌରଚରଣ ସାହୁ ଓ କମିଟି ତରଫରୁ ପ୍ରଶଂସା କରାଯାଇଛି।

## ଡ୍ରୋନ୍ ସର୍ଭେ କର୍ମଚାରୀଙ୍କୁ ଅଟକ ରଖିଲେ ଗ୍ରାମବାସୀ

ଛେଣ୍ଡିପଦା, ୨୬।୮ (ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ କୋଶଳା ଶିମିଳିସାହି ଗାଁ ନିକଟରେ ଡ୍ରୋନରେ ସର୍ଭେ କରାଯାଉଥିବା ବେଳେ ଗ୍ରାମବାସୀ ଡ୍ରୋନକୁ ଉଡ଼ାଉଥିବା କର୍ମଚାରୀଙ୍କୁ ଅଟକ ରଖିଛନ୍ତି। ଗ୍ରାମବାସୀଙ୍କ ବିନା ଅନୁମତିରେ କୋଶଳର ବିଭିନ୍ନ ଗାଁଗୁଡିକରେ ଦୁଇଦିନ ହେବ ଡ୍ରୋନ ଉଡୁଥିବାରୁ ଗ୍ରାମରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ସୂଚନାନୁଯାୟୀ, ଜିଲ୍ଲାରେ ସେଣ୍ଟ୍ରାଲ ମାଇନ ପ୍ଲାନିଂ ଏବଂ ଡିଜାଇନ ଇନଷ୍ଟିଚ୍ୟୁଟ ଲିମିଟେଡ୍ (ସିଏମପିଡିଆଇ) ପକ୍ଷରୁ ଜିଲ୍ଲାର ପଳାଶବଣି ପୂର୍ବ, ଟାକୁଆ ରାମଚଣ୍ଡୀ ପ୍ରୋମସନ ବ୍ଲକରେ ସର୍ଭେ କରିବା ପାଇଁ ଏମଏସ ଏଲଭୋଲର ପ୍ରାଇଭେଟ ଲିମିଟେଡକୁ ଦିଆଯାଇଥିଲା। ସିଏମପିଡିଆଇର ଚିଠି ଅନୁଯାୟୀ ଦୁଇଦିନ ହେବ ରାମଚଣ୍ଡୀ ପ୍ରୋମସନ ବ୍ଲକରେ କମ୍ପାନୀ ପକ୍ଷରୁ ଡ୍ରୋନ ସର୍ଭେ କରାଯାଇଥିଲା। ଗତକାଲିଠାରୁ ଏହି କାର୍ଯ୍ୟ ଚାଲିଥିବା ବେଳେ କିଏ ସର୍ଭେ କରୁଛି ଏବଂ କାହିଁକି ଡ୍ରୋନ ଉଡାଇଛି ସେନେଇ ଗ୍ରାମବାସୀ ଭୟଭୀତ ହୋଇଥିଲେ। ଏନେଇ କୋଶଳା ଗ୍ରାମ ସଭାପତିଙ୍କ ନେତୃତ୍ୱରେ ବହୁ ଖୋଜା ଖୋଜି କରିବା ପରେ ଆଜି ଜଳତାପ ଜଙ୍ଗଲରେ ଡ୍ରୋନ ସର୍ଭେ ହେଉଥିବା ଦେଖିବାକୁ ପାଇଥିଲେ। ସର୍ଭେ କରୁଥିବା କର୍ମଚାରୀମାନେ ସିଏମପିଡିଆଇ ନିର୍ଦ୍ଦେଶ ଅନୁଯାୟୀ କରୁଥିବା କହିଥିଲେ। ଗ୍ରାମବାସୀ କୋଶଳାଠାରେ ଥିବା ସିଏମପିଡିଆଇଙ୍କୁ ପଚାରିବାରୁ କୌଣସି ଅନୁମତି ଦେଇ ନଥିବା ପ୍ରକାଶ କରିଥିଲେ। ଫଳରେ ଗ୍ରାମବାସୀ ଡ୍ରୋନ ଉଡାଉଥିବା କର୍ମଚାରୀଙ୍କୁ କୋଶଳା ମା’ ରାମଚଣ୍ଡୀଙ୍କ ପୀଠ ନିକଟକୁ ଆଣି ଅଟକ ରଖିଛନ୍ତି। ବିନା ଅନୁମତିରେ ସିଏମପିଡିଆଇ ଡ୍ରୋନ ଉଡାଇବାକୁ ଗ୍ରାମବାସୀ ତୀବ୍ର ବିରୋଧ କରିବା ସହିତ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଛି।

## ମା’ ଖୁମ୍ବେଶ୍ୱରୀଙ୍କ ବାର୍ଷିକ କାଦୁଅ। ପୂଜା

ଅନୁଗୋଳ, ୨୬।୮ (ସମିସ): ସହରର ଉପକଣ୍ଠ ରାଣୀଗୋଡା ଗ୍ରାମର ଆରାଧ୍ୟ ଦେବୀ ମା’ ଖୁମ୍ବେଶ୍ୱରୀଙ୍କ ବାର୍ଷିକ କାଦୁଅ। ପୂଜା ଆନନ୍ଦଉଲ୍ଲାସର ସହିତ ପାଳିତ ହୋଇଯାଇଛି। ପୂର୍ବାହ୍ନ ୧୧ଟା ୩୦ରେ ସାମନ୍ତସାହିରେ ଥିବା ମା’ଙ୍କ ଦିଅଁଘରୁ ସୁସଜ୍ଜିତ ବିଜେ ପ୍ରତିମା ‘ଆଲମ’କୁ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା। ସବୁଜ କ୍ଷେତରେ ଥିବା ମା’ଙ୍କ ମନ୍ଦିରର ଆସ୍ଥାନରେ ରିତିନୀତି ଅନୁଯାୟୀ ପୂଜକ ଭାଗିରଥି ଦେହୁରୀ ତାଙ୍କ ସହଯୋଗୀଙ୍କ ଦ୍ୱାରା ପ୍ରଥମ ପୂଜା ଏବଂ ପରେ ବଡ଼ପୂଜା ସମ୍ପର୍ଣ୍ଣ ହୋଇଥିଲା। ମା’ଙ୍କୁ ଭକ୍ତିର ସହିତ ପୂଜା କଲେ ଭକ୍ତର ମନସ୍କାମନା ପୂରଣ ହୋଇଥାଏ ବୋଲି ଗ୍ରାମବାସୀ ତଥା ଆଖପାଖ ଗ୍ରାମର ଶ୍ରଦ୍ଧାଳୁମାନଙ୍କର ମା’ଙ୍କ ଠାରେ ପ୍ରଗାଢ ବିଶ୍ୱାସ ରହିଛି। ମା’ଙ୍କ ପୂଜାତିଥିରେ ଗ୍ରାମବାସୀଙ୍କ ସହ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁଙ୍କ ବେଶ ଭିଡ଼ ହୋବସହ ବହୁ ସଂଖ୍ୟକ ଶିଶୁମାନଙ୍କ ମୁଣ୍ଡନ କର୍ମ ହୋଇଥିଲା। ମା’ଙ୍କ ମନ୍ଦିରଟି ଚାଷ ଜମି ମଧ୍ୟରେ ଥିବାରୁ ଏବଂ ରାସ୍ତା ନ ଥିବା ହେତୁ ସୁରକ୍ଷା ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ପୂଜା ନିତି ସାରି ସନ୍ଧ୍ୟା ପୂର୍ବରୁ ମା’ଙ୍କ ଆଲମକୁ ତାଙ୍କ ଦିଅଁ ଘରକୁ ପ୍ରତ୍ୟାବର୍ତ୍ତନ କରି ଆଣିଥିଲେ। ଗ୍ରାମ ସଭାପତି କମଳଲୋଚନ ଦାସ ଗ୍ରାମବାସୀ ଗୋବିନ୍ଦ ଚନ୍ଦ୍ର ସାମନ୍ତ, ପ୍ରଫୁଲ୍ଲ ଦାସ, କୁମୁଦ ଦାସ, ସର୍ବେଶ୍ୱର ଦାସ, ଭବାନୀ ଦାସ, ରାଜକିଶୋର ବେହେରା, ଭାସ୍କର ବେହେରା, ନିତ୍ୟାନନ୍ଦ ବେହେରା, ଅଖୟ ସାମନ୍ତ, ବିଚିତ୍ରାନନ୍ଦ ସାମନ୍ତ, ବିରେନ ଦାସ, ତ୍ରିପୁର ବିଶ୍ୱାଳ, ମନ୍ଦର ବିଶ୍ୱାଳ, କନ୍ଦର୍ପ ବିଶ୍ୱାଳ, ଚତୁର୍ଭୁଜ ବିଶ୍ୱାଳ, ନିଶା ବେହେରା, ଦିବାକର ସାହୁ, ବନା ସାହୁ, ରମା ସାହୁ, ଶ୍ରୀନିବାସ ବେହେରା, ଆଭାସ ଦାସ, ହାପି ଦାସ, ଚିନ୍ମୟ ମହାପାତ୍ର, ମାନସ ମହାପାତ୍ର, କାଲୁ, ରଞ୍ଜନ ଦାସ, ଦିଲ୍ଲୀପ ଦାସ, ସିପୁନ ସାହୁ, ଶଙ୍କର ପରିଡ଼ା, ସନ୍ତୋଷ ସିଂହ, ଜ୍ଞାନୀ ମହାପାତ୍ର, କାଳିଆ ସାହୁ, ଅମୂଲ୍ୟ ସାହୁ, ସୁଧିର ସାହୁ, ମୁଟୁ ନନା ପୂଜା ପରିଚାଳନା କରିଥିଲେ।



## ଦୁଇ କ୍ରିକେଟରଙ୍କୁ ମଟରଚାଳିତ ହ୍ୱିଲ୍‌ଚେୟାର ଓ କିଟ୍ ପ୍ରଦାନ




ଅନୁଗୋଳ, ୨୬।୮ (ସମିସ): ଡିସିସି ଆଇ ଦ୍ୱାରା ଆୟୋଜିତ ହେବାକୁ ଥିବା ସ୍ୱତନ୍ତ୍ର ରୂପେ ସକ୍ଷମ କ୍ରିକେଟ ପ୍ରତିଯୋଗିତାରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ଦୁଇ ଜଣ ଅନୁଗୋଳ ଜିଲ୍ଲାର କ୍ରିକେଟରଙ୍କୁ ଆଜି ଜିଲ୍ଲାପାଳ ଅବଦାଲ ମୁହମ୍ମଦ ଅଖତର୍ ମଟରଚାଳିତ ହ୍ୱିଲ୍‌ଚେୟାର ଓ କ୍ରିକେଟ କିଟ୍ ପ୍ରଦାନ କରିଛନ୍ତି। କ୍ରିକେଟର ଟେଣ୍ଟୁଲେଇ କୁଡ଼ା ସାହିର ଧ୍ରୁବଚରଣ ପ୍ରଧାନ ଓ ମାଛକୁଟାର ନିର୍ମଳ କୁମାର ସେଠୀଙ୍କୁ ଜିଲ୍ଲାପାଳ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ସଫଳତା କାମନା କରିଥିଲେ। ଜିଲ୍ଲା କାର୍ଯ୍ୟାଳୟରେ ଜିଏମଡିସିର ସାମାଜିକ ଦାୟିତ୍ୱବୋଧ ଶାଖା ଗ୍ରାମ୍ୟ ବିକାଶ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏକନିରାଡ଼ମ୍ବର ସମାରୋହରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରିତିମୟ, ଜିଲ୍ଲା ସାମାଜିକ ନିରାପତ୍ତା ଅଧିକାରୀ ନାରାୟଣ ମହାପାତ୍ର ଏବଂ ଜିଏମଡିସି ବୈତରଣୀ ୱେଷ୍ଟ କୋଲ ବ୍ଲକ ପ୍ରକଳ୍ପ ମୁଖ୍ୟ କର୍ଣ୍ଣେଲ ସୁଶୀଲ ମିହ୍ନାସ୍ ପ୍ରମୁଖ ଉପସ୍ଥିତ ଥିଲେ। ସହାୟତା ପାଇଥିବା ଅନୁଗୋଳର ଦୁଇଖେଳାଳି ଜାତୀୟ ହ୍ୱିଲ୍‌ଚେୟାର ପ୍ରତିଯୋଗିତାରେ ଭାଗନେଇ ଜିଲ୍ଲାର ସୁନାମ ରଖିବାକୁ ଲକ୍ଷ୍ୟ ରଖିଥିବା ପ୍ରକାଶ କରିବାସହ ସହାୟତା ପାଇଁ ଜିଲ୍ଲାପାଳ ଓ ଜିଏମଡିସି କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇଥିଲେ। ସୂଚନାଯୋଗ୍ୟ ଯେ ଜିଏମଡିସି ପକ୍ଷରୁ ଛେଣ୍ଡିପଦା ଅଞ୍ଚଳରେ ରହୁଥିବା କ୍ରୀଡ଼ା ପ୍ରତିଭାଙ୍କ ଖେଳର ବିକାଶ ପାଇଁ ବିଭିନ୍ନ ସମୟରେ କ୍ରୀଡ଼ା ଉପକରଣ ଯୋଗାଇ ଦିଆଯାଇଛି।

## ବିଜ୍ଞାନର ଅଗ୍ରଗତି ପାଇଁ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ଗଢ଼ିତୋଳିବା ଏକାନ୍ତ ଜରୁରୀ




କଣିହାଁ, ୨୬।୮ (ସମିସ): ବ୍ରେକ୍ ଥ୍ରୁ ସାଇନ୍ସ ସୋସାଇଟି ସହବନ୍ଧିତ ବିଜ୍ଞାନ ଚେତନା ମଞ୍ଚ ଓଡ଼ିଶା ପକ୍ଷରୁ ଆୟୋଜିତ କରାଯାଉଥିବା ବିଜ୍ଞାନ ପାଇଁ ପଦଯାତ୍ରା ପରିପ୍ରେକ୍ଷୀରେ କଣିହାଁ ବ୍ଲକ ଅଧୀନସ୍ଥ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଜରଡାରେ ବିଜ୍ଞାନ ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ପଙ୍କଜିନୀ ପ୍ରଧାନଙ୍କ ସଭାପତିତ୍ୱରେ ସଭାରେ ବିଜ୍ଞାନ ଚେତନା ମଞ୍ଚ ଓଡ଼ିଶାର ଅନୁଗୋଳ ଜିଲ୍ଲା ସଂଯୋଜକ ମୁନା ନାଏକ ଯୋଗଦେଇ ଭାରତରେ ବିଜ୍ଞାନ ପାଇଁ ପଦଯାତ୍ରାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଆଲୋକପାତ କରିଥିଲେ। ବିଜ୍ଞାନ ଶିକ୍ଷକ ଭରତ ଚନ୍ଦ୍ର ବେହେରା ଓ ସଂସ୍କୃତ ଶିକ୍ଷକ ଶ୍ରୀକାନ୍ତ ମିଶ୍ର ବିଜ୍ଞାନର ବିଭିନ୍ନ ଅବଦାନ ଓ ତାର ସଠିକ ବ୍ୟବହାର ସହିତ ମୋବାଇଲ ଫୋନର ଦୁରୁପଯୋଗ ଓ ମାତ୍ରାଧୀକ ବ୍ୟବହାର ର କୁପରିଣାମ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ଡିଲେଶ୍ୱର ସାହୁ, ଶିବପ୍ରସାଦ ଦେହୁରୀ, ମଧୁସ୍ମିତା ସାହୁ ପ୍ରମୁଖ ସହଯୋଗ କରିଥିଲେ।

### ପଦ୍ମଶ୍ରୀ କବି ରାଧାମୋହନଙ୍କ ଜୟନ୍ତୀ

## କବିଙ୍କ ସାହିତ୍ୟରେ ପ୍ରାଚ୍ୟ ପାଶ୍ଚାତ୍ୟର ମିଳନ ଦେଖିବାକୁ ମିଳେ

ଅନୁଗୋଳ, ୨୬।୮ (ସମିସ)

ପଦ୍ମଶ୍ରୀ କବି ରାଧାମୋହନ ଗଡ଼ନାୟକଙ୍କ ସୃଷ୍ଟି ସମ୍ଭାରରେ ଛନ୍ଦବଦ୍ଧତା ପାଠକଙ୍କୁ ଯଥେଷ୍ଟ ଆତ୍ମିକ ତୃପ୍ତି ଦେଇଥାଏ। କବିଙ୍କ ରାଶିରାଶି ସୃଷ୍ଟିରୁ ବିଭିନ୍ନ ଉଦାହରଣ ଦେଇ ସେଥିରେ କିଭଳି ଶୃଙ୍ଗାର ଓ କରୁଣ ରସ ରହିଛି ତାହା ବର୍ଣ୍ଣନା କରିଥିଲେ ବିଶିଷ୍ଟ କବି ଅଶ୍ୱିନୀ କୁମାର ମିଶ୍ର। କବି ଶ୍ରୀ ଗଡ଼ନାୟକଙ୍କ ୧୧୪ ତମ ଜୟନ୍ତୀ ଅବସରରେ ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆୟୋଜିତ ଜୟନ୍ତୀ ସମାରୋହରେ ମୁଖ୍ୟଅତିଥି ରୂପେ ଯୋଗ ଦେଇ ଶ୍ରୀ ମିଶ୍ର କବିଙ୍କ ସାରସ୍ୱତ ସମ୍ଭାରରେ ପ୍ରାଚ୍ୟ ପାଶ୍ଚାତ୍ୟର ମିଳନ ଦେଖିବାକୁ ମିଳେ ବୋଲି ପ୍ରକାଶ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ, ଅନୁଗୋଳ ସାହିତ୍ୟ ସଂସଦ, ଜିଲ୍ଲା ଭାଷା ସାହିତ୍ୟ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସମାରୋହରେ ମୁଖ୍ୟବକ୍ତା ରୂପେ ବିଶିଷ୍ଟ ଶିଶୁ ସାହିତ୍ୟିକ ଡ. ସୁନାମଣି ରାଉତ ଏବଂ ପ୍ରାଧ୍ୟାପକ କୁମୁଦ ଚନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ସମାରୋହରେ ସମ୍ମାନିତ ଅତିଥି ରୂପେ ଅନୁଗୋଳ ମହାବିଦ୍ୟାଳୟର ଅଧ୍ୟକ୍ଷ ନୀଳାଞ୍ଚଳ ପଟେଲ ଯୋଗଦେଇ କବିଙ୍କ କାବ୍ୟ ପ୍ରତିଭାର ସ୍ମୃତିଚାରଣ କରିଥିଲେ। ଏକାଡେମୀର ସହ ସଚିବ ସଞ୍ଜୟ କୁମାର ଛୁଆଲସିଂହ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମାରୋହରେ କବିତା ଆବୃତ୍ତି ପ୍ରତିଯୋଗିତାର ବିଜୟୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଅନୁଗୋଳ ହାଇସ୍କୁଲର ଦିପ୍ତିପ୍ରୀୟଦର୍ଶିନି ବିନ୍ଧାଣୀ ପ୍ରଥମ, ଡିଏଭି ପବ୍ଲିକ ସ୍କୁଲ କଳିଙ୍ଗର ସୋହାନି ସ୍ମୃତିକୃପା ଦ୍ୱିତୀୟ ଏବଂ ଡିଏଭି ସାବିତ୍ରୀ ଜିନ୍ଦଲ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଅର୍ଚ୍ଚନା ପ୍ରଧାନଙ୍କୁ ତୃତୀୟ ପୁରସ୍କାର ମିଳିଥିଲା। କବୟିତ୍ରୀ ଇନ୍ଦିରା ଦାସ ମଞ୍ଚ ସଂଯୋଜନା ଓ ଯଦୁମଣି ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ। ସକାଳେ ଅନୁଗୋଳ କଲେଜ ପ୍ରାଙ୍ଗଣରେ ଥିବା ରାଧାମୋହନ ପାର୍କରେ କବିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।



**ପଦାରେ ପଡ଼ିଲା ସରକାରଙ୍କ ପାରିବାପଣିଆ**

# ଭତ୍ତା ପାଇଁ ଟଲିରେ ବୁହାହେଲେ ଶଯ୍ୟାଶାୟୀ ବୃଦ୍ଧା

ଭଦ୍ରେଶ୍ୱର,୨୬।୮ (ସମିସ):



ଡବଲ ଇଞ୍ଜିନ ସରକାରର ପ୍ରକୃତ ପାରିବାପଣିଆ ପଦାରେ ପଡିଛି। ମାତ୍ର ହଜାରେ ଟଙ୍କା ଭତ୍ତା ଆଣିବା ନିମନ୍ତେ ଜଣେ ଶଯ୍ୟାଶାୟୀ ବୃଦ୍ଧାଙ୍କୁ ୪କିମି ଦୂରରେ ଥିବା ବ୍ୟାଙ୍କକୁ ଟଲିରେ ବୁହାହୋଇ ଯିବା ଘଟଣାଟି ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। କ୍ଷମତାକୁ ଆସିଲେ ବିଜେପି ବୃଦ୍ଧବୃଦ୍ଧାଙ୍କୁ ୩ ହଜାର ୫୦୦ ଟଙ୍କା ଲେଖାଏଁ ଭତ୍ତା ପ୍ରଦାନ କରିବ ବୋଲି ନିର୍ବାଚନ ଇସ୍ତାହାରରେ ଘୋଷଣା କରିଥିଲା। ବିଜେପି ସରକାର ଓଡିଶାରେ କ୍ଷମତାକୁ ଆସିବାର ୧ବର୍ଷରୁ ଊର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ହୋଇସାରିଲାଣି। ବିଜେପି ଦେଇଥିବା ନିର୍ବାଚନ ପ୍ରତିଶ୍ରୁତିକୁ ଭୁଲିଗଲାଣି। ଏହାର ନଗ୍ନ ନମୁନା ମାହାଙ୍ଗା ନିର୍ବାଚନମଣ୍ଡଳୀରେ ଦେଖିବାକୁ ମିଳିଛି। ମାହାଙ୍ଗା ବ୍ଲକ ଚାହାପଡା ଗ୍ରାମପଞ୍ଚାୟତ ଭଅଁରାଜ ଗ୍ରାମର ସ୍ୱର୍ଗତ ବାବାଜି ସାହୁଙ୍କ ଧର୍ମପତ୍ନୀ ଶ୍ରୀମତୀ ସାହୁ ୯୧ବର୍ଷ ଅତିକ୍ରାନ୍ତ କରିଛି। ତାଙ୍କୁ ମାହାଙ୍ଗା ବ୍ଲକ ପ୍ରଶାସନ ତରଫରୁ ପ୍ରତିମାସରେ ଜାତୀୟ ଇନ୍ଦିରାଗାନ୍ଧୀ ପେନସନ ଯୋଜନାରେ ମାସିକ ମାତ୍ର ୧ହଜାର ଟଙ୍କା ଲେଖାଏଁ ଭତ୍ତା ପ୍ରଦାନ କରାଯାଉଛି। ଏହି ଭତ୍ତା ଟଙ୍କା ଛତ୍ରତୋଟାସ୍ଥିତ କାନାରା ବ୍ୟାଙ୍କ ଜମାଖାତାକୁ ଆସିଥାଏ। ଏହି ଭତ୍ତା ଟଙ୍କା ନେବା ପାଇଁ ଶ୍ରୀମତୀଙ୍କୁ ପ୍ରତିମାସରେ ବ୍ୟାଙ୍କକୁ ଆସି ବହୁ ହଟହଟାର ସମ୍ମୁଖୀନ ହେବାକୁ ପଡିଥାଏ। ତେବେ ବର୍ତ୍ତମାନ ବୟସର ଅପରାହ୍ନରେ ଶ୍ରୀମତୀ ଶଯ୍ୟାଶାୟୀ ହୋଇପଡିଛନ୍ତି। ତାଙ୍କର ଆଖିକୁ ଠିକ୍ ଭାବେ ଦେଖାଯାଉ ନାହିଁ। କାନକୁ ଶୁଭୁ ନାହିଁ। ଅଣ୍ଟା ଭାଙ୍ଗି ପଡିଥିବା କାରଣରୁ ସେ ସଳଖ ଭାବେ ଠିଆ ହୋଇପାରୁ ନାହାନ୍ତି। ତାଙ୍କର ଚର୍ମ ଧୁଡୁଧୁଡୁ ହୋଇପଡିଲାଣି। ଠିକ୍ ଭାବେ କଥା ମଧ କହି ପାରୁନାହାନ୍ତି। ଦେହ ହାତ ଥରୁଛି ଏପରିସ୍ଥଳେ ତାଙ୍କୁ ଆଜି ତାଙ୍କ ପରିବାର ତରଫରୁ ତାଙ୍କୁ ଏକ ଟଲିରେ ଅତ୍ୟନ୍ତ ଦୟନୀୟ ଭାବେ ଶୁଆଇ ଦିଆଯାଇ ବ୍ୟାଙ୍କକୁ ଅଣାଯାଉଥିବାର ଦେଖିବାକୁ ମିଳିଥିଲା। ଏହି ଘଟଣାକୁ ନେଇ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଥିଲା। ଏଠାରେ ସୂଚନା ଥାଉକି, ସମ୍ପୃକ୍ତା ବୃଦ୍ଧାଙ୍କୁ ୯୦ ବର୍ଷରୁ ଊର୍ଦ୍ଧ୍ୱ ହୋଇଥିଲେ ମଧ ବ୍ଲକ ପ୍ରଶାସନ ତରଫରୁ ଚଞ୍ଚକତା କରାଯାଇ ତାଙ୍କୁ ଏ ପର୍ଯ୍ୟନ୍ତ ରହସ୍ୟଜନକ ଭାବେ ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯାଇ ନ ଥିବାର ଅଭିଯୋଗ ହୋଇଛି। ଅପରପକ୍ଷରେ ଏହି ବ୍ଲକର ବହୁ ପଞ୍ଚାୟତରେ ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ପ୍ରଶାସନ ତରଫରୁ ତାଙ୍କ ଘରେ ସରକାରୀ କର୍ମଚାରୀଙ୍କ ସହାୟତାରେ ଭତ୍ତା ଅର୍ଥ ପ୍ରଦାନ କରାଯାଉଥିବାର ନଜିର ଥିଲା ବେଳେ ଏହି ବୃଦ୍ଧାଙ୍କୁ ଘରେ ଭତ୍ତା ଅର୍ଥ ପ୍ରଦାନ କରା ନ ଯିବା କାହା ସ୍ୱାର୍ଥରେ ବୋଲି ମତ ପ୍ରକାଶ ପାଇଛି।



# ଗଣେଶ ପୂଜା ପାଇଁ ଟାଙ୍ଗୀ ଅଞ୍ଚଳ ଉତ୍ସବମୁଖର

**ଟାଙ୍ଗୀ ବିଦ୍ୟାପୀଠ ପୁରାତନ ଛାତ୍ରଙ୍କ ପକ୍ଷରୁ ୧୫ ମଣ୍ଡପରେ ପୂଜା ପାଇବେ ଗଜାନନ**

ଟାଙ୍ଗୀ,୨୬।୮ (ସମିସ): ଅଗ୍ରପୂଜ୍ୟ ଶ୍ରୀଶ୍ରୀ ଗଜାନନଙ୍କ ପୂଜା ଉପଲକ୍ଷେ ଟାଙ୍ଗୀ-ଚୌଦ୍ୱାର ବ୍ଲକ ମୁଖ୍ୟାଳୟ ଟାଙ୍ଗୀ ଅଞ୍ଚଳ ଚଳଚଞ୍ଚଳ ରହିଥିବା ବେଳେ ଟାଙ୍ଗୀ ବିଦ୍ୟାପୀଠ ପୁରାତନ ଛାତ୍ରଙ୍କ ପକ୍ଷରୁ ବ୍ୟାଚ୍ ହିସାବରେ ୧୫ଟି ମଣ୍ଡପ ନିର୍ମାଣ ସହ ଶ୍ରୀ ଗଣେଶଙ୍କ ପୂଜା ସାଧାରଣରେ ଚର୍ଚ୍ଚାକୁ ଆସିଛି। ଅନ୍ୟପକ୍ଷରେ ୧୫ଟି ବ୍ୟାଚ ପକ୍ଷରୁ ୧୫ଟି କ୍ଲବ ଗଠନପୂର୍ବକ କିଙ୍ଗ, ଫିଡରି ବଏଜ୍, ମେସିନ୍, ଖିଲାଡ଼ି, ରାଇଜିଂ ଷ୍ଟାର, କିଲର, ବେଙ୍ଗଲ ଟାଇଗର, ଗୋଲ୍ଡେନ୍ ଷ୍ଟାର, ରୟାଲ ବଏଜ୍, ଗ୍ୟାଙ୍ଗଷ୍ଟାର, ରାଉଡ଼ି ବଏଜ୍, ମନଷ୍ଟର, ବଜରଙ୍ଗୀ, ୱାରିୟର ଓ ହଣ୍ଟର ନାମରେ ନାମିତ ଏହି କ୍ଲବଗୁଡିକ ଶାନ୍ତିଶୃଙ୍ଖଳାର ସହ ପୂଜା ପାଳନର ପ୍ରତିଶ୍ରୁତି ଦେଇଥିଲେ ହେଁ ସାମାଜିକ ବ୍ୟବସ୍ଥା ଅବିଭାବକଙ୍କ ଚିନ୍ତା ବୃଦ୍ଧି କରିଛି। ପ୍ରକାଶଥାଉକି, ଟାଙ୍ଗୀ ବିଦ୍ୟାପୀଠରୁ ମାଟ୍ରିକ ପାସ କରିଥିବା ୨୦୦୯ ମସିହା ବ୍ୟାଚ୍ ପ୍ରଥମେ ପୂଜା ଆରମ୍ଭ କରିଥିବାବେଳେ ପ୍ରତିବର୍ଷ ବ୍ୟାଚ ସଂଖ୍ୟା ବଢ଼ି ଏବେ ୧୫ରେ ପହଞ୍ଚିଛି। ପ୍ରତିବର୍ଷ ଗୋଟିଏ ଲେଖାଏଁ ମଣ୍ଡପ ବୃଦ୍ଧି ପାଉଥିବାବେଳେ ଆଗାମୀ ଦିନରେ ସଂଖ୍ୟା ଯଥେଷ୍ଟ ବୃଦ୍ଧିପାଇବ ବୋଲି ସୂଚନା ମିଳିଛି। ତେବେ ପ୍ରତିଯୋଗିତାମୂଳକ ମନବୃତ୍ତି ନେଇ ପୂଜା ଓ ଭସାଣି ଉତ୍ସବ ପାଳିତ ହେବା ପ୍ରଶାସନର ଚିନ୍ତା ବୃଦ୍ଧି କରିଛି।

## ଡିଜିଟାଲ ଫସଲ ସର୍ବେକ୍ଷଣ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



ନିଶ୍ଚିନ୍ତକୋଇଲି,୨୬।୮ (ସମିସ): ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ନିର୍ଦ୍ଦେଶକ୍ରମେ ନିଶ୍ଚିନ୍ତକୋଇଲି ବ୍ଲକ କୃଷି ଅଧିକାରୀ କାର୍ଯ୍ୟାଳୟ ପକ୍ଷରୁ ୨୦୨୫ ଖରିଫ ଋତୁରେ ଡ଼ିଜିଟାଲ ଫସଲ ସର୍ବେକ୍ଷଣ ସମ୍ପାଦନ ପାଇଁ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବ୍ଲକର ପ୍ରତ୍ୟେକ ପଞ୍ଚାୟତରେ ଥିବା କୃଷକ ସାଥୀଙ୍କୁ ନେଇ ଏହାର କାର୍ଯ୍ୟ ଯୋଜନା ଓ ମାନକ କାର୍ଯ୍ୟ ପ୍ରଣାଳୀ ସଂକ୍ରାନ୍ତ ତାଲିମ ପ୍ରଦାନ କରାଯାଇଛି। ଭାରପ୍ରାପ୍ତ ବ୍ଲକ କୃଷି ଅଧିକାରୀ ସୂର୍ଯ୍ୟକାନ୍ତ ସେଠୀଙ୍କ ପୌରହିତ୍ୟରେ ଏହି କାର୍ଯ୍ୟକ୍ରମରେ ବିଟିଏମ୍ ଅରବିନ୍ଦ ସାହୁ, ଏଟିଏମ୍ ନରୋତ୍ତମ ଦାସ, ବିଷ୍ଣୁପ୍ରିୟା ପଣ୍ଡା, କୃଷି ଓଭରସର ରବୀନ୍ଦ୍ରନାଥ ସାହୁ, ଗ୍ରାମ୍ୟ କୃଷି କର୍ମଚାରୀ ରଶ୍ମିରେଖା ସୁବୁଦ୍ଧି, ଦେବୀଲତା ସାମଲ, ଦୀପ୍ତିରେଖା ମଲିକ, ରଶ୍ମିରଞ୍ଜନ ବରିହା, ସ୍ମୃତିରଞ୍ଜନ ନାୟକ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ କାର୍ଯ୍ୟାଳୟ କର୍ମଚାରୀ ପବିତ୍ର ଦଳାଇ ଓ ରମେଶ ରାଉତ ପରିଚାଳନା କରିଥିଲେ।

## ତିନୋଟି ପ୍ରକଳ୍ପର ଶିଳାନ୍ୟାସ କଲେ ବିଧାୟକ



କିଶନନଗର,୨୬।୮ (ସମିସ): କଟକ ସଦର ଅନ୍ତର୍ଗତ କିଶନନଗର ପଞ୍ଚାୟତଠାରେ କଟକ ସଦର ବିଧାୟକ ଇଂ ପ୍ରକାଶଚନ୍ଦ୍ର ସେଠୀ ତିନୋଟି ପ୍ରକଳ୍ପର ଶିଳାନ୍ୟାସ କରିଥିବା ଜଣାପଡ଼ିଛି। ସେଥିମଧ୍ୟରୁ କିଶନନଗର କଲେଜରେ ଇ-ପାଠାଗାର ଓ ବାଳିକା ସାଧାରଣ ପ୍ରକୋଷ୍ଠ, ବାଲିସୁକ୍ରିଠାରେ କିଶନନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପାଠାଗାର ଉନ୍ନତିକରଣ, ସାମନ୍ତରାପୁର ରାମମନ୍ଦିର ଭୋଗ ମଣ୍ଡପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୀବ ପଟ୍ଟନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସାଧୁ ଜେନା, ଆମ୍ବ ଅଧ୍ୟକ୍ଷ ରମାପ୍ରସାଦ ବିଶ୍ୱାଳ, କିଶୋରନଗର ମଣ୍ଡଳ ସଭାପତି ଚିତ୍ତ ରଞ୍ଜନ ସାହୁଙ୍କ ସମେତ ବହୁ କର୍ମୀ ଯୋଗଦେଇଥିଲେ।

## ବିଲ୍ଡରଙ୍କ ଘେରାବନ୍ଦୀରେ ଚାଷଜମି ଜଳମଗ୍ନ; ଚାଷୀ ହତାଶ



ଫୁଲନଖରା,୨୬।୮ (ସମିସ): ବାରଙ୍ଗ ବ୍ଲକ ୪ନଂ ଜୋନ୍ ଅନ୍ତର୍ଗତ ନଗରୀ, ମହୀଧରପଡା, ଖଣ୍ଡାଗର, ବାଟପୁରଣ, ଦଳବାଡ ଆଦି ଚାଷପ୍ରଧାନ ଗ୍ରାମଗୁଡିକର ଥିବା ଏକର ଏକର ଜମି ଏବେ ଜଳମଗ୍ନ। ନିଜ କ୍ଷେତକୁ ନ ଯାଇ ପାରି ହତାଶ ଭିତରେ ଏବେ ଚାଷୀ। ବିଲ୍ଡରମାନେ ରାସ୍ତାକଡ ଚାଷଜମିକୁ ଘରବାଡି କିସମ୍‌ରେ ପରିବର୍ତ୍ତନ କରି ପାଚେରି କରିଦେବା ଫଳରେ ଚାଷୀମାନେ କୃଷି କାର୍ଯ୍ୟ ପାଇଁ ନିଜ କ୍ଷେତକୁ ଯିବା ଏବେ ଏକପ୍ରକାର ଅସମ୍ଭବ ହୋଇପଡିଛି। ଏହି ଅଞ୍ଚଳରେ ଥିବା ଚାଷଜମିଗୁଡିକରୁ ବର୍ଷାଜଳ ସଫେଇ ବାଟ ଦେଇ ବାଟପୁରଣ ଧନିଆରୂପା ଦେଇ ସହଜରେ ନିଷ୍କାସିତ ହୋଇଯାଉଥିଲା। ଏବେ ବିଲ୍ଡରମାନେ ପଥର ପାଚେରି ନିର୍ମାଣ କରିବା ସହିତ ଗୋଚର ଓ ପାଣି ନିଷ୍କାସନ ନାଳିକୁ ବାଲି ମାଟି ଓ ମାଳମାଳ ବ୍ରିଜ୍ କରିବା ଫଳରେ ଜଳ ନିଷ୍କାସନ ପଥ ସଂକୁଚିତ ହେବାରେ ଲାଗିଛି। ଦୀର୍ଘ ଦିନ ଧରି କ୍ଷେତରେ ପାଣି ଜମି ରହିବା ଫଳରେ ଚାଷ କ୍ଷତିଗ୍ରସ୍ତ ହେବା ସଙ୍ଗେ ସଙ୍ଗେ ଚାଷୀ ମଧ ଚାଷ କାର୍ଯ୍ୟ ପ୍ରତି ହତାଶ ହେଉଛନ୍ତି। ଚାଷୀମାନେ ଏ ବିଷୟରେ ବାରମ୍ବାର ତହସିଲଦାର, ସବ୍ କଲେକ୍ଟର ମହୋଦୟଙ୍କୁ ଜଣାଇଥିଲେ ମଧ ତାହାର ଅଦ୍ୟାବଧି କୌଣସି ସୁଫଳ ମିଳିପାରି ନାହିଁ। ସମସ୍ୟାର ତୁରନ୍ତ ସମାଧାନ ପାଇଁ ପଦକ୍ଷେପ ଗ୍ରହଣ ନ କଲେ ଶହ ଶହ ଏକର ଧାନଜମି ନଷ୍ଟ ହୋଇଯିବ ବୋଲି ଚାଷୀମାନେ ଆଶଙ୍କା କରିଛନ୍ତି।

## ମହିଳା ମହାବିଦ୍ୟାଳୟ ସଭାପତିଙ୍କ ପରଲୋକ



କଣ୍ଟାପଡା,୨୬।୮ (ସମିମ): କଣ୍ଟାପଡ଼ା ବ୍ଲକ୍ ଗୋବିନ୍ଦପୁର ମହିଳା ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ତଥା ଗୋବିନ୍ଦପୁର ମହାବିଦ୍ୟାଳୟ ପ୍ରତିଷ୍ଠାତା ସମ୍ପାଦକ ସ୍ୱର୍ଗତ କାଳନ୍ଦୀ ଚରଣ ପାଇକରାୟଙ୍କ ପତ୍ନୀ ମଞ୍ଜୁଶ୍ରୀ ପାଇକରାୟ (୭୩)ଙ୍କ ଭୁବନେଶ୍ୱରର ଏକ ଘରୋଇ ଡ଼ାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସଂପନ୍ନ ହୋଇଛି। ବଡ ପୁଅ ଦେବାଶିଷ ପାଇକରାୟ ମୁଖାଗ୍ନି ପ୍ରଦାନ କରିଥିବାବେଳେ ଶେଷକୃତ୍ୟ କାର୍ଯ୍ୟକ୍ରମରେ ୩ଟି ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ।

## ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟାଙ୍କ ଶ୍ରାଦ୍ଧବାର୍ଷିକୀ

କିଶନନଗର,୨୬।୮ (ସମିସ): ୪୬ ନମ୍ବର ଜୋନର ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ଦିବଙ୍ଗତ ସଂଯୁକ୍ତା ରାଉତଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉତ୍ସବ ତାଙ୍କ ନାମରେ ଗଠିତ ସାମାଜିକ ସଂଗଠନ ସଂଯୁକ୍ତା ମେମୋରିଆଲ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ କିଶନନଗର ଥାନା ନିଜ ଗ୍ରାମ ସୋଗଲରେ ପାଳିତ ହୋଇଯାଇଛି। ଟ୍ରଷ୍ଟ ରାଜ୍ୟ ସଂଯୋଜକ ଇଂ ସେବକ ଶ୍ରୀକାନ୍ତଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ମ୍ୟାନେଜିଙ୍ଗ ଟ୍ରଷ୍ଟି ତଥା ସଂଯୁକ୍ତାଙ୍କ କନିଷ୍ଠପୁତ୍ର ଯୁବ ସମାଜସେବୀ ସନ୍ତୋଷ ରାଉତ ପ୍ରାରମ୍ଭିକ ସୂଚନା ଦେଇଥିଲେ। କଟକ ସଦର ବିଧାୟକ ଇଂ.ପ୍ରକାଶ ଚନ୍ଦ୍ର ସେଠୀ, ବିଜେପି କଟକ ଜିଲ୍ଲା ସଭାପତି ରାମନାରାୟଣ ମହାନ୍ତି, ସାମ୍ବାଦିକ ଅକ୍ଷୟ ଦାସ, ସରସ୍ୱତୀ କଳା ପରିଷଦ କନ୍ଦରପୁର ସମ୍ପାଦକ ନାଟ୍ୟକାର ଆଶୋକ ପଟ୍ଟନାୟକ, ସୀତାରାମ ପଣ୍ଡା, ଲୋକଭାଷାର ସମ୍ପାଦକ



ଶୁକଦେବ ପରିଡ଼ା, ଆୟତପୁର ପଞ୍ଚାୟତ ସରପଞ୍ଚ ରାକେଶ ବେହେରା, ଶୁକଦେବ ରାଉତ, ପ୍ରକାଶ ଚନ୍ଦ୍ର ରାଉତ, ପୂର୍ଣ୍ଣଚନ୍ଦ୍ର ରାଉତ, ସୂର୍ଯ୍ୟକାନ୍ତ ରାଉତ, ଚନ୍ଦ୍ରକାନ୍ତ ରାଉତ, ଅସିତ ମହାନ୍ତି, ତାପସ ରଞ୍ଜନ, ରମେଶ ରାଉତ, ତ୍ରିଲୋଚନ ପାତ୍ର, କିଶୋର ମହାନ୍ତି, ସ୍ମୃତି ରଞ୍ଜନ ମହାନ୍ତି, ପ୍ରଦୀପ୍ତ ବସ୍ତିଆ, ବଟକୃଷ୍ଣ ମହାନ୍ତି, ବୋହୂ ସୋନାଲି ପୁହାଣ, ପଦ୍ମିନୀ ରାଉତ, ନାତି ସୌଭାଗ୍ୟ, ନାତୁଣୀ ସଂପୂର୍ଣ୍ଣା, ସ୍ୱାମୀ ବରିଷ୍ଠ ସମାଜସେବୀ ବଲ୍ଲଭ ରାଉତ, ଆତ୍ମୀୟସ୍ୱଜନ ଯୋଗଦାନ କରିଥିଲେ। ଟ୍ରଷ୍ଟ ପକ୍ଷରୁ ଉଲ୍ଲେଖନୀୟ ସଫଳତା ନେଇ ବହୁ ପ୍ରତିଭାଧରଙ୍କୁ ସଂଯୁକ୍ତା ଦେବୀ ସ୍ମୃତି ସମ୍ମାନ-୨୦୨୫ ପ୍ରଦାନ ସହ ଚାରା ବଣ୍ଟନ କରାଯାଇଥିଲା। ଜ୍ୟେଷ୍ଠ ପୁତ୍ର ଇଂ ବସନ୍ତ ରାଉତ ଧନ୍ୟବାଦ ଦେଇଥିଲେ।

## ଆହତ ବୃଦ୍ଧାଙ୍କୁ ସେବା ଯୋଗାଇଲେ ପୌରାଧ୍ୟକ୍ଷା

ଚୌଦ୍ୱାର,୨୬।୮ (ସମିସ): ରାସ୍ତାରେ ପଡ଼ି ଗୁରୁତର ଆହତ ଜଣେ ୮୬ ବର୍ଷିୟା ବୃଦ୍ଧାଙ୍କୁ ଚୌଦ୍ୱାର ପୌରାଧ୍ୟକ୍ଷା ଉଦ୍ଧାର କରି ଚିକିତ୍ସା ଯୋଗାଇବା ସହିତ ତାଙ୍କୁ ତାଙ୍କ ଘରେ ଛାଡ଼ିଛନ୍ତି। ଚୌଦ୍ୱାର ପୌରପାଳିକା ଅଧୀନ ଗୌସ ନଗର ବାସିନ୍ଦା କମନାରାଣୀ ଗୁହା ଏକୁଟିଆ ପୁରୀ ଯାଇ ଜଗନ୍ନାଥ ଦର୍ଶନ ସାରି ନିଜ ଘରକୁ ଫେରୁଥିବା ବେଳେ ଗାନ୍ଧୀଛକସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ସମ୍ମୁଖ ରାସ୍ତାରେ ହଠାତ୍ ପଡ଼ିଯାଇ ଆହତ ହେବା ସହିତ ଚେତାଶୂନ୍ୟ ହୋଇଯାଇଥିଲେ। ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ ଏହା ଦେଖି ତାଙ୍କୁ ରାସ୍ତାରୁ ଉଠାଇ ନିକଟସ୍ଥ ମେଡ଼ିକାଲରେ ଚିକିତ୍ସା କରାଇବା ସହିତ ତାଙ୍କୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ।

## ଇଦ୍-ମିଲାଦୁନ-ନବି ପ୍ରସ୍ତୁତି ବୈଠକ



କିଶନନଗର,୨୬।୮ (ସମିସ): କଟକ ସଦର ଅନ୍ତର୍ଗତ ତଥା କିଶନନଗର ଥାନା ଅଞ୍ଚଳରେ ଆସନ୍ତା ମାସ ୫ ତାରିଖରେ ମହମ୍ମଦଙ୍କ ଜନ୍ମ ଦିବସରେ ହେବାକୁ ଥିବା ମୁସଲମାନମାନଙ୍କ ପବିତ୍ର ଭାଇଚାରାର ପର୍ବ ଇଦ୍-ମିଲାଦୁନ୍-ନବି କାର୍ଯ୍ୟକ୍ରମକୁ ସୁଚାରୁରୂପେ ଶାନ୍ତିଶୃଙ୍ଖଳାର ସହ ପାଳନ କରିବାକୁ ସୋମବାର ରାତିରେ କିଶନନଗର ଥାନାରେ ଥାନା ଅଧିକାରିଣୀ ଦୁର୍ଗେଶନନ୍ଦିନୀ ମହାନ୍ତିଙ୍କ ପୌରହିତ୍ୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରୁସ୍ତମ ମହମ୍ମଦ, ଅବଦୁଲ ୱାହିଦ ଖାଁ, ଆଜାଦ୍ ଅଲ୍ଲୀ ଖାଁ, ସେକ୍ ଇଲିଆସ୍ ଅଲ୍ଲୀ, ଲିୟାକତ୍ ଅଲ୍ଲୀ ଖାଁ, ସରାଫତ୍ ଅଲ୍ଲୀ ଖାଁ, କୌଶର ଅଲ୍ଲୀ, ଫିରଦୋଷ ହୁସେନ, ଆସିଫ୍ ଅଲ୍ଲୀ ଖାଁ, ସଫିକ୍ ଅହମ୍ମଦ, ସୟଦ ନୁର ଅଲ୍ଲୀ, ସିରାଜ ବେଗ୍, ହାଫିଜ୍ ଉଦ୍ଦିନ ଖାଁ, ଅବଦୁଲ ବୁରହାନ ପ୍ରମୁଖ ବହୁ ବ୍ୟକ୍ତିବିଶେଷ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ବ୍ରାହ୍ମଣଝରିଲୋ କଲେଜରେ ନବାଗତଙ୍କ ସ୍ୱାଗତ

ଫୁଲନଖରା,୨୬।୮ (ସମିସ): ବାରଙ୍ଗ ବ୍ଲକ ଅନ୍ତର୍ଗତ ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟର ଇତିହାସ ବିଭାଗରେ ଏକ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଶକୁନ୍ତଳା ସାମଲ ଏହି ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟଅତିଥି ଭାବରେ ଯୋଗ



ଦେଇଥିଲେ। ବିଭାଗୀୟ ମୁଖ୍ୟ ତଥା ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ. ବଂଶୀଧର ଦାଶ କାର୍ଯ୍ୟକ୍ରମକୁ ପୌରହିତ୍ୟ କରୁଥିବା ବେଳେ ଅନ୍ୟାନ୍ୟ ଅଧ୍ୟାପକ-ଅଧ୍ୟାପିକାମାନେ ଉପସ୍ଥିତ ଥିଲେ। ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀଙ୍କ ଦ୍ୱାରା ନବାଗତଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା କରାଯାଇଥିଲା। ଛାତ୍ରୀ ସୁଭଦ୍ରା ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।

## ତମାଖୁମୁକ୍ତି ସଚେତନତା କାର୍ଯ୍ୟକ୍ରମ



ଚୌଦ୍ୱାର,୨୬।୮ (ସମିସ): ଚୌଦ୍ୱାର ମହାବିଦ୍ୟାଳୟରେ ତମାଖୁ ମୁକ୍ତ ପରିବେଶ ଓ ତମାଖୁ ବର୍ଜନ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ରଶ୍ମି ରାଉତରାୟ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଟବାକୋ ସେଲ୍ ସଂଯୋଜିକା ଡ. ନିରୂପମା ପରିଡ଼ାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧ୍ୟାପିକା ବନିତା ସ୍ୱାଇଁ, ଡ. ଅନୁପମା ତ୍ରିପାଠୀ, ହରପ୍ରିୟା ମହାପାତ୍ର, ସ୍ୱର୍ଣ୍ଣପ୍ରଭା ରାଉତ, ଶିଳ୍ପାଶ୍ରୀ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କଲେଜର ବହୁ ଛାତ୍ରଛାତ୍ରୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ଡ. ଦୀପକ କୁମାର ବେହେରା ଧନ୍ୟବାଦ ଦେଇଥିଲେ।

## ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

ନିଶ୍ଚିନ୍ତକୋଇଲି,୨୬।୮ (ସମିସ): ନିଶ୍ଚିନ୍ତକୋଇଲି ଥାନା ଅଧୀନ କଟିକଟା ଗ୍ରାମର ଶରତ ଚନ୍ଦ୍ର ଜେନାଙ୍କ ପୁତ୍ର ମୃତ୍ୟୁଞ୍ଜୟ ଜେନା (୨୪) ରବିବାର ରାତିରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ମଧ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଶବକୁ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡ଼ିକାଲ ପଠାଇଥିଲେ। ବ୍ୟବଚ୍ଛେଦ ପରେ ଶୋକାକୁଳ ପରିବେଶରେ ଗ୍ରାମ୍ୟ ଶ୍ମଶାନରେ ତାଙ୍କ ଶବ ଦାହ କରାଯାଇଥିଲା। ଭାଇ ଜନ୍ମେଜୟ ଜେନା ମୁଖାଗ୍ନି ଦେଇଥିଲେ।

# ବର୍ଷେହେବ ଖୋଲିନି ରାଜୀବ ଗାନ୍ଧୀ ସେବାକେନ୍ଦ୍ର


ନିଶ୍ଚିନ୍ତକୋଇଲି,୨୬।୮ (ସମିସ):

ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନରେ ଥିବା ଜିଗ୍ନୀପୁର ପଞ୍ଚାୟତରେ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ଅନ୍ୟୁନ ୮ବର୍ଷ ହେବ ଖୋଲି ନ ଥିବା ଜଣାଯାଇଛି। ଗତ ସାଧାରଣ ନିର୍ବାଚନରେ ରାଜ୍ୟରେ ସରକାର ବଦଳି ଯିବା ପରେ ପଞ୍ଚାୟତର ଜନପ୍ରତିନିଧି ଏହି ରାଜୀବ

### ଗଛଲତା ମାଡ଼ି ଭୂତକୋଠି ହେଲାଣି



ଗାନ୍ଧୀ ସେବାକେନ୍ଦ୍ରକୁ ପ୍ରାୟ ବ୍ୟବହାର କରୁ ନ ଥିବା ଦେଖାଯାଇଛି। ଦୀର୍ଘଦିନ ହେବ ଏହି ସେବା କେନ୍ଦ୍ର କାର୍ଯ୍ୟାଳୟ ଖୋଲା ନ ଯିବାରୁ ଏହା ପରିସରରେ ବିଭିନ୍ନ ଅନାବନା ଗଛଲତା ଉଠି ଏହାର ଚର୍ତୁପାଶ୍ୱର୍କୁ କବଳିତ କରିସାରିଲାଣି। ବର୍ତ୍ତମାନ ଏହି କାର୍ଯ୍ୟାଳୟଟି ଏକ ପ୍ରକାର ଭୂତକୋଠିରେ ପରିଣତ ହେଲାଣି। ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ପଞ୍ଚାୟତରେ ଗରିବ ଓ ମୂଲିଆ ଶ୍ରେଣୀର ଲୋକମାନଙ୍କୁ ୧୦୦ ଦିନର କାର୍ଯ୍ୟ ଯୋଗାଇ ଦେବା ପାଇଁ ପ୍ରତ୍ୟେକ ପଞ୍ଚାୟତରେ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ନିର୍ମାଣ କରାଯାଇଥିଲା। ଜବକାଡଧାରୀଙ୍କୁ କାର୍ଯ୍ୟରେ ନିୟୋଜିତ କରିବା, ସେମାନଙ୍କର ମଜୁରୀ ପ୍ରଦାନ ପାଇଁ ବିଭିନ୍ନ କାଗଜପତ୍ର କରିବା, ପଞ୍ଚାୟତରେ କେଉଁ କେଉଁ ପ୍ରକଳ୍ପ କାର୍ଯ୍ୟକ୍ରମ କରାଯିବ ତାହାର ସୂଚନା ବ୍ଲକ କାର୍ଯ୍ୟାଳୟକୁ ଜଣାଇବା ଆଦି କାର୍ଯ୍ୟକ୍ରମ ଏହି ସେବା କେନ୍ଦ୍ରରେ କରାଯାଇଥାଏ। ଏହି କାର୍ଯ୍ୟକ୍ରମ କରିବା ପାଇଁ ପ୍ରତ୍ୟେକ ପଞ୍ଚାୟତରେ ଜଣେ ଲେଖାଏଁ ଜିଆରଏସ ଗ୍ରାମ ରୋଜଗାର ସେବକ (ଜିଆରଏସ)ଙ୍କୁ ନିଯୁକ୍ତି ଦିଆଯାଇଛି। ବର୍ତ୍ତମାନ ସରକାରଙ୍କ ପକ୍ଷରୁ ଏହି ଜିଆରଏସଙ୍କୁ ଏଡ଼ିଇଓ ଭାବେ ପଦୋନ୍ନତି ଦିଆଯାଇଛି। ଯାହାଦ୍ୱାରା ବର୍ତ୍ତମାନ ପଞ୍ଚାୟତରେ ଜିଆରଏସ ପଦ ଖାଲି ରହିଛି। ଏହି ପ୍ରରିପେକ୍ଷୀରେ ବର୍ତ୍ତମାନ ଜିଗ୍ନୀପୁର ପଞ୍ଚାୟତରେ ଉକ୍ତ ସେବା କେନ୍ଦ୍ରରେ କୌଣସି କାର୍ଯ୍ୟକ୍ରମ ହେଉ ନାହିଁ। ଫଳରେ ଜବକାଡଧାରୀଙ୍କୁ କାମ କରିବାରୁ ବଞ୍ଚିତ ହେଉଛନ୍ତି। ପଞ୍ଚାୟତ ପକ୍ଷରୁ ପିଇଓ କିମ୍ବା ପଞ୍ଚାୟତ ପ୍ରତିନିଧିମାନେ ଏହି ସେବା କେନ୍ଦ୍ରକୁ ଆସୁ ନ ଥିବାରୁ ଏହା ଖୋଲାଯାଉ ନାହିଁ। ଏହାଛଡ଼ା ଏହି ସେବା କେନ୍ଦ୍ରରେ ସରକାରଙ୍କ ପକ୍ଷରୁ ଗ୍ରାମପଞ୍ଚାୟତସ୍ତରରେ ବ୍ୟାଙ୍କ୍ ସେବା ଯୋଗାଇଦେବା ପାଇଁ ସିଏସପି ପ୍ଲସ ଆମ ବ୍ୟାଙ୍କ୍ ଖୋଲାଯାଇଥିଲା। କାର୍ଯ୍ୟାଳୟ ଖୋଲା ନ ଯିବାରୁ ଏଠାରେ ଆମ ବ୍ୟାଙ୍କ କାର୍ଯ୍ୟକ୍ରମ ମଧ ବନ୍ଦ ରହିଥିବା ଦେଖିବାକୁ ମିଳୁଛି। ନୂତନ ସରକାର ଆସିବା ପରେ କଣ ପାଇଁ ଏହି କାର୍ଯ୍ୟାଳୟ ଖୋଲୁନାହିଁ ସେ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ତୁରନ୍ତ ଉକ୍ତ କାର୍ଯ୍ୟାଳୟ ପରିସରରେ ହୋଇଥିବା ଗଛଲତା ଗୁଡ଼ିକୁ ପରିଷ୍କାର ପରିଚ୍ଛନ୍ନ କରିବା ସହିତ ଏହାକୁ ଖୋଲିବା ଏବଂ ଏଥିରେ ଚାଲିଥିବା ଆମ ବ୍ୟାଙ୍କ ସେବା ଲୋକମାନଙ୍କୁ ଯୋଗାଇଦେବା ନିମନ୍ତେ ପଞ୍ଚାୟତବାସୀ ଦାବି କରିଛନ୍ତି।



ବିଶ୍ୱକୁ ପରିବର୍ତ୍ତନ କରିବା ପାଇଁ ଶିକ୍ଷା ହିଁ ସବୁଠାରୁ ଶକ୍ତିଶାଳୀ ଅସ୍ତ୍ର।
-ନେଲ୍‌ସନ୍ ମାଣ୍ଡେଲା

ସକାଳ
THE SAKALA

# କୃଷି-ଆତଙ୍କବାଦ

ସମୟ ବଦଳିବା ସହିତ ଆତଙ୍କବାଦର ସଂଜ୍ଞା, ଚରିତ୍ର ଓ ରୂପ ବଦଳିବାରେ ଲାଗିଛି। ଗୁଳିଗୋଳା, ହତ୍ୟା, ରକ୍ତପାତରୁ ଆରମ୍ଭ ହୋଇଥିବା ଆତଙ୍କ ଇତିମଧ୍ୟରେ ସାଇବର ବା କମ୍ପ୍ୟୁଟର ବାଟ ଦେଇ ଏବେ ବିଜ୍ଞାନଗାରରୁ ଜନ୍ମ ନେଉଛି। ପରିବର୍ତ୍ତିତ କୌଶଳରେ ଆତଙ୍କବାଦୀ ସାମ୍ନାକୁ ଆସୁ ନାହିଁ, କିନ୍ତୁ ତାହାର ପରାଭବର ପରିସର ଏକ ବିରାଟ ଅଞ୍ଚଳରେ ଅନୁଭୂତ ହେଉଛି। ପ୍ରାୟ ପାଞ୍ଚବର୍ଷ ତଳେ କୋଭିଡ୍-୧୯ର ଆତଙ୍କରେ ସମଗ୍ର ବିଶ୍ୱ ଥରିଉଠିଥିଲା, ଯାହାର ପ୍ରଭାବ ଏବେ ମଧ୍ୟ ସମ୍ପୂର୍ଣ୍ଣ ବିଲୋପ ହୋଇନାହିଁ। ପ୍ରମାଣିତ ନ ହେଲେ ମଧ୍ୟ ଏହାପଛରେ ଟିକା କମ୍ପାନୀଙ୍କ ବିଧିବଦ୍ଧ ଷଡ଼ଯନ୍ତ୍ର କ୍ରମଶଃ ପଦାକୁ ଆସୁଛି। କୋଭିଡ୍ ବା ସାର୍ସ ଆତଙ୍କବାଦର ଜନ୍ମପୀଠ ଚୀନ୍‌ରୁ ଏବେ ସେଭଳି ଆଉ ଏକ ଜୈବ ଆତଙ୍କ ଜନ୍ମ ନେଇ ଧୀରେ ଧୀରେ ବିଶ୍ୱ କୃଷି କ୍ଷେତ୍ରକୁ ପ୍ରଭାବିତ କରିବା ଆରମ୍ଭ କରିଛି।

ଗତ ଜୁନ୍ ମାସରେ ଚୀନ୍‌ର ଦୁଇଜଣ ଗୁପ୍ତଚର ଜୈବବିଜ୍ଞାନୀଙ୍କୁ ଆମେରିକା ପୁଲିସ୍ ସନ୍ଦେହରେ ଗିରଫ କରିବା ପରେ ଏହି ତଥ୍ୟ ପ୍ରଘଟ ହୋଇଥିଲା। ସେମାନେ ମାରାତ୍ମକ ଫୋଙ୍ଗସ୍ ବା କବକଜାତୀୟ ହାନିକାରକ ବୀଜାଣୁକୁ ଆମେରିକାର ସୋୟାବିନ୍ ଶସ୍ୟ କ୍ଷେତ୍ରରେ ପ୍ରୟୋଗ କରିବା ପାଇଁ କାର୍ଯ୍ୟକ୍ରମ ଆରମ୍ଭ କରିସାରିଥିବା ବେଳେ ଧରାପଡ଼ିଥିଲେ। ଫ୍ୟୁଜାରିୟମ୍ ଗ୍ରାମିନିରମ୍ ନାମକ ଏହି କବକ ଏତେ ଶକ୍ତିଶାଳୀ ଯେ ଏକରଏକର ବ୍ୟାପୀ ଶସ୍ୟ କ୍ଷେତ୍ରକୁ ଧ୍ୱଂସ କରିଦେଇପାରେ। ବିଶେଷକରି ଗହମ, ବାର୍ଲି, ମକା ଓ ଧାନକୁ ଏହା ସହଜରେ ଆକ୍ରମଣ କରିପାରେ। ଗବେଷଣାରୁ ଜଣାପଡ଼ିଛି ଯେ ଏହି ଫୋଙ୍ଗସ୍ କେବଳ ଶସ୍ୟକୁ ନଷ୍ଟ କରେ ନାହିଁ, ଯେଉଁ କେତେକ ଶସ୍ୟ ସଂଘର୍ଷ ଦ୍ୱାରା ବଞ୍ଚିଯାଆନ୍ତି ସେଥିରୁ ଭୋମିଟୋକ୍ସିନ୍ ନାମକ ଏକ ବିଷାକ୍ତ ରସାୟନ କ୍ଷରଣ ହୁଏ, ଯାହା ମଣିଷ ଓ ପଶୁମାନଙ୍କ ପ୍ରତି ଅତି ହାନିକାରକ। ଏହି କବକ ଆକ୍ରମଣରେ ଏ ପର୍ଯ୍ୟନ୍ତ ଆମେରିକାରେ ବାର୍ଷିକ ୧୦୦ କୋଟି ଡଲାରର ଶସ୍ୟ ହାନି ହୋଇସାରିଲାଣି।

ଏହାର ନିରାକରଣ ପାଇଁ ଏ ପର୍ଯ୍ୟନ୍ତ କୌଣସି କୀଟନାଶକ ଉଦ୍‌ଭାବନ ହୋଇ ନ ଥିବାରୁ ଅନ୍ତତଃ ଆଗାମୀ କିଛିବର୍ଷ ପର୍ଯ୍ୟନ୍ତ ଚୀନ୍ ବିଜ୍ଞାନାଗାରରୁ ଜନ୍ମ ନେଇଥିବା ଫୋଙ୍ଗସ୍ ବିଶ୍ୱ ଶସ୍ୟ କ୍ଷେତ୍ରରେ ଆଧିପତ୍ୟ ବିସ୍ତାର କରିବା ସୁନିଶ୍ଚିତ। ଧୀରେ ଧୀରେ ସେଗୁଡ଼ିକ ସମଗ୍ର ଅଞ୍ଚଳ, ଦେଶ ଏପରିକି ଆମଦାନୀ-ରପ୍ତାନୀ ଜରିଆରେ ସାରା ପୃଥିବୀକୁ ବ୍ୟାପୀ ବିଶ୍ୱ ଖାଦ୍ୟ ନିରାପତ୍ତାକୁ ପ୍ରଭାବିତ କରିବାର ଆଶଙ୍କା ପ୍ରକାଶ ପାଇଛି। କୃଷି-ଜୈବ-ରସାୟନ ବିଜ୍ଞାନୀମାନେ ଏହାକୁ 'ଆଗ୍ରୋ-ଟେରରିଜିମ୍' ବା 'କୃଷି-ଆତଙ୍କବାଦ' ଭାବରେ ଅଭିହିତ କରିଛନ୍ତି। ଏହି ଘଟଣା ଜଣାପଡ଼ିବା ପରେ ଆମେରିକା-ଚୀନ୍ ବାଣିଜ୍ୟ ରାଜିନାମା ଘୁଞ୍ଚି ଯାଇଛି ଏବଂ ଚୀନ୍ ଛାତ୍ରଛାତ୍ରୀଙ୍କ ଭିସା ଉପରେ ଆମେରିକା ପୁଣି ଥରେ କଟକଣା ଜାରି କରିଛି। ଅପରପକ୍ଷରେ ଚିରାଚରିତ ଢଙ୍ଗରେ ଚୀନ୍ ଆମେରିକାରର ଅଭିଯୋଗକୁ ଅସ୍ୱୀକାର କରିଛି।

ଆମେରିକା-ଚୀନ୍ ବାଣିଜ୍ୟିକ ତିକ୍ତତା ପୃଷ୍ଠଭୂମିରେ ଚୀନ୍‌ର ଏଭଳି କୃଷି ଆତଙ୍କବାଦ କେତେକାଂଶରେ ଗ୍ରହଣ କରାଯାଇପାରେ। କିନ୍ତୁ ଚୀନ୍‌ର ଏହି ଦୁଷ୍କାମୀରୁ ଯେ ଭାରତର କୃଷି କ୍ଷେତ୍ର ସୁରକ୍ଷିତ ରହିବ ତାହା ଆଶା କରିବା ବୃଥା। ଏବେ ଜାମ୍ମୁ-କାଶ୍ମୀର ସେଉ ଚାଷକୁ ଏକ ନୂଆ ଧରଣର ଫୋଙ୍ଗସ୍ ଆକ୍ରମଣ କରିଥିବା ସୂଚନା ମିଳିଛି। ସେଥିରେ ସେଉ କଷି ଥିବା ଅବସ୍ଥାରେ ହିଁ କଳା କଳା ଦାଗ ସୃଷ୍ଟି ହେଉଛି ଏବଂ ସମ୍ପୂର୍ଣ୍ଣ ଗଛ ଶୁଖି କଳା ପଡ଼ିଯାଉଛି। ଏହାକୁ ଜଳବାୟୁ ପରିବର୍ତ୍ତନର ପ୍ରଭାବ ବୋଲି ପ୍ରାଥମିକ ଆକଳନ କରାଯାଇଛି। କିନ୍ତୁ ଆମେରିକାରୁ ଚୀନ୍ ଜୀବବିଜ୍ଞାନୀ ଗୁପ୍ତଚର ଗିରଫ ହେବା ପରେ ଭାରତରେ ଜାମ୍ମୁକାଶ୍ମୀର ସେଉ ଚାଷରେ ଦେଖାଦେଇଥିବା ରୋଗକୁ ଗୁରୁତ୍ୱର ସହ ଗ୍ରହଣ କରିବା ଉଚିତ।

ପ୍ରୟୋଗକର୍ତ୍ତା ପାଇଁ କୃଷି ଆତଙ୍କବାଦ ସବୁଠାରୁ ସୁଲଭ, ସୁରକ୍ଷିତ ଓ ପ୍ରଭାବଶାଳୀ ଅସ୍ତ୍ର। କାରଣ ଏହା ସହଜରେ ଧରାପଡ଼େ ନାହିଁ କି ପ୍ରୟୋଗକାରୀର ପ୍ରମାଣ ରହେ ନାହିଁ। ବହୁ ଅଳ୍ପ ଖର୍ଚ୍ଚରେ ଶତ୍ରୁ ଦେଶ ବିରୋଧରେ ଏହାକୁ ପ୍ରୟୋଗ କରାଯାଇପାରେ, ଯାହା ମନ୍ଥର ବିଷ ଭଳି ସେହି ଦେଶର କୃଷି-ଅର୍ଥନୀତିକୁ ଧ୍ୱସ୍ତ କରିବାରେ ଅଭୂତପୂର୍ବ ସଫଳତା ଅର୍ଜନ କରିପାରେ। କୃଷି ଉତ୍ପାଦ ଯେ ଜୈବ ଆତଙ୍କବାଦର ମାଧ୍ୟମ ହୋଇପାରିବ, ସେହି ଧାରଣା ଓ ବିଶ୍ୱାସ ଆପାତତଃ ଦୃଢ଼ ହୋଇନଥିବାରୁ ସେ କ୍ଷେତ୍ରରେ ସେତେଟା ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରାଯାଉନାହିଁ। ସନ୍ଦେହ ହେଲେ ମଧ୍ୟ ଆମଦାନୀ ଶସ୍ୟକୁ ଗୋଟିଗୋଟି କରି ଯାଞ୍ଚ କରିବା ଏକପ୍ରକାର ଅସମ୍ଭବ ବ୍ୟାପାର। ଖାଦ୍ୟ ସୁରକ୍ଷାରେ ଆମେରିକାର ସତର୍କତା ସର୍ବାଗ୍ରେ। ଯେତେବେଳେ ସେହି ଦେଶ ହିଁ କୃଷି-ଆତଙ୍କବାଦକୁ ପ୍ରତିହତ କରିପାରିଲା ନାହିଁ, ଅନ୍ୟ ଦେଶ କଥା ନ କହିବା ଭଲ। ତେଣୁ ଚୀନ୍ ଏବେ କୃଷି କ୍ଷେତ୍ରକୁ ହିଁ ଲକ୍ଷ୍ୟ କରିଛି।

ଶତ୍ରୁ ବିପକ୍ଷରେ ଜୈବ-ରସାୟନ ଆକ୍ରମଣ ନୂଆ କୌଶଳ ନୁହେଁ। ଦ୍ୱିତୀୟ ବିଶ୍ୱଯୁଦ୍ଧ ଓ ପରବର୍ତ୍ତୀ ସମୟରେ ଏଭଳି ଜୈବାସ୍ତ୍ର ପ୍ରୟୋଗ ହୋଇଥିବାର ପ୍ରମାଣ ରହିଛି। ଏପରିକି ପ୍ରଥମ ବିଶ୍ୱଯୁଦ୍ଧର ବହୁପୂର୍ବରୁ ପ୍ଲେଗ୍, ବସନ୍ତ, ହାଡ଼ଫୁଟି, ହଇଜା ଆଦି ମାରାତ୍ମକ ପ୍ରାଣଘାତୀ ମହାମାରୀ ଜୀବାଣୁ ଶତ୍ରୁ ଦେଶର ସୈନିକଙ୍କ ବିରୋଧରେ ପ୍ରୟୋଗ କରି ଯୁଦ୍ଧ ଜିତିବାର କଳାକୌଶଳରେ ଇତିହାସ ସମୃଦ୍ଧ। କିନ୍ତୁ କାଳକ୍ରମେ ସେହିସବୁ ମହାମାରୀ ପ୍ରତିଷେଧକ ଓ ନିରୋଧକ ଟିକା ଓ ଔଷଧ ଉଦ୍ଭାବନ ହୋଇସାରିବା ପରେ ସେହି ଜୈବାସ୍ତ୍ର ଆଉ କାଟୁ କରୁନାହିଁ। ତା'ବଦଳରେ ସାର୍ସ, କୋଭିଡ୍ ଭୂତାଣୁ ପରି ନୂଆ ନୂଆ ଭୂତାଣୁ ପ୍ରୟୋଗ କୌଶଳ ଉଦ୍‌ଭାବନ ହେବାରେ ଲାଗିଛି। ଏହିକ୍ରମରେ କୃଷି-ଆତଙ୍କବାଦ ଏକ ନୂଆ ପ୍ରଭାବଶାଳୀ କୌଶଳ ରୂପେ ଆତ୍ମପ୍ରକାଶ କରିଛି।

କୋଭିଡ୍ ୧୯ ଭଳି ମ୍ୟୁଟେସନ୍ ପ୍ରକ୍ରିୟାରେ ଏହି କବକ ବାରମ୍ବାର ଚରିତ୍ର ପରିବର୍ତ୍ତନ କରି ନୂଆ ପ୍ରଜାତି ସୃଷ୍ଟି କରିବାରେ ସକ୍ଷମ ବୋଲି ପ୍ରାଥମିକ ଗବେଷଣାରୁ ଜଣାପଡ଼ିଛି। ତେଣୁ ଆଗାମୀ ଦିନରେ ଗୋଟିଏ ନିର୍ଦ୍ଦିଷ୍ଟ କୀଟନାଶକ ଏକ୍ଷେତ୍ରରେ ପ୍ରଭାବଶାଳୀ ହେବ ନାହିଁ। ହୁଏତ କୋଭିଡ୍ ଟିକା ଭଳି ଏହା କୀଟନାଶକ କମ୍ପାନୀମାନଙ୍କର ଏକ ଅଭିସନ୍ଧି ହୋଇପାରେ। କିନ୍ତୁ ଆଗାମୀ ଦିନରେ ଯେ ଆମ ଜୀବନଧାରଣର ଉପାଦାନ ଆଉ ସୁରକ୍ଷିତ ନୁହେଁ ତାହା ଅବଧାର୍ଯ୍ୟ। କେତେବେଳେ କେଉଁ ଜରିଆରେ ଏଭଳି ହାନିକାରକ କବକ ଆମ ଶରୀରତନ୍ତ୍ରରେ ପ୍ରବେଶ କରିବ ତାହା କେହି ନିଶ୍ଚିତ କରିପାରିବେ ନାହିଁ। ତେଣୁ ଆଗାମୀ ସାଂଘାଇ ସହଯୋଗ ପରିଷଦ ବୈଠକରେ ଭାରତ ଏ ସମ୍ପର୍କରେ ଆଲୋଚନା ପାଇଁ ପ୍ରସ୍ତାବ ଓ ଦାବି ଜୋରଦାର କରିବା ଆବଶ୍ୟକ। ବିଶ୍ୱ ଖାଦ୍ୟ ନିରାପତ୍ତାକୁ ସୁନିଶ୍ଚିତ କରିବା ପାଇଁ ଜାତିସଂଘ ନେତୃତ୍ୱରେ ଏବେଠାରୁ ବିଶ୍ୱ ମଞ୍ଚ ପ୍ରଭାବଶାଳୀ ଢଙ୍ଗରେ ମିଳିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ ହେବ।

# ଗାଁରୁ ଆରମ୍ଭ ହେଉ ଜୈବଚାଷର ମୂଳଦୁଆ

ଡି ଶୁଭମ୍

ଗ୍ରାମୀଣ ଜୀବନର ପରିଭାଷା ସବୁବେଳେ ସ୍ୱତନ୍ତ୍ର। ଗାଁ ମାଟିର ବାସ୍ନା ଆଜି ବି ସମସ୍ତଙ୍କୁ ମୋହିତ କରେ। ସହରୀକରଣ ଭିତରେ ଆମେ ଯେବେ ଶିଳ୍ପ ବିପ୍ଳବର କଥା କହୁ ସେବେ ଗ୍ରାମୀଣ ଜୀବନର ଅକୁହା କଥା ମନକୁ ଆନ୍ଦୋଳିତ କରେ। ଗାଁ ରୁ ହିଁ ଆରମ୍ଭ ହୁଏ ଯେକୌଣସି ଯୋଜନାର ସଫଳତାର ଫର୍ଦ୍ଦ। ଏହି ଉପକ୍ରମରେ ଗାଁର ଅସଜଡ଼ା କଥାକୁ ସଜାଡ଼ିବାରେ ପଞ୍ଚାୟତର ଭୂମିକା ଅନିବାର୍ଯ୍ୟ। ପଞ୍ଚାୟତିରାଜ ଦିବସର ଇତିହାସ ଭାରତର ଗ୍ରାମୀଣ ସମ୍ପ୍ରଦାୟକୁ ସଶକ୍ତ କରିବା ସହ ଗାଁର ଲୋକମାନଙ୍କ ମତ ପରିପ୍ରକାଶ କରିବାରେ ମଧ୍ୟ ଯଥାସମ୍ଭବ ସାହାଯ୍ୟ କରେ। ଭାରତର ପାରମ୍ପରିକ ଗ୍ରାମ ପରିଷଦ ବ୍ୟବସ୍ଥାର ଏକ ଦୀର୍ଘ ଇତିହାସ ରହିଛି, ଯାହା ପ୍ରାଚୀନ କାଳରୁ ଆରମ୍ଭ ହୋଇଥିଲା। କୃଷି, ଜଳ, ପରିମଳ, ଶିକ୍ଷା ଓ ସ୍ୱାସ୍ଥ୍ୟ ସହିତ ଜଡ଼ିତ ବିଭିନ୍ନ ଗ୍ରାମୀଣ ବିକାଶ କାର୍ଯ୍ୟକ୍ରମ ଏବଂ ପଦକ୍ଷେପଗୁଡ଼ିକର ତଦାରଖ ଏବଂ କାର୍ଯ୍ୟକାରୀ କରିବା ସହ ଗାଁରେ ଭିତ୍ତିଭୂମିର ବିକାଶ ଦିଗରେ ପଞ୍ଚାୟତର ଭୂମିକା ସର୍ବାଗ୍ରେ ଥାଏ। ପଞ୍ଚାୟତଗୁଡ଼ିକ ସାମାଜିକ ସଶକ୍ତୀକରଣ ଓ ବିକାଶକୁ ପ୍ରୋତ୍ସାହିତ କରିବା ସହ ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ ନିର୍ବିଶେଷରେ ନିଜ ପଞ୍ଚାୟତର ଅନ୍ତିମ ଅଧିବାସୀ ଯାଏଁ ଯୋଜନାର ଲାଭ ପହଁଚିବା ସୁନିଶ୍ଚିତ କରିବା ଏବଂ ପରିବେଶ ସୁରକ୍ଷା ଓ ସଂରକ୍ଷଣରେ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ।

ଆମେ ଯେବେ ବି ଚାଷ ଓ ଚାଷୀର କଥା କହୁ ସବୁବେଳେ ଗାଁର କଥା ଆସେ। ଗ୍ରାମୀଣ ଜୀବନରେ ଚାଷର ଭୂମିକା ଯେତିକି ଗୁରୁତ୍ୱପୂର୍ଣ୍ଣ, ରାଜ୍ୟର ଅର୍ଥନୀତିକୁ ସୁଧାରିବାରେ ଏହାର ଅବଦାନ ତତୋଧିକ। ରାଜ୍ୟ ଓ ଦେଶର ବିକାଶରେ କୃଷିକୁ ପ୍ରଥମ ଇଞ୍ଜିନ କୁହାଯାଉଥିବା ବେଳେ ଏହାର ମୂଳଭିତ୍ତି ଆମ ସମସ୍ତଙ୍କ ସହଭାଗିତା ଉପରେ ନିର୍ଭର କରେ। ଗାଁ ମାଟିରୁ କିପରି ଏହି ସଫଳତାର ଧ୍ୱଜା ପ୍ରତିଟି ଜିଲ୍ଲା, ରାଜ୍ୟ ଓ ଦେଶରେ ପହଁଚିବ ତାହାର ଦାୟିତ୍ୱ ଆମମାନଙ୍କର। ଏ ଦିଗରେ ଜୈବ ଚାଷର ଭୂମିକା କଥା କାହାକୁ ବୁଝାଇବାର ଆବଶ୍ୟକତା ନାହିଁ। କାରଣ ଆମେ ନିଜେ ଜାଣିଛନ୍ତି ଜୈବ ଚାଷ ଓ ଏହାର ଉପକାରିତା ବିଷୟରେ। ଏ ଦିଗରେ ପ୍ରତି ପଞ୍ଚାୟତରେ ଜୈବ କୃଷକ ସମୂହ ଗଠନ ଦିଗରେ କାର୍ଯ୍ୟ କରିବା ଆମ ସମସ୍ତଙ୍କ ପାଇଁ ଆହ୍ୱାନ ହେଉ।

ରାସାୟନିକ ଚାଷ ଅମଳ ଉତ୍ପାଦନ ବଢ଼ାଏ। ଅପରପକ୍ଷରେ ଜୈବ ଚାଷରେ ଉତ୍ପାଦନ ଅପେକ୍ଷାକୃତ କମ୍ ଏକଥା ସମସ୍ତେ ଜାଣନ୍ତି। ତେଣୁ ଜୈବ ଚାଷକୁ ବିରୋଧ କରନ୍ତି। କିନ୍ତୁ ଆପଣ ଆଜି ଗାଁକୁ ଯା'ନ୍ତୁ, ଦେଖିବେ ଜୈବ ଚାଷର ପରିବେଶକୁ। ପ୍ରତିଟି ଗାଁର ଚାଷୀ ନିଜେ କହିବେ ଜୈବ ଚାଷର ଉପକାରିତା। ଆମେ ଚିରସ୍ଥାୟୀ କୃଷି ଦିଗରେ କାର୍ଯ୍ୟ କରୁଛୁ। ଅମଳ ବୃଦ୍ଧି ଆଉ ଅଧିକ ଟଙ୍କା ଆଶାରେ ଆମେ ନିଜ ଜ୍ଞାତସାରରେ ଯଦି ନିଜ ପରିବାର ଲୋକଙ୍କୁ ବିଷ ଖୁଆଇବା, ଏହାଠାରୁ ବଡ଼ ପାପର କଥା କିଛି ବି ନ ହୋଇପାରେ। ୧୯୬୦ ମସିହାରେ ସବୁଜ ବିପ୍ଳବ କୃଷି କ୍ଷେତ୍ରରେ ପରିସ୍ଥିତିକୁ ବଦଳାଇ ଦେଇଥିଲା, ଯେଉଁଠାରେ ଚାଷୀମାନଙ୍କୁ ଖାଦ୍ୟ ସୁରକ୍ଷା ବଜାୟ ରଖିବା ପାଇଁ ଅଧିକ ଅମଳକ୍ଷମ ବିହନ ଏବଂ ସାର ସହିତ ପରିଚିତ କରାଯାଇଥିଲା। ଏହା ଉତ୍ପାଦନ ବୃଦ୍ଧି ଲାଭ ସୁନିଶ୍ଚିତ କରିଥିଲା, କିନ୍ତୁ ଶେଷରେ ସାରର ଅତ୍ୟଧିକ ବ୍ୟବହାର ଯୋଗୁଁ ଜମି ଅନୁର୍ବର ହୋଇପଡୁଥିଲା। ଯେତେ ଅଧିକ ଅମଳକ୍ଷମ ବିହନ ଜମିରେ ବ୍ୟବହାର କରାଯାଏ, ଗଛ ସେତେ ଅଧିକ ପୋଷକତତ୍ତ୍ୱ ମାଟିରୁ ଗ୍ରହଣ କରିବାକୁ ବାଧ୍ୟ ହୁଏ।

ଆଜିକାଲି ଅନେକଗୁଡ଼ିଏ ଏଫପିଓ ବା କୃଷକ ଉତ୍ପାଦକ ସଂଗଠନମାନ ଗାଁ ମାନଙ୍କରେ ଗଠନ ହେଲାଣି। କିନ୍ତୁ ଗାଁର କଥା ଟିକେ ଅଲଗା। ଚାଷ ବାସ ସାରି ସନ୍ଧ୍ୟାରେ ଗାଁର ଚାଷୀ ଯେବେ ଏକାଠି ହୁଅନ୍ତି, ଅନେକ କଥା ସେଠାରେ ଆଲୋଚନା ହୁଏ। ଅନେକ ସମୟରେ ଯେବେ କ୍ଷେତ୍ର ପରିଦର୍ଶନରେ ଗାଁମାନଙ୍କୁ ଯାଉ ସେବେ ସଂଧ୍ୟାରେ ସେଠାରେ ସମୟ ଅତିବାହିତ କରି ଗ୍ରାମୀଣ ଅର୍ଥନୀତିକୁ ବୁଝିବାକୁ ଚେଷ୍ଟା କରୁ। ଉପଲବ୍ଧି ହୁଏ ଯେ ଗାଁରେ ଚାଷୀ ସମୂହ ହିଁ ବିକାଶର ମଙ୍ଗ ଧରିବା ପାଇଁ ସର୍ବୋତ୍ତମ। ପଞ୍ଚାୟତ ସ୍ତରରୁ ଏହା ଆରମ୍ଭ ହୋଇ ଜଣେ ଜଣେ ଅଧିକାରୀ ଗାଁ ମାନଙ୍କରେ ଏହି କାର୍ଯ୍ୟକୁ ପରିଚାଳନା କରିବା ଦିଗରେ ସାହାଯ୍ୟ କରିବା ଆବଶ୍ୟକ। ଏହି ଜୈବ କୃଷକ ସମୂହ ବା ଅର୍ଗାନିକ ଫାର୍ମର କ୍ଲଷ୍ଟର ସବୁ ପଞ୍ଚାୟତ ଗଠନ ହେବା ଜରୁରୀ। ଯଦି ଆମେ ଜୈବ ଚାଷକୁ ଅଧିକରୁ ଅଧିକ ପ୍ରସାର କରିବାକୁ ଚାହିଁବା ଏହାର ଗୁରୁତ୍ୱ ସୁଦୂରପ୍ରସାରୀ ହେବ।

ପ୍ରଥମରେ ପଞ୍ଚାୟତ ସ୍ତରରେ ଜୈବ କୃଷକ ସମୂହ ସବୁ ସମୟରେ ଗାଁ ମାନଙ୍କରେ ଜୈବ ଚାଷର ଉପକାରିତା ସହ ଏହାର ବର୍ତ୍ତମାନ ସ୍ଥିତି ବିଷୟରେ ଚାଷୀ ଓ ଜନସାଧାରଣଙ୍କୁ ଅବଗତ କରାଇବେ। ସାର ବିଷ ବନାମ ଜୈବ ସାର ଏହାର କାର୍ଯ୍ୟଶୈଳୀ ଏବଂ ପ୍ରସ୍ତୁତି ପ୍ରଣାଳୀ ବିଷୟରେ ଚାଷୀମାନଙ୍କୁ ବୁଝାଇବେ। କର୍ମଶାଳାର ଆୟୋଜନ କେବଳ ପ୍ରଶିକ୍ଷଣ ନୁହେଁ, ବରଂ ଏହାର ପ୍ରତ୍ୟକ୍ଷ ତତ୍ତ୍ୱାବଧାନ କରି ଏହାକୁ କିପରି ଚାଷୀ ନିଜ ଜମିରେ ପ୍ରୟୋଗ କରିବେ ସେ ଦିଗରେ କାର୍ଯ୍ୟକରିବାକୁ ପଡ଼ିବ। ଆମେ ସମସ୍ତେ ଜାଣିଛୁ ଜୈବିକ ଚାଷରେ ଉତ୍ପାଦନ ଅପେକ୍ଷାକୃତ କମ୍। କିନ୍ତୁ ଏହାକୁ ଭାବି ଯଦି ଆମେ ମାଟିରେ ଅଧିକରୁ ଅଧିକ ସାର ବିଷ ପ୍ରୟୋଗ କରିବା ଏହା ଆମକୁ ଅଧିକ ଅମଳ ଦେବ, କିନ୍ତୁ ଶରୀରକୁ ରୋଗାକ୍ରାନ୍ତ କରିବ। ତେଣୁ ଶରୀରକୁ ସୁସ୍ଥ କରିବା ସହ ଏହା ସବୁଜ ପରିବେଶ ଗଠନ ଦିଗରେ ଜୈବିକ କୃଷି ସହାୟକ ହେବ। ଜୀବାମୃତ, ଘନଜୀବାମୃତର ଉପକାରିତାକୁ କେବଳ ପାଟିରେ କହିଦେଲେ ନୁହେଁ, ବରଂ ଏହାକୁ ପ୍ରୟୋଗ କରି କିପରି ମାଟିରେ ଅଣୁଜୀବଙ୍କ ସଂଖ୍ୟା ବଢ଼ିବ, ତାହାକୁ ଚାଷ ଜମିରେ ପ୍ରୟୋଗ କରିବାକୁ ପଡ଼ିବ। ରାଜ୍ୟ ଓ କେନ୍ଦ୍ର ସ୍ତରରେ ଜୈବ ଚାଷର ପ୍ରସାର ଦିଗରେ କାମ କରୁଥିବା ଅନୁଷ୍ଠାନ ଏ ଦିଗରେ ସ୍ୱତନ୍ତ୍ର ପଦକ୍ଷେପ ନେଇ ଏହି କ୍ଲଷ୍ଟରଗୁଡ଼ିକର ଉନ୍ନତ କାର୍ଯ୍ୟଶୈଳୀ ଦିଗରେ ଚେଷ୍ଟା କରିବା ଆବଶ୍ୟକ।

ଏହି କୃଷକ ସମୂହ ପରବର୍ତ୍ତୀ ପର୍ଯ୍ୟାୟରେ ବିଭିନ୍ନ ସରକାରୀ ଯୋଜନା ସହାୟତାରେ ନିଜର ଏଫପିଓ ଗଠନ କରିପାରିବେ। ପଞ୍ଚାୟତର ସରପଞ୍ଚମାନେ ଏ ଦିଗରେ ଏକ ପାଇଲଟ ମୋଡ୍‌ରେ କାର୍ଯ୍ୟ କରିବା ଆବଶ୍ୟକ। ସପ୍ତାହରେ ଥରେ ଅନ୍ତତଃ ପ୍ରତି ଗାଁକୁ ଯାଇ ଏହି କୃଷକ ସମୂହମାନଙ୍କ ମନୋବଳ ବୃଦ୍ଧି କରିବାରେ ସାହାଯ୍ୟ କରିପାରିବେ। ପ୍ରଥମାବସ୍ଥାରେ କିଛି କିଛି ପଞ୍ଚୟତରୁ ଏହା ଆରମ୍ଭ ହେଲେ ପରବର୍ତ୍ତୀ ଅବସ୍ଥାରେ ଏହା ସମ୍ପୂର୍ଣ୍ଣ ଓଡ଼ିଶାରେ ପରିବ୍ୟାପ୍ତ ହୋଇପାରିବ। ଏହି କୃଷକ ସମୂହ ଦେଶୀ ବିହନ ସଂରକ୍ଷଣ କରିବା ଦିଗରେ କାର୍ଯ୍ୟ କରିବା ସହ ଅନ୍ୟ ଇଚ୍ଛୁକ ଚାଷୀମାନଙ୍କୁ ଏହାକୁ ପରୋକ୍ଷରେ ଯୋଗାଇ ଦେବାର ମାନସିକତା ସବୁ ଚାଷୀଙ୍କ ପାଖରେ ରହିବାର ଅବାଶ୍ୟତକା ଅଛି। ସେମାନଙ୍କର ଉତ୍ପାଦ କିପରି ସଠିକ ଭାବେ ବିକ୍ରୟ ହୋଇପାରିବ ସେ ଦିଗରେ ସରକାରୀ ଓ ବେସରକାରୀ ସ୍ତରରେ ଚିନ୍ତା କରିବାର ଅଛି। ଓଏନଡିସି ପ୍ଲାଟଫର୍ମ ମାଧ୍ୟମରେ ଚାଷୀମାନେ ନିଜ ଉତ୍ପାଦକୁ ବିକ୍ରୟ କରିପାରିବେ। ଜୈବ ଉତ୍ପାଦକୁ ପ୍ରମାଣୀକରଣ କରିବା ସହ ପ୍ରମାଣିତ ଉତ୍ପାଦକୁ ଜାତୀୟ ଓ ଅନ୍ତର୍ଜାତୀୟ ବଜାରରେ ବିକ୍ରୟ କରିବା ଦିଗରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଉ। ଚାଷୀଙ୍କ ଉତ୍ପାଦ ବିକ୍ରୟ ହୋଇପାରିଲେ ହିଁ ସେମାନେ ଅଧିକ ଚାଷ କରିବା ଦିଗରେ ଆଗ୍ରହୀ ହେବେ। ଗୋଟିଏ ଜମିରେ ଗୋଟିଏ ଫସଲ ଚାଷ ନ କରି ଫସଲ ବିବିଧିକରଣକୁ ଗୁରୁତ୍ୱ ଦେବା ଆବଶ୍ୟକ। ଏସବୁର ମିଳିତ ସମନ୍ୱୟ ରହିଲେ ହିଁ ଏକ ବିକଶିତ ଓଡ଼ିଶା ଗଠନର ସ୍ୱପ୍ନ ସାକାର ହୋଇପାରିବ।

(ଜୈବ ନିରୀକ୍ଷକ, ଓଡ଼ିଶା ରାଜ୍ୟ ଜୈବ ପ୍ରମାଣନ ସଂସ୍ଥା)
ଭୁବନେଶ୍ୱର, ମୋ: ୯୪୩୮୪୬୭୦୭୯

# ଏସି ତାପମାତ୍ରା ନିୟନ୍ତ୍ରଣ

ଇଂ ମାୟାଧର ସ୍ୱାଇଁ

ଦିନକୁ ଦିନ ପୃଥିବୀ ଉଷ୍ମ ହେବାରେ ଲାଗିଛି ଏବଂ ଏହା ସହିତ ଏୟାର କଣ୍ଡିସନିଂ (ଏସି)ର ବ୍ୟବହାର ବଢ଼ିବାରେ ଲାଗିଛି। ଘରେ ବ୍ୟବହୃତ ସମସ୍ତ ବୈଦ୍ୟୁତିକ ସରଞ୍ଜାମ ମଧ୍ୟରେ ଏସିରେ ସର୍ବାଧିକ ବିଦ୍ୟୁତ୍ ଖର୍ଚ୍ଚ ହୋଇଥାଏ। ଏହା ମଧ୍ୟ ବିଦ୍ୟୁତ୍ ଗ୍ରୀଡ ଉପରେ ଅଧିକ ଚାପ ପକାଇଥାଏ। ଖରାଦିନେ ଅଧିକ ବିଦ୍ୟୁତ୍ ଚାହିଦା ଥିବାରୁ ବିଦ୍ୟୁତ୍ କମ୍ପାନୀକୁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଗତ ଜୁନ୍ ମାସରେ ଦେଶରେ ସର୍ବାଧିକ ବିଦ୍ୟୁତ୍ ଚାହିଦା ୨୪୧୦୦୦ ମେଗାୱାଟ ଥିଲା ଏବଂ ଏଥିପାଇଁ ଏସି ହେଉଛି ମୁଖ୍ୟତଃ ଦାୟୀ।

ଏସି କୋଠରି ଭିତରୁ ଗରମ ବାୟୁକୁ ନେଇ ବାହାରେ ଛାଡ଼ିଦିଏ। ଅନ୍ୟ କେତେକ ଏସି କୋଠରି ଥଣ୍ଡା କରିବା ସହିତ ଶୀତଦିନେ ଏହାକୁ ଉଷୁମ ରଖିବା ପାଇଁ ଡିଜାଇନ ହୋଇଥାଏ। ଏସି ଏକ ରେଫ୍ରିଜିରାଣ୍ଟ ବ୍ୟବହାର କରେ, ଯାହା କୋଠରିର ଉତ୍ତାପକୁ ଶୋଷଣ କରେ ଏବଂ କମ୍ପ୍ରେସର ଦ୍ୱାରା ଏହାକୁ ବାହାରରକୁ ପଠାଇଦିଏ। ଶୀତଦିନେ କୋଠରିକୁ ଉଷୁମ ରଖିବା ପାଇଁ ଏହା ଭିତରେ ତାପକ ବା ହିଟର୍ ଥାଏ। ଏଣୁ ଏହାର ନାମ ହେଉଛି ଏୟାରକଣ୍ଡିସନର ବା ଶୀତତାପ ନିୟନ୍ତ୍ରଣ ଯନ୍ତ୍ର। ନିକଟରେ କେନ୍ଦ୍ର ସରକାର ଏସି ତାପମାତ୍ରା ସେଟିଂକୁ ନିୟନ୍ତ୍ରଣ କରିବା ପାଇଁ ଗୋଟିଏ ପ୍ରସ୍ତାବ ଦେଇଛନ୍ତି ଏବଂ ଏହା ଖୁବ୍ ଶୀଘ୍ର ଆଇନ୍‌ରେ ରୂପାନ୍ତରିତ ହେବ ବୋଲି ପ୍ରକାଶ କରିଛନ୍ତି। ତାପମାତ୍ରା ସେଟିଂକୁ ୨୦ ଡିଗ୍ରୀ ଓ ୨୮ ଡିଗ୍ରୀ ସେଲସିୟସ ମଧ୍ୟରେ ରଖିବା ହେଉଛି ଏହି ପ୍ରସ୍ତାବ। ସରକାରଙ୍କ ଅନୁଯାୟୀ ଆମମାନଙ୍କର ଆରାମ ପାଇଁ ଏହି ତାପମାତ୍ରା ପରିସର ହେଉଛି ଯଥେଷ୍ଟ। ଏହି ନିୟମ ପ୍ରଣୟନ କରିବାର ଉଚିତ୍ କାରଣ ଅଛି। ତାପମାତ୍ରା ଯେତେ କମ୍ କରିବା, ଏସି ସେହି ଅନୁଯାୟୀ ଅଧିକ କାର୍ଯ୍ୟ କରିବ ଏବଂ ଏହା ଅଧିକ ବିଦ୍ୟୁତ୍ ବ୍ୟବହାର କରିବ। ଶକ୍ତି ମନ୍ତ୍ରଣାଳୟ ଅନୁଯାୟୀ ଏହାର ତାପମାତ୍ରା ସେଟିଂରେ ପ୍ରତି ଏକ ଡିଗ୍ରୀ ବୃଦ୍ଧି ପାଇଁ ଛଅ ପ୍ରତିଶତ ବିଦ୍ୟୁତ୍ ସଞ୍ଚୟ ହେବ। ଉଦାହରଣ ସ୍ୱରୂପ, ୨୪ ଡିଗ୍ରୀ ସେଲସିୟସ ତୁଳନାରେ ୧୮ ଡିଗ୍ରୀରେ ୩୬ ପ୍ରତିଶତ ଅଧିକ ବିଦ୍ୟୁତ୍ ଖର୍ଚ୍ଚ ହେବ।

ସାଧାରଣତଃ ଏସି ୨୦ ଡିଗ୍ରୀ ଓ ୨୮ ଡିଗ୍ରୀ ସେଲସିୟସ ତାପମାତ୍ରା ମଧ୍ୟରେ ଅଧିକ ଦକ୍ଷତାର ସହିତ କାର୍ଯ୍ୟ କରିଥାଏ। ଅନେକ ଗୃହ, ବ୍ୟାବସାୟିକ ପ୍ରତିଷ୍ଠାନ ଆଦିରେ ତାପମାତ୍ରାକୁ ୧୫ ଡିଗ୍ରୀ ସେଲସିୟସ୍‌ରେ ରଖା ଯାଇଥାଏ। କେତେକଙ୍କର ଧାରଣା ଯେ ତାପମାତ୍ରା କମ୍ କଲେ କୋଠରି ଶୀଘ୍ର ଥଣ୍ଡା ହୋଇଯାଏ। ପ୍ରକୃତରେ ଶୀତଳନ ହାର ଏସି କ୍ଷମତା ଉପରେ ନିର୍ଭର କରିଥାଏ, ତାପମାତ୍ରା ସେଟିଂ ଉପରେ ନୁହେଁ। ତାପମାତ୍ରା ୨୪ ଡିଗ୍ରୀ, ୨୦ ଡିଗ୍ରୀ କିମ୍ବା ଏପରିକି ୧୬ ଡିଗ୍ରୀରେ ସେଟିଂ କଲେ ସୁଦ୍ଧା ଏହା ୨୮ ଡିଗ୍ରୀରୁ କୋଠରିକୁ ଥଣ୍ଡା କରିବା ପାଇଁ ସମାନ ସମୟ ନେଇଥାଏ। ଅନ୍ୟ ଏକ ଭୁଲ୍ ଧାରଣା ହେଉଛି ଯେ କୋଠରି ବାହାର ତାପମାତ୍ରା ଅଧିକ ଥିଲେ ଏସି ସେଟିଂ ୨୦ ଡିଗ୍ରୀରେ ରଖିଲେ ଯଥେଷ୍ଟ ଥଣ୍ଡା ହେବ ନାହିଁ। ବାସ୍ତବରେ ବାହାର ତାପମାତ୍ରା ୩୫ ଡିଗ୍ରୀ, ୪୦ ଡିଗ୍ରୀ କିମ୍ବା ଏପରିକି ୪୫ ଡିଗ୍ରୀ ହେଲେ ମଧ୍ୟ ୨୦ ଡିଗ୍ରୀ ସେଟିଂ ଆରାମଦାୟକ ହୋଇଥାଏ।

ଏସି ତାପମାତ୍ରା ସେଟିଂ ଉପରେ ବିଦ୍ୟୁତ୍ ଖର୍ଚ୍ଚ ନିର୍ଭର କରୁଥିବାରୁ ଆମର ସ୍ୱାଚ୍ଛନ୍ଦ୍ୟକୁ ଜଳାଞ୍ଜଳି ନ ଦେଇ ତାପମାତ୍ରା ୨୦ ଡିଗ୍ରୀ ସେଲସିୟସ୍ ରଖିଲେ ଦେଶର ଅନେକ ବିଦ୍ୟୁତ୍ ଖର୍ଚ୍ଚ ବଞ୍ଚିଯିବ ଏବଂ ଏହାକୁ କଳକାରଖାନାରେ ବ୍ୟବହାର କରାଯାଇପାରିବ। ପୁନଶ୍ଚ ଆମର ମୋଟ ବିଦ୍ୟୁତ୍ ଉତ୍ପାଦନର ପ୍ରାୟ ୫୦ ପ୍ରତିଶତ ତାପଜ ବିଦ୍ୟୁତ୍ କେନ୍ଦ୍ରରୁ ଉତ୍ପନ୍ନ ହେଉଛି, ଯାହା ବାୟୁମଣ୍ଡଳକୁ ଅଙ୍ଗାରକାମ୍ଳ ନିର୍ଗତ କରୁଥିବାରୁ ଜଳବାୟୁ ପରିବର୍ତ୍ତନ ହେଉଛି। ଏଣୁ ଏସି ତାପମାତ୍ରା ନିୟନ୍ତ୍ରଣ ଦ୍ୱାରା ଆମ ପରିବେଶ ସୁରକ୍ଷା ହୋଇପାରିବ। ପୁନଶ୍ଚ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଏକସଙ୍ଗରେ ଅନେକ ଏସି ଚାଲିଲେ ଗ୍ରିଡର ଭୋଲ୍ଟେଜ କମିଯାଏ ଏବଂ ବିଦ୍ୟୁତ୍ ବିଚ୍ଛିନ୍ନ ମଧ୍ୟ ହୋଇପାରେ।

ଏସିରେ ବିଦ୍ୟୁତ୍ ଖର୍ଚ୍ଚ ହ୍ରାସ କରିବା ପାଇଁ ଏହାର ଦକ୍ଷତା ବଢ଼ାଇବାକୁ ପଡ଼ିବ। ଶକ୍ତି ଦକ୍ଷତା ପରିଷଦ ଏସିଗୁଡ଼ିକୁ ୧ରୁ ୫ ଷ୍ଟାର ଚିହ୍ନ ଦେଇଛି। ଷ୍ଟାର ୧ ହେଉଛି ସବୁଠାରୁ କମ୍ ଦକ୍ଷ ଓ ଷ୍ଟାର ୫ର ଦକ୍ଷତା ହେଉଛି ସବୁଠାରୁ ଅଧିକ। ଏଣୁ ଷ୍ଟାର ୧ ରୁ ୫ ପର୍ଯ୍ୟନ୍ତ ବିଦ୍ୟୁତ୍ ଖର୍ଚ୍ଚ କମ୍ ହୋଇଥାଏ, ମାତ୍ର ଏସି ଦାମ ବଢ଼ିଯାଏ। ଏଣୁ ପରିବେଶବିତ୍‌ମାନେ କେବଳ ଷ୍ଟାର ୫ ଏସି ପ୍ରଚଳନ ପାଇଁ ଦାବି କରିଥା'ନ୍ତି। ୨୦୨୦ ମସିହାରେ ଶକ୍ତି ଦକ୍ଷତା ପରିଷଦ ଏସି ତାପମାତ୍ରା ସେଟିଂକୁ ସର୍ବନିମ୍ନ ୨୪ ଡିଗ୍ରୀ ସେଲସିୟସ ରଖିବା ପାଇଁ ନିୟମ କରିଥିଲା। ମାତ୍ର ଏହା ଫଳପ୍ରଦ ହେଲା ନାହିଁ। ପ୍ରଥମତଃ ଏହି ମୂଲ୍ୟ ଅଧିକ ଥିଲା ଏବଂ ଦ୍ୱିତୀୟରେ ଏସି ନିର୍ମାତାମାନେ ନିର୍ମାଣ ସମୟରେ ଏଥିପାଇଁ ବ୍ୟବସ୍ଥା କଲେ ନାହିଁ। ଏଣୁ ନୂଆ ଭାବେ ଆସିବାକୁ ଥିବା ଆଇନ୍‌ରେ ବ୍ୟବସ୍ଥା ରହୁଛି ଯେ ଏସି ନିର୍ମାତାମାନେ ଏପରି ଡିଜାଇନ କରିବେ ଯେପରି ତାପମାତ୍ରା ସେଟିଂକୁ ୨୦ ଡିଗ୍ରୀରୁ କମ କିମ୍ବା ୨୮ ଡିଗ୍ରୀରୁ ଅଧିକ କରିହେବ ନାହିଁ। ଜାପାନ, ଅଷ୍ଟ୍ରେଲିଆ ଓ ୟୁରୋପର କେତେକ ଦେଶରେ ଏସି ତାପମାତ୍ରା ନିୟନ୍ତ୍ରଣ ପାଇଁ ଆଇନ ଅଛି। ଭାରତର ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଏହି ନିଷ୍ପତ୍ତି ନେବାକୁ ପଡୁଛି ଯେତେବେଳେ ଶକ୍ତି ସମ୍ବନ୍ଧୀୟ କାର୍ବନ ଉତ୍ସର୍ଜନକୁ ହ୍ରାସ କରିବା ପାଇଁ ଆମ ଉପରେ ଜାଗତିକ ଚାପ ପଡୁଛି ଏବଂ ଭାରତ ୨୦୭୦ ମସିହା ସୁଦ୍ଧା ନେଟ୍ ଶୂନ୍ କାର୍ବନ ଉତ୍ସର୍ଜନ ଦେଶରେ ପରିଣତ ହେବା ପାଇଁ ଘୋଷଣା କରିଛି।

ମୋଟ ଉପରେ କହିଲେ ଏସି ତାପମାତ୍ରା ନିୟନ୍ତ୍ରଣ ଦ୍ୱାରା କମ୍ ବିଦ୍ୟୁତ୍ ବିଲ ଆସିବ, ବିଦ୍ୟୁତ୍ ଗ୍ରୀଡରେ ସ୍ଥିରତା ଆସିବ ଏବଂ ବାୟୁମଣ୍ଡଳକୁ କମ ଅଙ୍ଗାରକାମ୍ଳ ନିର୍ଗତ ହେବ। ପୁନଶ୍ଚ ଦେଖାଯାଇଛି ଯେ ବାହାରର ଝାଳବୁହା ଗରମରୁ ଭିତରର ଅତି ଥଣ୍ଡା ଅବସ୍ଥାକୁ ଆସିଲେ ଶ୍ୱାସକ୍ରିୟାଜନିତ ଚାପ ଓ ଶ୍ରାନ୍ତ ଦେଖାଦେଇପାରେ। କୋଠରି ତାପମାତ୍ରା ୨୨ରୁ ୨୬ ଡିଗ୍ରୀ ସେଲସିୟସ୍ ମଧ୍ୟରେ ରଖିଲେ ଆମ ସ୍ୱାସ୍ଥ୍ୟ ଉପରେ କୌଣସି ପ୍ରତିକୂଳ ପ୍ରଭାବ ନ ପକାଇ ଆମକୁ ଆରାମ ଦେଇପାରିବ ବୋଲି ବିଜ୍ଞାନଗତ ଭାବରେ ପ୍ରମାଣ କରାଯାଇଛି। ଏକ ଅଧ୍ୟୟନରୁ ଜଣାଯାଇଛି ଯେ ୫୦ ବର୍ଷରୁ ଅଧିକ ବୟସ୍କ ଲୋକ ୧୮ ଡିଗ୍ରୀ ସେଲସିୟସରୁ କମ୍ ତାପମାତ୍ରା ପରିବେଶରେ ରହିଲେ ସେମାନଙ୍କ ମଧ୍ୟରୁ ୧୬ ପ୍ରତିଶତ ଉଚ୍ଚ ରକ୍ତଚାପ, ନିମ୍ନ ଭିଟାମିନ୍ 'ଡି' ସ୍ତର ଏବଂ ହ୍ରାସିତ ଫୁସଫୁସ କ୍ରିୟା ଅନୁଭବ କରିଥା'ନ୍ତି। ଏଣୁ ସରକାରଙ୍କ ଆଇନ୍‌କୁ ମାନିବା ସହିତ ଏଥିନେଇ ସଚେତନତା ସୃଷ୍ଟି କରିବା ଆବଶ୍ୟକ।

(ସମ୍ପାଦକ, ସାଇନସ ହୋରିଜନ)
ଭୁବନେଶ୍ୱର, ମୋ: ୯୪୩୮୬୯୩୭୨୪

# ଲାଣ୍ଡିମାତା ମଠ ଓ ପିତା ଭୋଗ

ସ୍ୱପ୍ନେଶ୍ୱର

## ଲୋକକଥାରେ ଲୋକଦେବତା

ଶ୍ରୀମନ୍ଦିରର ଦକ୍ଷିଣ ଦ୍ୱାର ପାଖରେ ବୁଢ଼ୀଟିଏ କୁଡ଼ିଆଟିଏ କରି ବାସ କରୁଥିଲା। ବୁଢ଼ୀର ଆଗକୁ ପଛକୁ କେହି ନ ଥିଲେ। ଘରେ ମହାପ୍ରଭୁଙ୍କର ଚିତ୍ର ପ୍ରତିମାଟିଏ ରଖି ଭକ୍ତିର ସହ ପୂଜା କରେ। ବୁଢ଼ୀ ଭାବେ କାଳିଆ ତା'ର ପୁଅ। ଏ କଥା ପୁରୀବାସୀ ସମସ୍ତଙ୍କୁ ଜଣାଥିଲା। ତେଣୁ ସମସ୍ତେ ତା'କୁ 'ଲାଣ୍ଡିମାତା' ବୋଲି ଡାକୁଥିଲେ। ସବୁଦିନ ମନ୍ଦିରକୁ ଯାଇ ଯାଇ ନୀତିକାନ୍ତି ବିଷୟରେ ସେ ସବୁ ଜାଣିଥିଲା। ଯଦି କେବେ ଠାକୁରଙ୍କ ଭୋଗ ଲାଗିବାରେ ବିଳମ୍ବ ହୁଏ, ତା' ପୁଅକୁ ଭୋକ ଲାଗୁଥିବ ବୋଲି ବୁଢ଼ୀ କାନ୍ଦେ। ଅଣସର ସମୟରେ ଠାକୁରମାନେ ଜ୍ୱରରେ ପୀଡ଼ିତ ହୋଇ ଦର୍ଶନ ଦିଅନ୍ତି ନାହିଁ। ସେ ସମୟରେ ବୁଢ଼ୀ ଆଖିରୁ ଲୁହ ଶୁଖେ ନାହିଁ। ପୁଅର ଆରୋଗ୍ୟ କାମନା କରି ସେ ଉପବାସ ବ୍ରତ ରଖେ। ଜ୍ୱର ଦେବତାଙ୍କୁ ଆରାଧନା କରେ।

ଥରେ ବୁଢ଼ୀ ମନରେ ଏକ ଅଦ୍ଭୁତ ଖିଆଲ ଆସିଲା। ସେ ଚିନ୍ତା କଲା ଯେ ସୁଆର ପିଲାମାନେ ତା' ପୁଅ ପାଇଁ ଯାହା ସବୁ ଭୋଗ ପ୍ରସ୍ତୁତ କରୁଛନ୍ତି, ତା' ଭିତରୁ ଅଧିକାଂଶ ମଧୁର। ପିତା ଦିହକୁ ହିତ। ତେଣୁ ବୁଢ଼ୀ ଠିକ କଲା ଯେ ସେ ନିଜେ ପିତା ତୁଣ ରାନ୍ଧି ତା' ପୁଅକୁ ଖୁଆଇବ। ଦିନେ ଘରେ ଅତିଯତ୍ନର ସହ ପିତା ତୁଣ ରାନ୍ଧି ତାଟିଆରେ ରଖି କାନି ଘୋଡ଼େଇ ଲୁଚେଇ ନେଇଗଲା। ଗରୁଡ଼ ସ୍ତମ୍ଭ ପାଖରେ ଠିଆ ହୋଇ ତା' ତୁଣ ଗ୍ରହଣ କରିବା ପାଇଁ ମହାପ୍ରଭୁଙ୍କୁ ପ୍ରାର୍ଥନା କଲା। କିନ୍ତୁ ତାଟିଆର ତୁଣ ଅକ୍ଷୁଣ୍ଣ ଥିବା ଦେଖି ମନ ଦୁଃଖରେ ଘରକୁ ଫେରି ଗଲା। ତା' ପରଦିନ ପୁଣି ଅଧିକ ଯତ୍ନର ସହ ରାନ୍ଧି ମନ୍ଦିର ନେଇଗଲା ଏବଂ ଠାକୁରଙ୍କୁ ନିଉଛାଳି ହେଲା। କିନ୍ତୁ ମହାପ୍ରଭୁ ତୁଣ ଗ୍ରହଣ କରୁ ନ ଥିଲେ। ଏହିପରି ଅନେକ ଦିନ ଚାଲିଗଲା।

ଥରେ ଜଗନ୍ନାଥ ଦାସ ବୁଢ଼ୀକୁ କାନ୍ଦି କାନ୍ଦି ମନ୍ଦିରରୁ ଫେରୁ ଥିବାବେଳେ ଦେଖି କାରଣ ପଚାରିଲେ। ବୁଢ଼ୀର କଥା ଶୁଣି ଜଗନ୍ନାଥ ଦାସ କହିଲେ- 'ତୁ ଜାଣିନୁ କି ମାଉସୀ? ସେ ପରା ଭାବର ଠାକୁର। ତାଙ୍କୁ ଯଦି ମୁଣ୍ଡ ବାଡ଼େଇ କାନ୍ଦି ଡାକିବୁ, ସେ ତୋ ଭୋଗ ସ୍ୱୀକାର କରିବେ।' ତା' ପରଦିନ ବୁଢ଼ୀ ଯତ୍ନର ସହ ପିତା ତୁଣ ରାନ୍ଧି ତାଟିଆକୁ କାନି ତଳେ ରଖି ମନ୍ଦିରକୁ ଗଲା। ଗରୁଡ଼ ସ୍ତମ୍ଭ ପାଖରେ ଠିଆ ହୋଇ ମୁଣ୍ଡ ବାଡ଼େଇ କାନ୍ଦିଲା। ଧାର ଧାର ରକ୍ତ ବୋହିବାକୁ ଲାଗିଲା। ତା' ପରେ ସେ ଅନୁଭବ କଲା ଯେ ତାଟିଆଟା ହଠାତ୍ ହାଲୁକା ଲାଗିଲା। ସେ ଦେଖିଲା ଯେ ତାଟିଆ ଖାଲି। ଏହା ଦେଖି ବୁଢ଼ୀ ଆନନ୍ଦରେ କାନ୍ଦି କାନ୍ଦି ବାହାରକୁ ଗଲା। ସିଂହଦ୍ୱାରେ ଦାସ ଗୋସେଇଁଙ୍କୁ ସବୁ କଥା କହିଦେଇ ଘରକୁ ଧାଇଁଲା। ତା' ପର ଦିନଠାରୁ ପ୍ରତିଦିନ ବୁଢ଼ୀ ପିତା ତୁଣ ତାଟିଆ ନେଇ ମନ୍ଦିରକୁ ଯାଉଥିଲା ଏବଂ ତାଟିଆ ଖାଲି ହେବା ପରେ ଘରକୁ ଫେରୁଥିଲା।

ଦିନେ ବୁଢ଼ୀ ଚିନ୍ତା କଲା ଯେ ଯଦି କାଳିଆ ସବୁଦିନ ତାଟିଆ ଖାଲି କରି ତୁଣ ଖାଇ ଦେଉଥିଲା, ଅଧିକ ଟିକିଏ ନେଲେ ପିଲାଟା ଖୁସିରେ ଖାଆନ୍ତା। ତେଣୁ ସେ ଦିନ ଟିକିଏ ଅଧିକ ତୁଣ ରାନ୍ଧି ଗୋଟେ ବଡ଼ ତାଟିଆରେ ରଖି ନେଇ ଚାଲିଲା। ବଡ଼ ତାଟିଆଟାକୁ କାନି ତଳେ ନେଲା ବେଳେ ସେବକମାନେ ଦେଖିଦେଲେ। ତୁଣ ମନ୍ଦିର ଭିତରକୁ ଯାଇ ପାରିବ ନାହିଁ ବୋଲି ସେମାନେ ଶୁଣେଇ ଦେଲେ ଏବଂ ବୁଢ଼ୀକୁ ମନ୍ଦିରରୁ ବାହାର କରିଦେଲେ। ବୁଢ଼ୀ କାନ୍ଦି କାନ୍ଦି ଘରକୁ ଫେରିଲା। ତୁଣ ତାଟିଆକୁ ମହାପ୍ରଭୁଙ୍କ ଚିତ୍ରପ୍ରତିମା ଆଗରେ ରଖି ପ୍ରାର୍ଥନା କଲା। ମହାପ୍ରଭୁ ଭକ୍ତର ଡାକ ଶୁଣିଲେ। ସେଠାରେ ବିଜେ କରି ତାଟିଆ ଖାଲି କରି ଦେଲେ। ଏହା ଦେଖି ବୁଢ଼ୀର ଆନନ୍ଦ କହିଲେ ନ ସରେ।

ମନ୍ଦିରରେ ଧୂପବେଳେ ମହାପ୍ରଭୁ ସେବକମାନଙ୍କର ଚକ୍ଷୁରେ ଦେଖାଗଲେ ନାହିଁ। ଖବର ପାଇ ଗଜପତି ମହାରାଜା ଶ୍ରୀମନ୍ଦିରରେ ପହଞ୍ଚି ଗର୍ଭଗୃହରେ ଗୁହାରିଆ ପଡ଼ିଲେ। ସେଠାରେ ମହାପ୍ରଭୁ ଶୂନ୍ୟବାଣୀ କଲେ- 'ରାଉତ! ମୋର ଭକ୍ତ ଲାଣ୍ଡିମାତା ମୋତେ ସବୁଦିନ ପିତା ତୁଣ ଅର୍ପଣ କରେ। ମୁଁ ତାହା ମହାଆନନ୍ଦରେ ଗ୍ରହଣ କରେ। ଆଜି ସେବକମାନେ ତାଙ୍କୁ ମନ୍ଦିରକୁ ଆସିବାକୁ ଅନୁମତି ନ ଦେବାରୁ ମୁଁ ପିତା ଭୋଗ ପାଇବା ପାଇଁ ତା' ଘରେ ଅଛି। ଆଜିଠାରୁ ପ୍ରତିଦିନ ତା' ଘରୁ ପିତା ଭୋଗ ମୋତେ ସମର୍ପଣ କରିବାର ବନ୍ଦୋବସ୍ତ କର।' ଗଜପତି ଲାଣ୍ଡିମାତାଙ୍କ ଦ୍ୱାରା ପ୍ରସ୍ତୁତ ପିତା ଭୋଗ ସବୁଦିନ ମହାପ୍ରଭୁଙ୍କୁ ସମର୍ପଣ ହେବ ବୋଲି ଘୋଷଣା କଲେ। ଲାଣ୍ଡିମାତା ରହୁଥିବା ଯାଗାରେ ଲାଣ୍ଡିମାତା ମଠ ଗଢ଼ି ଉଠିଲା ଏବଂ ଅନେକ ବର୍ଷ ପର୍ଯ୍ୟନ୍ତ ପିତା ଭୋଗ ଯୋଗାଇବାର ଦାୟିତ୍ୱ ନେଲା। ଆଜିକାଲି ତରକାରୀରେ ମେଥି ପକେଇ ମହାପ୍ରଭୁଙ୍କ ରୋଷ ଘରେ ପ୍ରସ୍ତୁତ ପିତା ଭୋଗ ସମର୍ପଣ କରାଯାଉଛି।

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପୁଣି ରାସ୍ତାରେ ଦୌଡ଼ିବ ୨୦ ବର୍ଷ ପୁରୁଣା ଗାଡ଼ି

## ଦେବାକୁ ପଡିବ ମୋଟା ଅଙ୍କର ପଞ୍ଜୀକରଣ ଫି

ନୂଆଦିଲ୍ଲୀ,୨୬।୮(ଏଜେନ୍ସି): ଗାଡି ମାଲିକଙ୍କୁ ଆଶ୍ୱସ୍ତି! ଏଣିକି ୧୫ ବର୍ଷ ବଦଳରେ ୨୦ ବର୍ଷ ପାଇଁ ରାସ୍ତାରେ ଗଡ଼ିବ ଗାଡି। ହେଲେ ପୁରୁଣା ଗାଡ଼ିର ପଞ୍ଜିକରଣ ଲାଗି ଗାଡ଼ି ମାଲିକଙ୍କୁ ଦେବାକୁ ପଡିବ ମୋଟା ଅଙ୍କର ପଞ୍ଜୀକରଣ ଫି'। କାରଣ କେନ୍ଦ୍ର ସରକାର ୧୫ ବର୍ଷ ପୁରୁଣା ଯାନଗୁଡ଼ିକର ପଞ୍ଜୀକରଣକୁ ୨୦ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଅନୁମତି ଦେଇଛନ୍ତି। ଏଥିରେ ୨୦ ବର୍ଷ ପୁରୁଣା ଯାନର ପଞ୍ଜୀକରଣ ଲାଗି ଗାଡ଼ି ମାଲିକଙ୍କୁ ବର୍ଦ୍ଧିତ ନବୀକରଣ ଫି' ଦେବାକୁ ପଡିବ। ଏହି ନୂତନ ନିୟମ କେନ୍ଦ୍ରୀୟ ମୋଟର ଯାନ ନିୟମ (ତୃତୀୟ ସଂଶୋଧନ), ୨୦୨୫ ଅଧୀନରେ ଲାଗୁ କରାଯାଇଛି। ନୂଆ ନିୟମ ଅଗଷ୍ଟ ୨୦ରୁ ଲାଗୁ ହୋଇଛି। ଏହି ନିର୍ଦ୍ଦେଶନାମା ଦିଲ୍ଲୀ-ଏନସିଆର ବ୍ୟତୀତ ସମଗ୍ର ଦେଶରେ ଲାଗୁ ହେବ। କାରଣ ଦିଲ୍ଲୀ-ଏନସିଆରରେ ପୂର୍ବରୁ ୧୫ ବର୍ଷ ପୁରୁଣା ପେଟ୍ରୋଲ ଏବଂ ୧୦ ବର୍ଷ ପୁରୁଣା ଡିଜେଲ ଯାନ ଉପରେ ପ୍ରତିବନ୍ଧକ ଲଗାଯାଇଥିଲା। ଏହି ନବୀକରଣ ପ୍ରତି ୫ ବର୍ଷରେ କରିବାକୁ ପଡିବ ଏବଂ

**ପୂର୍ବରୁ ୧୫ ବର୍ଷ ପୁରୁଣା ଗାଡ଼ି ଚଳାଚଳ ଉପରେ ଲାଗିଥିଲା ରୋକ୍**

ଏଥିପାଇଁ ଏକ ସ୍ୱୀକୃତିପ୍ରାପ୍ତ ସ୍ୱୟଂଚାଳିତ ପରୀକ୍ଷଣ କେନ୍ଦ୍ର (ଏଟିଏସ୍) ରୁ ଫିଟନେସ୍ ପ୍ରମାଣପତ୍ର ହାସଲ କରିବା ବାଧ୍ୟତାମୂଳକ।

ଏହି ନୂଆ ନିୟମାନୁଯାୟୀ, ମୋଟରସାଇକେଲ ପଞ୍ଜୀକରଣ ନବୀକରଣ ପାଇଁ ୨୦୦୦ ଟଙ୍କା(ପୂର୍ବରୁ ୧୦୦୦ ଟଙ୍କା), ତିନି ଚକିଆ ଯାନ/କ୍ୱାଡ୍ରିସାଇକେଲ ପାଇଁ ୫୦୦୦ ଟଙ୍କା(ପୂର୍ବରୁ ୨୫୦୦ ଟଙ୍କା), ହାଲୁକା ମୋଟର ଯାନ (କାର ପରି ଏଲ୍ଏମ୍ଭି୧୦,୦୦୦ ଟଙ୍କା (ପୂର୍ବରୁ ୫୦୦୦ ଟଙ୍କା),ଆମଦାନୀ ହୋଇଥିବା ଦୁଇ ଚକିଆ ଯାନ ୨୦,୦୦୦ ଟଙ୍କା, ଆମଦାନୀ ହୋଇଥିବା ଚାରି ଚକିଆ ଯାନ ୮୦,୦୦୦ ଟଙ୍କା ଏବଂ ଅନ୍ୟାନ୍ୟ ବର୍ଗର ଯାନ ପାଇଁ ୧୨,୦୦୦ ଟଙ୍କା ଦେବାକୁ ପଡିବ। ସେହିପରି ବାଣିଜ୍ୟିକ ଯାନ କ୍ଷେତ୍ରରେ ଟ୍ୟାକ୍ସି ୭୦୦୦ ଟଙ୍କା (ପୂର୍ବରୁ ୧୦୦୦ ଟଙ୍କା),ବସ୍/ଟ୍ରକ୍ ପଞ୍ଜୀକରଣ ପାଇଁ ୧୨,୫୦୦ ଟଙ୍କା (ପୂର୍ବରୁ ୧୫୦୦ ଟଙ୍କା) ପଡିବ। ଏହାଛଡା ପଞ୍ଜୀକରଣ ନବୀକରଣରେ ବିଳମ୍ବ ପାଇଁ ମଧ୍ୟ ବିଳମ୍ବିତ ଶୁଳ୍କ ଲାଗୁ ହେବ, ଯାହା ଘରୋଇ ଯାନ ପାଇଁ ପ୍ରତି ମାସରେ ୩୦୦ ଟଙ୍କା ଏବଂ ବାଣିଜ୍ୟିକ ଯାନ ପାଇଁ ପ୍ରତି ମାସରେ ୫୦୦ ଟଙ୍କା ଜରିମାନା ଲାଗୁ ହେବ।

# ରାସ୍ତା ଉପରେ ଦୁଇଘଣ୍ଟା ହାତୀପଲ



ଅନୁଗୋଳ, ୨୬।୮ (ସମିସ): ଅନୁଗୋଳ ବନଖଣ୍ଡର ଶାବଳଭଙ୍ଗା ଗ୍ରାମରେ ହାତୀ ଉପଦ୍ରବ ଦେଖିବାକୁ ମିଳିଛି। ଭୋର୍ ପ୍ରାୟ ୪ଟାରେ ୧୭ଘରିଆ ଏକ ହାତୀପଲ ଗାଁ ଶିବମନ୍ଦିର ନିକଟରେ ଥିବା କିଛି ବିଲରେ ଧାନ ଦଳି ଖାଉଥିଲେ। ସକାଳ ହେବାରୁ ସେମାନେ ମନ୍ଦରଗିରି ଜଙ୍ଗଲକୁ ଫେରିବା ପାଇଁ ଅନୁଗୋଳ-ବନ୍ତଲା ରାସ୍ତା ପାର୍ ହୋଇଥିଲେ। କିନ୍ତୁ ରାସ୍ତାକଡ଼ରେ ଦିଆଯାଇଥିବା ସୋଲାର୍ ତାର କାରଣରୁ ସେମାନେ ଅପରପାର୍ଶ୍ୱକୁ ଯାଇ ପାରିନଥିଲା। ଫଳରେ ପ୍ରାୟ ଦୁଇ ଘଣ୍ଟା ଧରି ସେମାନେ ରାସ୍ତାପାର୍ଶ୍ୱରେ ଛିଡ଼ା ହୋଇ ରହିଥିଲେ। ଏଥିଯୋଗୁଁ ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଅପରପକ୍ଷେ, ହାତୀପଲଙ୍କୁ ଦେଖିବାକୁ ଶହଶହ ଲୋକଙ୍କ ଭିଡ଼ ଜମିଥିଲା।

**ଏକର ଏକର ଫସଲ ନଷ୍ଟ କଲେ**

କିଛି ଦିନ ହେଲା, ହାତୀପଲ ପାଚିଲା ତାଳ ଖାଇବା ଉଦ୍ଦେଶ୍ୟରେ ଜଙ୍ଗଲ ଛାଡ଼ି ଗାଁ ପାଖାପାଖି ଚାଲି ଆସିଛନ୍ତି। ତାଳ ଖାଇବା ସହ ଧାନ ଫସଲକୁ ମଧ୍ୟ ନଷ୍ଟ କରୁଛନ୍ତି। ଏକରଏକର ଜମିରେ ଧାନ ଫସଲ ଖାଇବା ସହ ଗୋଡ଼ରେ ଦଳି ନଷ୍ଟ କରି ଦେଉଛନ୍ତି। ହାତୀ ଉପଦ୍ରବ ବଢୁଥିବା କାରଣରୁ ହାତୀପଲଙ୍କୁ ଅଞ୍ଚଳରୁ ଘଉଡ଼ାଇବାକୁ ସ୍ଥାନୀୟ ଚାଷୀଙ୍କ ସମେତ ବିଭିନ୍ନ ସାମାଜିକ ଅନୁଷ୍ଠାନ ପକ୍ଷରୁ ବାରମ୍ବାର ବନବିଭାଗ ତଥା ଜିଲ୍ଲା ପ୍ରଶାସନକୁ ଅଭିଯୋଗ କରାଯାଉଥିଲେ ସୁଦ୍ଧା ପ୍ରଶାସନ ପକ୍ଷରୁ ଏଥିପ୍ରତି ଦୃଷ୍ଟି ଦେଉ ନଥିବା ସ୍ଥାନୀୟବାସୀ ଅଭିଯୋଗ ଆଣିଛନ୍ତି।

# ଆଜି ମିଳିବ ସିଏମ୍ କିଷାନ ଟଙ୍କା

ଭୁବନେଶ୍ୱର, ୨୬।୮(ସମିସ): ରାଜ୍ୟ ସରକାରଙ୍କ ସିଏମ୍-କିଷାନ ଯୋଜନାର କିସ୍ତି ଆସନ୍ତାକାଲି ମିଳିବ। 'ନୂଆଁଖାଇ'ର ଅବ୍ୟବହିତ ପୂର୍ବରୁ ଏହା ପ୍ରଦାନ କରାଯିବ। ପ୍ରତି ଚାଷୀଙ୍କ ବ୍ୟାଙ୍କଖାତାକୁ ସିଧାସଳଖ ୨ ହଜାର ଟଙ୍କା ଲେଖାଏଁ ପଠାଯିବ। ଏହାଦ୍ୱାରା ରାଜ୍ୟର ୫୨ଲକ୍ଷ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଉପକୃତ ହେବେ। ଏହି ଯୋଜନାରେ ରାଜ୍ୟ ସରକାର ଦୁଇଟି କିସ୍ତିରେ ୪ ହଜାର ଟଙ୍କା ପ୍ରଦାନ କରୁଛନ୍ତି।

**ଉପକୃତ ହେବେ ୫୨ ଲକ୍ଷ ଚାଷୀ**

ସୂଚନାଯୋଗ୍ୟ, ଗତବର୍ଷ 'ନୂଆଁଖାଇ' ଅବସରରେ ରାଜ୍ୟ ସରକାର ସିଏମ୍-କିଷାନ ଯୋଜନାର ପ୍ରଥମ କିସ୍ତି ପ୍ରଦାନ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଦ୍ୱିତୀୟ କିସ୍ତି ଦିଆଯାଇଥିଲା। ଏବେ ପୁଣି ଚଳିତବର୍ଷର ପ୍ରଥମ କିସ୍ତି ଦିଆଯିବା ନେଇ ଆଜି କୃଷିମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ସବୁ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଛନ୍ତି।

# ସବୁ ପୁରାତନ ମନ୍ଦିରର ହେବ ଜିଓ ଟ୍ୟାଗିଙ୍ଗ୍

ଭୁବନେଶ୍ୱର,୨୬।୮(ସମିସ): ଲୋକଲୋଚନ ଆଢୁଆଳରେ ରହିଥିବା ଓଡ଼ିଶାର ଐତିହ୍ୟ କୀର୍ତ୍ତିରାଜିକୁ ଖୋଜି ବାହାର କରିବା ସହ ସେସବୁର ଡାଟାବେସ୍ ପ୍ରସ୍ତୁତ କରାଯିବ। ସଂରକ୍ଷଣ, ସୌନ୍ଦର୍ଯ୍ୟକରଣ ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବା ସାଙ୍ଗକୁ ପୁରାତନ ଐତିହ୍ୟ ଓ କିର୍ତ୍ତୀକରାଜିକୁ ପର୍ଯ୍ୟଟନ ସ୍ଥଳୀ ଭାବେ ପରିଚିତ କରାଯିବ। ମଙ୍ଗଳବାର ଲୋକସେବା ଭବନରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ଥିବା ଐତିହ୍ୟ ଓ ପୁରାତନ କୀର୍ତ୍ତିରାଜିର ସୁରକ୍ଷା, ପାରିପାଶ୍ୱର୍କ ବିକାଶ ଓ ଭଲ ସଡ଼କ ଯୋଗାଯୋଗ ବ୍ୟବସ୍ଥା, ଲୋକଲୋଚନ ଆଢୁଆଳରେ ଥିବା ଐତିହ୍ୟସ୍ଥଳୀକୁ ବିଶ୍ୱର ସବୁ ସ୍ଥାନରୁ ପର୍ଯ୍ୟଟକଙ୍କ ଆଗମନ ପାଇଁ ସୁଗମ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଇଥିଲେ। ପୁରାତନ ମନ୍ଦିରର ଜିଓ ଟ୍ୟାଗିଂ କରାଯିବା ସହ ଜଗନ୍ନାଥ ସଂସ୍କୃତି ସହ ଜଡ଼ିତ ବିଭିନ୍ନ କ୍ଷେତ୍ରର ଉନ୍ନତିକରଣ, ରାଜ୍ୟରେ ଥିବା

- ବିଶ୍ୱସ୍ତରୀୟ ହେବ ଖାରବେଳ ସମୟର କୀର୍ତ୍ତିରାଜି
- ଜଗନ୍ନାଥ ସଂସ୍କୃତି ଓ ବୌଦ୍ଧ କୀର୍ତ୍ତିରାଜିକୁ ପ୍ରାଥମିକତା

ବୈଠକରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ତି ଯେ, ଓଡ଼ିଶାର ଐତିହ୍ୟ ବହୁ ପୁରୁଣା। ଐର ଖାରବେଳଙ୍କ ସମୟ, ବୌଦ୍ଧ କୀର୍ତ୍ତିରାଜି, ଖଣ୍ଡଗିରି ଓ ଉଦୟଗିରି ଏବଂ ପାଇକ ବିଦ୍ରୋହ ସମୟର ପ୍ରାୟ ୩ ହଜାରରୁ ଅଧିକ ଐତିହ୍ୟସ୍ଥଳ ଲୁକ୍କାୟିତ ହୋଇ ପଡ଼ିରହିଛି। ଏଥିରୁ ୮୨ଟି କୀର୍ତ୍ତିରାଜିକୁ ଭାରତୀୟ ପ୍ରନିତତ୍ତ୍ୱିକ ସଂସ୍ଥା ରକ୍ଷଣାବେକ୍ଷଣ କରୁଥିବାବେଳେ ୨୧୨ଟି ରାଜ୍ୟ ପ୍ରନିତାତ୍ତ୍ୱିକ ସଂସ୍ଥା ହାତରେ ରହିଛି। ତେବେ ବାକି ଥିବା ଐତିହ୍ୟ ସ୍ଥଳର ଉପଯୁକ୍ତ ରକ୍ଷଣାବେକ୍ଷଣ ପାଇଁ ପର୍ଯ୍ୟଟନ, ସଂସ୍କୃତି ଓ ପୂର୍ତ୍ତ ବିଭାଗ ସମନ୍ୱୟରେ ଏକ ଟାସ୍କଫୋର୍ସ ଗଠନର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ।

ସେହିପରି ଓଡ଼ିଶାର କୋଣ ଅନୁକୋଣରେ ସବୁ ଶକ୍ତିପୀଠକୁ ଯୋଡ଼ି ଏକ କରିଡର ନିର୍ମାଣ କରିବାକୁ ପୁରାତନ ଐତିହ୍ୟ ସ୍ଥଳୀଗୁଡ଼ିକର ପ୍ରୋଫାଇଲ୍ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦିଆଯାଇଛି। ସେହିପରି ପ୍ରାଥମିକ ପର୍ଯ୍ୟାୟରେ ପର୍ଯ୍ୟଟନ ଦୃଷ୍ଟିରୁ ଗୁରୁତ୍ୱ ବହନ କରୁଥିବା ରାଜ୍ୟର ୭୫ଟି ଐତିହ୍ୟ ସ୍ମାରକର ସୁରକ୍ଷା ପାଇଁ ପଦକ୍ଷେପ ନିଆଯିବା ଉପରେ ଆଲୋଚନା ହୋଇଛି। ବୈଠକରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ,ସଂସ୍କୃତ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଭାଗର ସଚିବ ଡ. ବିଜୟ କେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାସ, ପର୍ଯ୍ୟଟନ ବିଭାଗ କମିଶନର ବଳବନ୍ତ ସିଂ, ପୂର୍ତ୍ତ ବିଭାଗ ଉପଦେଷ୍ଟା ଜେ.କେ. ଦାସଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ରାଜସ୍ୱ ଅମଲାଙ୍କ ଆନ୍ଦୋଳନ ସ୍ଥଗିତ

ଭୁବନେଶ୍ୱର,୨୬।୮(ସମିସ): ସରକାରଙ୍କ ପ୍ରତିଶ୍ରୁତି, ବନ୍ୟା ଓ ପାର୍ବଣକୁକୁ ଦୃଷ୍ଟିରେ ରଖି ଆନ୍ଦୋଳନ ସ୍ଥଗିତ ରଖିଛି ରାଜସ୍ୱ ଅମଲା ସଂଘ। ଫଳରେ ଦୀର୍ଘ ୧୫ ଦିନି ଆନ୍ଦୋଳନ ପରେ ପ୍ରଶାସନିକ ଅଚଳାବସ୍ଥା ସ୍ୱାଭାବିକ ହୋଇଛି। ସଂଘ ସଭାପତି କହିଛନ୍ତି, ବନ୍ୟା ସ୍ଥିତିରେ ଯେମିତି ଲୋକ ଅସୁବିଧାର ସମ୍ମୁଖୀନ ନହେବେ ତେଣୁ ସରକାରଙ୍କ ସହ ଆଲୋଚନା ପରେ ଏଭଳି ନିଷ୍ପତ୍ତି ନେଇଛୁ। ସରକାର ଆମର କିଛି ଦାବି ମାନିବେ ବୋଲି ପ୍ରତିଶ୍ରୁତି ଦେଇଥିବା ସେ କହିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଦୀର୍ଘ ୧୫ ଦିନ ହେଲେ ରାଜସ୍ୱ ଅମଲା କର୍ମଚାରୀ ଆନ୍ଦୋଳନରେ ବସିଥିଲେ। ଫଳ ସ୍ୱରୂପ ରାଜସ୍ୱ କାର୍ଯ୍ୟାଳୟରେ କାମ ଠପ୍ ହୋଇ ରହିଥିଲା। ରାଜସ୍ୱ କାର୍ଯ୍ୟାଳୟରେ ଅଚଳାବସ୍ଥା ଜାରି ରହିଥିଲା। ବାରମ୍ବାର ଅନୁରୋଧ ଓ ସରକାରଙ୍କ ନାଲିଆଖି ପରେ ମଧ୍ୟ ସେମାନେ ଆନ୍ଦୋଳନ ଜାରି ରଖିଥିଲେ। ମାତ୍ର ସୋମବାର ପୁଣି ଥରେ ରାଜସ୍ୱ ବିଭାଗ ପକ୍ଷରୁ ସବୁ ଜିଲ୍ଲାପାଳଙ୍କୁ ଚିଠି ଲେଖି ଛୁଟିରେ ଥିବା କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଯାହା ପରେ ରାଜସ୍ୱ କର୍ମଚାରୀମାନେ ଆନ୍ଦୋଳନକୁ ସ୍ଥଗିତ ରଖିବାକୁ ବାଧ ହୋଇଥିବା କୁହାଯାଉଛି।

# ବରିଷ୍ଠ ଓଏଏସ ଅଫିସରସ୍ତରରେ ଅଦଳବଦଳ

ଭୁବନେଶ୍ୱର,୨୬।୮(ସମିସ): ରାଜ୍ୟ ସରକାର ବରିଷ୍ଠ ଓଏଏସ ଅଫିସର ସ୍ତରରେ ଅଦଳବଦଳ କରିଛନ୍ତି। ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ମଙ୍ଗଳବାର ଏକ ବିଜ୍ଞପ୍ତି ଜାରି କରାଯାଇଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ନିର୍ଦ୍ଦେଶକ ତଥା ଅତିରିକ୍ତ ସ୍ୱତନ୍ତ୍ର ସଚିବ ଭାବେ କାର୍ଯ୍ୟରତ ବରିଷ୍ଠ ଓଏଏସ ଅଫିସର ଗଙ୍ଗାଧର ନାୟକଙ୍କୁ ଓଡ଼ିଶା ନଗର ଗୃହ ନିର୍ମାଣ ବୋର୍ଡ (ଓୟୁଏଚବି)ର ପରିଚାଳନା ନିର୍ଦ୍ଦେଶକ ଏବଂ ଓଡ଼ିଶା ଗ୍ରାମୀଣ ଗୃହ ଓ ଉନ୍ନୟନ ନିଗମ (ଓଆରଏଚଡିସି)ର ପରିଚାଳନା ନିର୍ଦ୍ଦେଶକ ସହ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ନିଯୁକ୍ତ କରାଯାଇଛି। ସେହିଭଳି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ଭାବେ ଦାୟିତ୍ୱ ତୁଲାଉଥିବା ଓଏଏସ ଅଫିସର ଶୁଭାନନ୍ଦ ମହାପାତ୍ରଙ୍କୁ ବଦଳି କରାଯାଇ ଗୃହ ନିର୍ମାଣ ନିର୍ଦ୍ଦେଶକ ସହ ଅତିରିକ୍ତ ସଚିବ ଭାବେ ଦାୟିତ୍ୱ ଦିଆଯାଇଛି। ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ କମିଶନ(ଓଏସଏସସି)ର ଅତିରିକ୍ତ ସଚିବ ରଜନୀ କାନ୍ତ ସ୍ୱାଇଁ ଓଏସଏସସି ସଚିବ ଭାବେ ନିଯୁକ୍ତ ହୋଇଛନ୍ତି।

ସୂଚନା ଓ ଜନସମ୍ପର୍କ ବିଭାଗର ଅତିରିକ୍ତ ସଚିବ ବିଷ୍ଣୁପ୍ରିୟା ସାହୁ ସମବାୟ ବିଭାଗରେ ଅତିରିକ୍ତ ସଚିବ ଭାବେ ବଦଳି ହୋଇଛନ୍ତି। ଯାଜପୁର ପୂର୍ବତନ ଜିଲ୍ଲା ପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆଙ୍କୁ ସୂଚନା ଓ ଜନସମ୍ପର୍କ ବିଭାଗର ଅତିରିକ୍ତ ସଚିବ ଭାବେ ନିଯୁକ୍ତି ମିଳିଛି। ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପ୍ରାଧିକରଣର ସିଜିଏମ ଗାୟତ୍ରୀ ଦତ୍ତ ନାୟକଙ୍କୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗରେ ଯୁଗ୍ମ ସଚିବ ଭାବେ ବଦଳି କରାଯାଇଛି। ମାଲକାନଗିରି ପୂର୍ବତନ ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇଙ୍କୁ କଳାହାଣ୍ଡି ଜିଲ୍ଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ଭାବେ ଦାୟିତ୍ୱ ଦିଆଯାଇଛି । ଓଡ଼ିଶା ଟାଉନ ପ୍ଲାନିଂ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ଓଏସଡି ଭାବେ କାର୍ଯ୍ୟରତ ଓଏଏସ ଅଫିସର ଚନ୍ଦ୍ରକାନ୍ତ ମଲ୍ଲିକ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ ସେଣ୍ଟର (ଓକାକ)ରେ ବୈଦେଶିକ ସେବା ସର୍ତ୍ତାବଳୀରେ ଓଏସଡି ଭାବେ ବଦଳି ହୋଇଛନ୍ତି। ଓବିସି ସେଲର ଉପନିର୍ଦ୍ଦେଶକ ସରୋଜ କୁମାର ପଣ୍ଡାଙ୍କୁ ଜଳସମ୍ପଦ ବିଭାଗରେ ନୟାଗଡ଼ ଜିଲ୍ଲାର ବୃତଙ୍ଗ ଜଳସେଚନ ପ୍ରକଳ୍ପରେ ନିଯୁକ୍ତ କରାଯାଇଛି।

# ଏଆଇସିସି ଏସ୍‌ସି ପରାମର୍ଶଦାତା ପରିଷଦରେ ଭକ୍ତ

ଭୁବନେଶ୍ୱର,୨୬।୮(ସମିସ): ଅଖିଳ ଭାରତ କଂଗ୍ରେସ କମିଟି ପକ୍ଷରୁ ଅନୁସୂଚିତ ଜାତି (ଏସ୍‌ସି) ବିଭାଗର ପରାମର୍ଶଦାତା ପରିଷଦ ଗଠନ ହୋଇଛି। ଏହି କମିଟିରେ ପିସିସି ସଭାପତି ଭକ୍ତଚରଣ ଦାସ ସଦସ୍ୟ ଭାବେ ସ୍ଥାନ ପାଇଛନ୍ତି। ଏଆଇସିସି ପକ୍ଷରୁ ଗଠିତ ଏହି ପରିଷଦରେ ୪୧ ଜଣ ବରିଷ୍ଠ କଂଗ୍ରେସ ନେତାଙ୍କୁ ସ୍ଥାନ ଦିଆଯାଇଥିବା ବେଳେ ଓଡ଼ିଶାରୁ ଭକ୍ତଙ୍କୁ ସ୍ଥାନ ମିଳିଛି। ଏହି ନିଯୁକ୍ତି ପରେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ, ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ଏଆଇସିସି ସାଧାରଣ ସମ୍ପାଦକ (ସଙ୍ଗଠନ) କେସି ଭେନୁଗୋପାଳଙ୍କୁ ଭକ୍ତ ଧନ୍ୟବାଦ ଜଣାଇଛନ୍ତି।

# ନିହାର ମହାନ୍ତିଙ୍କ ଜାମିନ ଖାରଜ

କଟକ, ୨୬।୮(ସମିସ): ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣାରେ କ୍ରାଇମବ୍ରାଞ୍ଚ ଦ୍ୱାରା ଗିରଫ ହୋଇଥିବା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ)ର ପ୍ରାକ୍ତନ ଉପ ସଭାପତି ଡ. ନିହାର ରଂଜନ ମହାନ୍ତି ଓ ଅନ୍ୟ ଜଣେ ଅଭିଯୁକ୍ତ ଅଜୟ ସାହୁଙ୍କ ଜାମିନ ଆବେଦନ ଆଜି ଖାରଜ ହୋଇଯାଇଛି। କଟକ ତୃତୀୟ ଅତିରିକ୍ତ ଦୌରା ଅଦାଲତ ଦୁଇ ଅଭିଯୁକ୍ତଙ୍କ ନିୟମିତ ଜାମିନ ଆବେଦନର ଶୁଣାଣି କରିବା ସହ ଏହାକୁ ଖାରଜ କରିଛନ୍ତି।


**AFFIDAVIT**

By virtue of an affidavit sworn Before Notary Public, Angul, dated 04/08/2025, I, Sujan Bhutia, Address At-Pandarabharania, Po-Budhapank, Ps- Banarpal, Dist-Angul, Odisha, Pin Code-759128 declare that I have changed the name of my son Chiranjivee Bhutia to Priyansu Bhutia Henceforth he shall be knows as **Priyansu Bhutia** for all propose.

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar vide Serial No. 116 dt. 26.08.2025, I, Subhashree Priyadarshnee Sahoo resident of Pratima Nivas, Paltanpadia, near Hengulai Temple, P.S./Dist. Khordha, Odisha, declare that I have changed my name from Subhashree Priyadarshnee Sethi to Subhashree Priyadarshnee Sahoo. Henceforth I shall be known as Subhashree Priyadarshnee Sahoo for all purposes.

**Subhashree Priyadarshnee Sahoo**

**AFFIDAVIT**

By virtue of an affidavit sworn before Executive Magistrate Bhograi Tahasil on dated-11/03/2025, I, **Mr. Braja Kishore Das,** Address AT/PO-Sankhari, PS- Bhograi, DIST-Balasore, PIN-756037 Odisha, declare that I have changed the name of my Son from **RIYANSH DAS** (old name) to **RAYANSH DAS** (new name). Henceforth, he shall be known as **RAYANSH DAS** (new name) for all purposes.

**Applicant Name: Braja Kishore Das**

**AFFIDAVIT**

I, Nakamani Hembram D/o Jadunath Hembrom, Resident of At-Jagda, PO/PS-Jhirpani, Rourkela Dist-Sundargarh PIN-769042, Odisha declare by this affidavit No.A/15 dtd 31.08.2024 that now onwards I shall be known as **NAKMANI NILIMA HEMBROM** for all future purposes.

**AFFIDAVIT**

By virtue of an affidavit sworn before Notary Public, Puri, dated 16/08/2025 I Subhashree Samantaray, Address: At- Balarampur, Po.-Rameswar, Via-J ankia, Dist. -Khorda, Pin-752020, Odisha declare that I have changed my name from **Suvashree Samantaray** to **Subhashree Samantaray**. Henceforth, I shall be known as **Subhashree Samantaray** for all purposes.

**AFFIDAVIT**

I, Sachit Agrawal S/o Ram Kumar Agarwal, Resident of At-W 5, Civil Township, Raghunathpali, Rourkela-4, Dist-Sundargarh PIN-769004, Odisha declare by this affidavit No.1625 dtd 26.08.2025 that now onwards I shall be known as **SACHIT AGARWAL** for all future purposes.

**AFFIDAVIT**

I, Usharani Nayak D/o Banabihari Das, Resident of Village-Alana, PO-Alanahat, Nuagaon, Dist-Jagatsinghapur, Odisha declare by this affidavit No.9373 dtd 18.10.2021 that now onwards I shall be known as **USHARANI DAS** for all future purposes.


## ଅବଶିଷ୍ଟାଂଶ

### ଆଜିଠୁ ୫୦%...

ଭାରତୀୟ ସାମଗ୍ରୀ ଉପରେ ୫୦% ଶୁଳ୍କ ଲାଗୁ ହେବା ପରେ ଏହାର ଚାହିଦା ହ୍ରାସ ପାଇବାର ଆଶଙ୍କା ରହିଛି। ଏହାଦ୍ୱାରା ଏହି ସାମଗ୍ରୀ ସହ ସଂପୃକ୍ତ ଶିଳ୍ପ ଗୁରୁତର ଭାବେ ପ୍ରଭାବିତ ହେବ। ଶୁଳ୍କ ପ୍ରଭାବରେ ଦେଶରେ ଶିଳ୍ପପତିମାନେ ଉତ୍ପାଦନ ହ୍ରାସ କରିବାକୁ ବାଧ ହେବେ ଓ ପରିଣତିସ୍ୱରୂପ ଦେଶରେ ଲୋକଙ୍କ ଆୟ କମିବା ସହ ଚାକିରି ଉଭେଇଯିବ ବୋଲି ବଜାର ବିଶେଷଜ୍ଞମାନେ ଆକଳନ କରୁଛନ୍ତି। ଭାରତୀୟ ଅର୍ଥନୀତି ଓ ମୋଟ ଘରୋଇ ଉତ୍ପାଦ ମଧ୍ୟ ହ୍ରାସ ପାଇବ ବୋଲି ଅର୍ଥନୀତିଜ୍ଞମାନେ ଆକଳନ କରିଛନ୍ତି। ଟାରିଫ୍ ପୂର୍ବରୁ ଏହାର ସିଧାସଳଖ ପ୍ରଭାବ ଭାରତୀୟ ସେୟାର ବଜାରରେ ଆଜି ଅନୁଭୂତ ହୋଇଛି। ଆଜି ଷ୍ଟକ୍ ଏକ୍ସଚେଞ୍ଜରେ ସେନସେକ୍ସ ୮୦୦ ପଏଣ୍ଟ ତଳକୁ ଖସିବା ହେଉଛି ଏହାର ଉଦାହରଣ।

ଟ୍ରମ୍ପ ପ୍ରଶାସନର ୫୦% ଶୁଳ୍କ ଯୋଗୁଁ ଭାରତର ୮୭ ବିଲିୟନ ଡଲାରର ରପ୍ତାନି ପ୍ରଭାବିତ ହେବାର ଆଶଙ୍କା ରହିଛି। ଭାରତ ପ୍ରତିବର୍ଷ ଆମେରିକାକୁ ପ୍ରାୟ ୮୦ ବିଲିୟନ ଡଲାର ସାମଗ୍ରୀ ରପ୍ତାନି କରିଥାଏ, ଯାହା ମୋଟ ରପ୍ତାନିର ୧୮ ପ୍ରତିଶତ ଏବଂ ଜିଡିପିର ପ୍ରାୟ ୨.୫ ପ୍ରତିଶତ। ୫୦% ଶୁଳ୍କ ରପ୍ତାନିକୁ ୫୦ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରିବାର ସମ୍ଭାବନା ଥିବାରୁ ଜିଡିପି ମଧ୍ୟ ୦.୪% ପ୍ରତିଶତ ହ୍ରାସ ପାଇବାର ଆଶଙ୍କା ରହିଛି। ସେହିପରି ଏବେ ଫାର୍ମା କ୍ଷେତ୍ରରେ ଆମେରିକା ୨୫୦% ଶୁଳ୍କ ଲାଗୁ ଧମକ ଦେଇଥିବାରୁ ଏହାକୁ ନେଇ ଭାରତୀୟ ଫାର୍ମା କମ୍ପାନୀଗୁଡ଼ିକ ବେଶ୍ ଚିନ୍ତିତ। ଯଦି ଆମେରିକା ସହିତ କୌଣସି ବାଣିଜ୍ୟ ଚୁକ୍ତି ନ ହୁଏ ବା ଶୁଳ୍କ ହ୍ରାସ କରା ନ ଯାଏ, ତେବେ ଏହା ଦେଶର ୪୮.୨ ବିଲିୟନ ଡଲାର ମୂଲ୍ୟର ରପ୍ତାନି ଉପରେ ସିଧାସଳଖ ପ୍ରଭାବ ପଡ଼ିବ।

ଭାରତରୁ ଆମେରିକାକୁ ଅଧିକାଂଶ ଅଳଙ୍କାର, ପୋଷାକ, ଯନ୍ତ୍ରପାତି ଏବଂ ରାସାୟନିକ ପଦାର୍ଥ ରପ୍ତାନି କରାଯାଏ। ୫୦% ଶୁଳ୍କ ଆମେରିକାରେ ଏହି ଜିନିଷଗୁଡ଼ିକୁ ମହଙ୍ଗା କରିବ। ଯାହା ଫଳରେ ସେଠାରୁ ଅର୍ଡର ହ୍ରାସ ପାଇବ। କମ୍ ଅର୍ଡର ଯୋଗୁଁ କମ୍ପାନୀଗୁଡ଼ିକୁ ସେମାନଙ୍କର ଉତ୍ପାଦନ ହ୍ରାସ କରିବାକୁ ପଡିବ, ଯାହା ଦ୍ୱାରା କର୍ମଚାରୀ ଛଟେଇ ହୋଇପାରନ୍ତି। ତେଣୁ ଏହି କ୍ଷେତ୍ରଗୁଡ଼ିକରେ ଲୋକେ ଚାକିରି ହରାଇବାର ଆଶଙ୍କା ରହିଛି। ଏହାବାଦ୍ ୫୦% ଶୁଳ୍କ ଆମେରିକାକୁ ରପ୍ତାନି ହ୍ରାସ କରିବ। ଏହାଦ୍ୱାରା ଭାରତର ଜିଡିପି ଅଭିବୃଦ୍ଧି ୦.୨% ରୁ ୦.୬% ହ୍ରାସ ପାଇବ ଏବଂ ସରକାରଙ୍କୁ ନିଜର ବାଣିଜ୍ୟ ନୀତିରେ ପରିବର୍ତ୍ତନ କରିବାକୁ ପଡ଼ିବ। ଆମେରିକା ଉପରେ ନିର୍ଭରଶୀଳତା ହ୍ରାସ କରିବା ପାଇଁ ସରକାରଙ୍କୁ ୟୁରୋପ, ରୁଷ କିମ୍ବା ଅନ୍ୟ ଦେଶରେ ବାଣିଜ୍ୟ ବୃଦ୍ଧି କରିବାକୁ ପଡିବ। ତେବେ ଭାରତ ଉପରେ ଶୁଳ୍କ ବୃଦ୍ଧି ଯୋଗୁଁ ଆମେରିକାର ବଜାରରେ ଚୀନ, ବାଂଲାଦେଶ, ପାକିସ୍ତାନ ଓ ଭିଏତନାମ ଲାଭବାନ ହେବେ ବୋଲି କୁହାଯାଉଛି। କାରଣ କମ୍ ଶୁଳ୍କ ଯୋଗୁଁ ଏହି ଦେଶର ସାମଗ୍ରୀ ଆମେରିକା ବଜାରରେ ଶସ୍ତାରେ ମିଳିବ।

### ରାଜ୍ୟରେ ଆରମ୍ଭ...

ସରକାର' ଢ଼ାଞ୍ଚାରେ ରାଜ୍ୟ ସରକାର ଆରମ୍ଭ କରିଛନ୍ତି 'ଆମ ଶାସନ' କାର୍ଯ୍ୟକ୍ରମ। ମଙ୍ଗଳବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସରକାରୀ ଯୋଜନା ଓ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଆରମ୍ଭ କରିଛନ୍ତି 'ଆମ ଶାସନ'। ଏହି ବ୍ୟବସ୍ଥାରେ ଲୋକମାନେ ଉଭୟ ଅନ୍‌ଲାଇନ ଓ ଅଫଲାଇନ୍ ମାଧ୍ୟମରେ ସେମାନଙ୍କର ମତାମତ ବା ପରାମର୍ଶ ସରକାରଙ୍କୁ ଦେଇପାରିବେ। ରାଜ୍ୟ ସରକାରଙ୍କ ୱେବସାଇଟ୍ ଚାଟ୍‌ବଟ୍, ହ୍ୱାଟ୍ସଆପ୍ ଚାଟ୍‌ବଟ୍ +୯୧-୭୪୦୦୨୨୧୯୦୩, ଟୋଲ୍ ଫ୍ରି ନମ୍ବର ୧୪୪୭୧ ଜରିଆରେ ନିଜ ଅଭିଯୋଗ ଓ ପରାମର୍ଶ ଦିଆଯାଇ ପାରିବ। ଏହାସହିତ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଏବଂ ଉଚ୍ଚ ପ୍ରଶାସନିକ ଅଧିକାରୀମାନେ ମଧ୍ୟ ଟେଲିଫୋନ୍ ଜରିଆରେ ମତାମତ ଗ୍ରହଣ କରିବେ।

କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସୁଶାସନର କେନ୍ଦ୍ରବିନ୍ଦୁ ହେଉଛନ୍ତି ନାଗରିକ। ତେଣୁ ସମସ୍ତ ସରକାରୀ କାର୍ଯ୍ୟକ୍ରମ, ଯୋଜନା, ସର୍ବୋପରି ସରକାରୀ ସେବା ବ୍ୟବସ୍ଥାକୁ ନାଗରିକ କୈନ୍ଦ୍ରିକ କରାଯାଇଛି। ଜନସାଧାରଣଙ୍କ ମତାମତ ବିନା କୌଣସି ଯୋଜନା ସଫଳ ହୋଇ ପାରିବ ନାହିଁ। 'ଆମ ଶାସନ' ସରକାର ଓ ପ୍ରଶାସନରେ ସ୍ୱଚ୍ଛତା, ପାରଦର୍ଶିତା, ଦାୟିତ୍ୱବୋଧତା ଓ ଉତ୍ତରଦାୟିତ୍ୱତା ଆଣିବ। ସେହିପରି ସରକାର ଓ ଲୋକଙ୍କ ମଧ୍ୟରେ ଥିବା ଦୂରତା ହ୍ରାସ ପାଇବ। ଲୋକଙ୍କ ମତାମତକୁ ସମ୍ମାନ ଜଣାଇ ବିଧିବ୍ୟବସ୍ଥାରେ ଆବଶ୍ୟକୀୟ ପରିବର୍ତ୍ତନ କରାଯିବ। ସୂଚନା ଯୋଗ୍ୟ ଯେ ବର୍ତ୍ତମାନ ଅନଲାଇନ ଜରିଆରେ ସରକାର ୩୨ଟି ବିଭାଗର ୪୨୮ଟି ସେବା ଯୋଗାଇ ଦେଉଛନ୍ତି। ଆମ ଶାସନ କାର୍ଯ୍ୟକ୍ରମରେ ପ୍ରଥମ ପର୍ଯ୍ୟାୟରେ ୮ଟି ବିଭାଗର ୧୩ଟି ସେବା ପାଇଁ ଫିଡ୍‌ବ୍ୟାକ୍ ବ୍ୟବସ୍ଥା ଆରମ୍ଭ କରାଯାଇଛି। ଏଗୁଡିକ ହେଲା ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଅନ୍ତ୍ୟୋଦୟ ଗୃହ ଯୋଜନା, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ମଧୁବାବୁ ପେନ୍‌ସନ ଯୋଜନା, ମହିଳା ଓ ଶିଶୁ ବିକାଶ ବିଭାଗର ସୁଭଦ୍ରା ଯୋଜନା, ଅନୁସୂଚିତ ଜନଜାତି ଓ ଜାତି ବିଭାଗର ସହିଦ ମାଧୋ ସିଂ ହାତଖର୍ଚ୍ଚ ଯୋଜନା, କୃଷି ଓ କୃଷକ ସଶକ୍ତିକରଣ ବିଭାଗର ଶ୍ରୀଅନ୍ନ ଓ ସିଏମ୍ କିଷାନ ଯୋଜନା, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଧାନ ସଂଗ୍ରହ କାର୍ଯ୍ୟକ୍ରମ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଇନ୍ ପେସେଣ୍ଟ ଓ ଆଉଟ୍ ପେସେଣ୍ଟ ସେବା ଓ ଆୟୁଷ୍ମାନ ବୟୋବନ୍ଦନା ଯୋଜନା ଏବଂ ଗୃହ ବିଭାଗର ରଓଜ, ଅଗ୍ନି ନିରାପତ୍ତା ସାର୍ଟିଫିକେଟ୍ ପ୍ରଦାନ ଓ ପିଟିସନ।

ଆଜି କାର୍ଯ୍ୟକ୍ରମ ଆରମ୍ଭ ପରେ ବିଭିନ୍ନ ଜିଲ୍ଲାର କିଛି ହିତାଧିକାରୀଙ୍କ ସହ ମୁଖ୍ୟମନ୍ତ୍ରୀ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ କେ.ଭି ସିଂହଦେଓ, ଇଲୋକ୍ଟ୍ରୋନିକ୍ସ ଓ ଆଇ.ଟି ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ ଦେବ, ସ୍ୱାସ୍ଥ୍ୟ ବିଭାଗ ସଚିବ ଅଶ୍ୱତୀ ଏସ୍. ପ୍ରମୁଖ ଉପସ୍ଥିତ ଥିଲେ।

# ଚମ୍ପା ରାସପେଦାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୨୬।୮(ସମିସ): ବିଶେଷ ଅନୁନ୍ନତ ଜନଜାତି ସମୁଦାୟ (ପିଭିଟିଜି) ଶ୍ରେଣୀଭୁକ୍ତ ଦିଦାୟୀ ଜନଜାତିର ପ୍ରଥମ ଝିଅ ଭାବେ ଡାକ୍ତରୀ ପଢ଼ିବା ପାଇଁ ମନୋନୀତ ଥିବା ଚମ୍ପା ରାସପେଦାଙ୍କୁ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ବର୍ଦ୍ଧିତ କରିଛନ୍ତି। ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଉପହାର ଭାବେ ଏକ ଲାପଟପ୍ ଦେଇଛନ୍ତି। ଏହାସହ ଭଲ ପାଠ ପଢ଼ି ଜଣେ ଉତ୍ତମ ଡାକ୍ତର ଭାବେ ଲୋକଙ୍କ ସେବା କରିବାକୁ ପ୍ରୋତ୍ସାହିତ କରିଛନ୍ତି। ଅପରପକ୍ଷେ, ମୁଖ୍ୟମନ୍ତ୍ରୀଙ୍କ



ପ୍ରେରଣା ଓ ପରାମର୍ଶ ପାଠ ପଢ଼ିବାକୁ ସର୍ବଦା ପ୍ରୋତ୍ସାହିତ କରିବ ବୋଲି ନିଜ ପ୍ରତିକ୍ରିୟାରେ ଚମ୍ପା କହିଛନ୍ତି।

ସୂଚନାଯୋଗ୍ୟ, ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ୍‌ର ଆମ୍ଲିବେଡ଼ା ଗ୍ରାମର ଚମ୍ପା ପ୍ରଥମ ଦିଦାୟୀ ସମ୍ପ୍ରଦାୟର ପ୍ରଥମ ଡାକ୍ତରୀ ଛାତ୍ରୀ ଭାବେ ବାଲେଶ୍ୱରସ୍ଥିତ ଫକୀରମୋହନ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ପାଠ ପଢ଼ିବେ। ତାଙ୍କ ବାପା ଲଚମୁ ରାସପେଦା ଚାଷକାର୍ଯ୍ୟ କରୁଥିବାବେଳେ ମା' ଗୃହିଣୀ। ଏକ ସାଧାରଣ ଆଦିବାସୀ ଚାଷୀ ପରିବାରରୁ ଆସୁଥିବା ଚମ୍ପା ଦୃଢ଼ ନିଷ୍ଠା ବଳରେ ସଫଳତା ପାଇଛନ୍ତି। ସେ ଖଇରପୁଟ ବ୍ଲକ୍ ନନ୍ଦିନୀଗୁଡ଼ାସ୍ଥିତ ପିଭିଟିଜି ବାଳିକା ଶିକ୍ଷା ବିଦ୍ୟାଳୟରୁ ଶିକ୍ଷାରମ୍ଭ କରିବା ପରେ ଚିତ୍ରକୋଣ୍ଡାସ୍ଥିତ ଏସ୍‌ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟରୁ ଦଶମ ଓ ଗୋବିନ୍ଦପାଲି ଏସ୍‌ଏସ୍‌ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ୨୦୨୧ରେ ଯୁକ୍ତଦୁଇ ବିଜ୍ଞାନରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଆର୍ଥିକ ଅନଟନ ଉଚ୍ଚଶିକ୍ଷାରେ ଡୋରି ବାନ୍ଧିଦେବା ପରେ ନିଜର ଦୃଢ଼ ଇଚ୍ଛାଶକ୍ତି ବଳରେ ସେ ଡାକ୍ତର ହେବାର ସ୍ୱପ୍ନକୁ ସାକାର କରିଛନ୍ତି।


**BRAHMAPUR MUNICIPAL CORPORATION**

No. 12468, Date: 23/08/25 C-962

**REQUEST FOR PROPOSAL**

Sealed RFP are invited to be reached from reputed Event Management Companies for organising the **"Event for LSG Day Celebration 2025" at Brahmapur.** The detailed terms & conditions are available at our office website www.berhampur.gov.in.The last date of receipt of tenders in this office by **28/08/2025, 05:00 PM** and will be opened on **29/08/2025 at 11:00** AM in the office of undersigned.

The Authority reserves the right to accept or reject any RFP without assigning any reason thereof.

Sd/- Commissioner
Brahmapur Municipal Corporation

OIPR-13035/11/0059/2526

**BLOCK EDUCATION OFFICE, NUAGAON, DIST.- NAYAGARH**

ଏତଦ୍ ଦ୍ୱାରା ଶ୍ରୀ ଉମେଶ ଚନ୍ଦ୍ର କର, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ନୂଆଗାଁ, ସା/ପୋଷ୍ଟ/ଥାନା-ନୂଆଗାଁ, ଜିଲ୍ଲା-ନୟାଗଡ଼ଙ୍କୁ ସୂଚିତ କରାଯାଉଅଛି କି, ଆପଣ ଦୀର୍ଘ ଦିନ ଧରି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ, କାର୍ଯ୍ୟାଳୟରେ ଅନୁପସ୍ଥିତ ଅଛନ୍ତି । ଆପଣଙ୍କୁ ବାରମ୍ବାର ସୂଚନା ଦେଲେ ମଧ୍ୟ ଆପଣ କାର୍ଯ୍ୟରେ ଯୋଗ ଦେଉନାହାନ୍ତି । ଆପଣ ଦେଇଥିବା ଠିକଣାରେ ଯୋଗାଯୋଗ କରିଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇପାରୁନାହିଁ । ଆପଣଙ୍କୁ ସୂଚିତ କରାଯାଉଅଛି କି ଆପଣ ୦୭ (ସାତ ) ଦିନ ମଧ୍ୟରେ କାର୍ଯ୍ୟରେ ଯୋଗ ନ ଦେଲେ ରାଜ୍ୟ ସରକାରଙ୍କ ନିୟମ ଅନୁଯାୟୀ ଆପଣଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

SD/- BLOCK EDUCATION OFFICE,
NUAGAON

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର
ODISHA STATE OPEN UNIVERSITY,SAMBALPUR
Established by an Act of Government of Odisha.

No. 1999/OSOU/2025 Dt. 26.08.2025

**EXPRESSION OF INTEREST**

OSOU intends to implement the **"e-Evaluation (Web based online Digital Evaluation)"** of Answer scripts through OSM Book scanning of Answer scripts without cutting/de-threading of Answer books. EOI is invited from the agencies having experience in the said services.

The interested agency may visit our website www.osou.ac.in for more details. Last date of submission of EOI with technical and financial bid in separate sealed envelopes are **26.09.2025.**

For more details visit our website:
**www.osou.ac.in**

Sd-
Registrar

### ଅସହାୟ ମହିଳାଙ୍କ ଉପରେ ଆକ୍ରମଣ ଘଟଣା

# ଆକ୍ରମଣକାରୀକୁ କନିକା ପୁଲିସ ସୁରକ୍ଷା ଦେଉଥିବା ଅଭିଯୋଗ



**କେନ୍ଦ୍ରାପଡ଼ା, ୨୬।୮ (ସମିସ):** କେନ୍ଦ୍ରାପଡ଼ା ଜିଲ୍ଲାର କନିକା ଥାନା ସମସ୍ତ ମାନବିକତା ଭୁଲି ଦରିଦ୍ର ବ୍ୟକ୍ତିଙ୍କୁ ଆଇନଗତ ସହାୟତା ଦେବା ବଦଳରେ ଓଲଟା ଅଭିଯୋଗକାରୀ ନାମରେ ମାମଲା ରୁଜୁ କରି ହଇରାଣ କରୁଥିବା ଅଭିଯୋଗ ହୋଇଛି। ପୀଡ଼ିତା ଦଳିତ ମହିଳା ଜଣକ ଆଜି ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କୁ ଭେଟି ନିଜର ଦୁଃଖ ଜଣାଇବା ସହ କନିକା ଥାନା ଅଧିକାରୀଙ୍କ ଦାଉରୁ ନିଜକୁ ସୁରକ୍ଷା ଦେବାକୁ ଜିଲ୍ଲାପାଳଙ୍କୁ ନିବେଦନ କରିଥିବା ଜଣାପଡ଼ିଛି।

କନିକା ଥାନା ପେଗରପଡ଼ା ପଞ୍ଚାୟତର ଝରଣା ମଲିକ ଅନ୍ୟ ଜଣକଠାରୁ କେବିନ ଭଡ଼ାରେ ଆଣି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ବିକ୍ରି କରି ଗୁଜୁରାଣ ମେଣ୍ଟାଉଥିଲେ। ସେହି ଗ୍ରାମର ନିରଞ୍ଜନ ମଲିକ, ସୁମନ୍ତ ମଲିକ ପ୍ରମୁଖ ସେହି ଦୋକାନରୁ ବାକି ଖାଇଥିଲେ। ଝରଣା ବାକି ପଇସା ମାଗିବାରୁ ଦୁର୍ବୃତ୍ତ ପଇସା ନ ଦେଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ଦୋକାନରୁ ଚୋରି କରି ସାମଗ୍ରୀ ନେଇଯିବା ସହ ଭାଙ୍ଗି ଦେଇଥିଲେ। ଏ ନେଇ ଝରଣା କନିକା ଥାନାକୁ ଅଭିଯୋଗ ନେଇ ଯାଇଥିବାବେଳେ ଥାନା ଅଧିକାରୀ ଏତଲା ନ ରଖି ଓଲଟା ସୁମନ୍ତ ମଲିକ ସ୍ତ୍ରୀକୁ ଡାକି ଆମ ନାଁରେ ମାମଲା ରୁଜୁ କରିଛନ୍ତି ବୋଲି ଝରଣା ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ଏ ନେଇ ସ୍ଥାନୀୟ ନାରୀନେତ୍ରୀଙ୍କ ସହାୟତା ନେଇ ଥାନା ଅଧିକାରୀଙ୍କୁ ପଚାରିବାରୁ ସେ ଆମକୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଆପତ୍ତିଜନକ ଭାଷା ପ୍ରୟୋଗ କରିଥିବା ଝରାଣା କେନ୍ଦ୍ରାପଡ଼ା ଆରକ୍ଷୀ ଅଧୀକ୍ଷକଙ୍କୁ ଲିଖିତ ଅଭିଯୋଗ କରିଥିଲେ। ମାତ୍ର କୌଣସି ସୁଫଳ ନ ମିଳିବାରୁ ଆଜି ଜିଲ୍ଲାପାଳଙ୍କୁ ଭେଟି ଥାନାବାବୁଙ୍କ ଦୌରାତ୍ମ୍ୟରୁ ନିଜର ସୁରକ୍ଷା ପାଇଁ ନିବେଦନ କରିଥିବା ଜଣାପଡ଼ିଛି।

### ବାଲିକୁଦା ବିଡିଓଙ୍କ ଜନପ୍ରତିନିଧିଙ୍କୁ ଦୁର୍ବ୍ୟବହାର ଘଟଣା

# ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ନିର୍ବାହୀ ଅଧିକାରୀ କଲେ ଆଲୋଚନା

ବାଲିକୁଦା, ୨୬।୮ (ସମିସ)



ବାଲିକୁଦା ବ୍ଲକର ନୂତନ ବିଡିଓ ସାଗର କୁମାର ନନ୍ଦ ବିକଶିତ ଗାଁ ବିକଶିତ ଓଡ଼ିଶା ପ୍ରକଳ୍ପ ପ୍ରସଙ୍ଗରେ ଜନପ୍ରତିନିଧିଙ୍କ ସହ ଆଲୋଚନା କରୁଥିବାବେଳେ ସେମାନଙ୍କୁ ଦୁର୍ବ୍ୟବହାର କରିଥିବା ନେଇ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ ଅଳାବୋଳ ପଞ୍ଚାୟତକୁ ଛାଡ଼ି ଅବଶିଷ୍ଟ ୨୯ ପଞ୍ଚାୟତର ଜନପ୍ରତିନିଧି। ଯାହାର ତଦନ୍ତ କରି ଜିଲ୍ଲାପାଳ ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଘଟଣାର ତଦନ୍ତ ଭାର ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠିଙ୍କୁ ଜିଲ୍ଲାପାଳ ଜେ ସୋନାଲ ହସ୍ତାନ୍ତର କରିଥିଲେ।

ଆଜି ଶ୍ରୀ ଜେଠି ବ୍ଲକ ସମ୍ମିଳନୀ କକ୍ଷରେ ବାଲିକୁଦା ବ୍ଲକର ସମସ୍ତ ଜନପ୍ରତିନିଧିଙ୍କ ସହ ଏକ ବୈଠକ କରିଥିଲେ। ଯେଉଁଥିରେ ବିଡିଓ ଶ୍ରୀ ନନ୍ଦ ମଧ୍ୟ ଉପସ୍ଥିତ ଥିଲେ। ବାଲିକୁଦା ବ୍ଲକର ସମସ୍ତ ବିକାଶମୂଳକ କାର୍ଯ୍ୟରେ ଜନପ୍ରତିନିଧିଙ୍କ ସହ ଆଲୋଚନା କରି କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯିବ ବୋଲି ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏପରିକି ସମସ୍ତ ଜନପ୍ରତିନିଧିଙ୍କୁ ମଧ୍ୟ ଏଥିରେ ସହଯୋଗ କରିବା ପାଇଁ ଅନୁରୋଧ କରିଥିଲେ। ପରେ ଶ୍ରୀ ଜେଠି ପତିକ୍ରିୟା ରଖି ପ୍ରକାଶ କରିଛନ୍ତି ଯେ, ବିଡିଓ ଏଠାରେ ନୂଆ ଓ ସେ ବିକଶିତ ଗାଁ ବିକଶିତ ଓଡ଼ିଶା ପ୍ରକଳ୍ପ ସମ୍ପର୍କରେ ଜନପ୍ରତିନିଧି ପଚାରିଥିବା ପ୍ରଶ୍ନର ଉତ୍ତରରେ କିଛି ଶବ୍ଦ ପ୍ରକାଶ କରିଥିଲେ। ଯାହା ଜନପ୍ରତିନିଧିଙ୍କୁ ଆଘାତ ଦେଇଥିଲା। ଆଜିର ଆଲୋଚନା ସଫଳ ଓ ସକାରାତ୍ମକ ହୋଇଛି। ଆଗକୁ ଉଭୟ ମିଳିମିଶି ବ୍ଲକର ବିକାଶ ପାଇଁ କାର୍ଯ୍ୟ କରିବେ ବୋଲି କହିବା ସହ ସମସ୍ୟାର ସମାଧାନ ହୋଇଛି ବୋଲି କହିଥିଲେ। ଏନେଇ ବ୍ଲକ ଅଧ୍ୟକ୍ଷ ପ୍ରକାଶ ପ୍ରଧାନ କହିଛନ୍ତି, ନିର୍ବାହୀ ଅଧିକାରୀ ଯେଉଁ ଆଲୋଚନା କଲେ ବିଡିଓ ତାଙ୍କର ଭୁଲ ବୁଝି ପାରିଲେ। ଏପରିକି ଜନପ୍ରତିନିଧିଙ୍କୁ ନେଇ ହିଁ ବାଲିକୁଦା ବ୍ଲକର ବିକାଶ ସମ୍ଭବ, ଆଜିର ଆଲୋଚନା ତାହା ଥିଲା ବୋଲି କହିଥିଲେ।

ଗତ ୨୧ ତାରିଖରେ ବାଲିକୁଦା ବ୍ଲକର ବିକଶିତ ଗାଁ ବିକଶିତ ଓଡ଼ିଶା ପ୍ରକଳ୍ପ କାର୍ଯ୍ୟ ଓ ସୂଚନା ଫଳକ ସେମାନଙ୍କ ଅଗୋଚରରେ ହୋଇଥିବା ବିଷୟରେ ବିଡିଓଙ୍କୁ ତାଙ୍କ ପ୍ରକୋଷ୍ଠରେ ଜନପ୍ରତିନିଧି ପଚାରିଥିଲେ। ତେବେ ବିଡିଓ ତୁମେ ଏହି ପ୍ରକଳ୍ପ ପ୍ରସଙ୍ଗରେ ମୁଣ୍ଡ ଖେଳାଅ ନାହିଁ। ଏହା ସମ୍ପୂର୍ଣ୍ଣ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା କରାଯିବ ବୋଲି କହିବା ସହ ପୂର୍ବରୁ ଜନପ୍ରତିନିଧିଙ୍କ ଦ୍ୱାରା ହୋଇଥିବା କାର୍ଯ୍ୟ ନିମ୍ନମାନର ହୋଇଥିବା କାରଣରୁ ଅକାରଣରେ ଯନ୍ତ୍ରୀ ଓ ଅଧିକାରୀ ଜେଲ ଦଣ୍ଡ ଭୋଗିଥିବା କହିଥିଲେ। ଯାହା ଜନପ୍ରତିନିଧିଙ୍କୁ ଗଭୀର ଆଘାତ ଦେଇଥିବାବେଳେ ସେମାନେ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରି ବିଡିଓଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରିଥିଲେ।

## ଗହୀରମଥାରୁ ଟ୍ରଲର ଜବତ; ୯ ମତ୍ସ୍ୟଜୀବୀ ଗିରଫ



**ରାଜନଗର, ୨୬।୮ (ସମିସ):** ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ନିଷିଦ୍ଧାଞ୍ଚଳରେ ବେଆଇନ ଭାବେ ମାଛ ମାରୁଥିବାବେଳେ ବନ ବିଭାଗ ପାଟ୍ରୋଲିଂ ଟିମ୍ ଗୋଟିଏ ଟ୍ରଲର ଜବତ କରିବା ସହ ଏଥିରେ ଥିବା ୯ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛି। ଏସିଏଫ୍ ମାନସ ଦାସଙ୍କ ନିର୍ଦ୍ଦେଶକ୍ରମେ ଗହୀରମଥା ଡେପୁଟି ରେଞ୍ଜର କପିଳେନ୍ଦ୍ର ପ୍ରଧାନ, ଫରେଷ୍ଟର ମହନ୍ତ କୁମାର ମଲ୍ଲିକଙ୍କ ନେତୃତ୍ୱରେ ବନ ବିଭାଗର ପାଟ୍ରୋଲିଂ ଟିମ ଗହୀରମଥାର ବରୁଣେଇ ନିକଟରେ ଧରିତ୍ରୀ-୩ ନାମକ ଟ୍ରଲରକୁ ଜବତ କରିଥିଲା। ଜବତ ଟ୍ରଲରରୁ ୧୦.୫୦ କ୍ୱିଣ୍ଟାଲ ମାଛ, ୧ଟି ଜିପିଏସ, ୨ଟି ଭିଏଚଏଫ, ୧ଟି ଫିସ ଫାଇଣ୍ଡର, ୯ଟି ଜାଲ ଓ ୧ଟି ମୋବାଇଲ ଜବତ କରାଯାଇଛି। ଟ୍ରଲରରେ ଥିବା ମତ୍ସ୍ୟଜୀବୀ ଚନ୍ଦ୍ରକାନ୍ତ ମଲିକ, ବିଜୟ ମଲିକ, ସଞ୍ଜୟ ମଲିକ, ଭାରତ ମଲିକ, ଦୁର୍ଲଭ ମଲିକ, ରମାକାନ୍ତ ମଲିକ, ମଣ୍ଟୁ ମଲିକ, ବୁଦ୍ଧିରାମ ମଲିକ, ଟୁକୁନା ମଲିକଙ୍କୁ ଗିରଫ କରାଯାଇ ବନ୍ୟ ପ୍ରାଣୀ ଆଇନ ୧୯୭୨ ଅନୁସାରେ କୋର୍ଟ ଚାଲାଣ କରାଯାଇଥିବା ନେଇ ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗିରଫ ମତ୍ସ୍ୟଜୀବୀ ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ବୋଲି ଜଣାପଡ଼ିଛି।

## ଗଞ୍ଜେଇ ଜବତ, ଜଣେ ଗିରଫ

**ଆଳି, ୨୬।୮ (ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଅବକାରୀ ଥାନା ଅନ୍ତର୍ଗତ ଗୋପ ଗ୍ରାମରୁ ଆଜି ପୁଲିସର ଏକ ଟିମ ୩.୫ କିଲୋ ଗଞ୍ଜେଇ ସହ ଏକ ସ୍କୁଟି ଜବତ କରିଛି। ଏଥିରେ ସମ୍ପୃକ୍ତ ଜଣକୁ ଗିରଫ କରାଯାଇଛି। ଗିରଫ ବ୍ୟକ୍ତି ମେଣ୍ଟପୁର ଗୋପ ଗାଁର ସ୍ୱର୍ଗତ ମାୟାଧର ସେନାପତିଙ୍କ ପୁଅ ଚିତ୍ତରଞ୍ଜନ ସେନାପତି ବୋଲି ଜଣାପଡ଼ିଛି। ଆଜି ଚଢ଼ଉରେ ଆଳି ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ନରେଶ କୁମାର ପଣ୍ଡାଙ୍କ ସହ ଏଏସ ଆଇ ସୁନୀଲ ମିଶ୍ର, ରେଣୁକା ମଲିକ, ଅଶୋକ ବେହେରା ପ୍ରମୁଖ ସାମିଲ ଥିଲେ।

## ବନ୍ଧକଟା ଦୁର୍ଗାପୂଜା କମିଟି ପ୍ରସ୍ତୁତି ବୈଠକ

**ମାର୍ଶାଘାଇ, ୨୬।୮ (ସମିସ):** ମାର୍ଶାଘାଇ ବ୍ଲକ ବନ୍ଧକଟା ବଟମହାପୁରୁଷ ପୀଠରେ ଦୁର୍ଗାପୂଜା କମିଟି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସରପଞ୍ଚ ବିମଳେନ୍ଦୁ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ବରିଷ୍ଠ ସଦସ୍ୟ ଶିକ୍ଷାବତ୍ ମୁରଲୀଧର ଦାସ, ରବୀନ୍ଦ୍ର ଦାସ, ଧ୍ରୁବଚରଣ ମହାନ୍ତି, ଜ୍ଞାନରଞ୍ଜନ ଲେଙ୍କା, ବିଜ୍ଞାନ ଦାସ, ଶରତ ନାୟକ, ସୁରେଶ ନାୟକ, ରଞ୍ଜନ ଓଝା, ଶ୍ରୀକାନ୍ତ ସେଠୀ, ପ୍ରତାପ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ପ୍ରତିବର୍ଷ ଭଳି ଚଳିତବର୍ଷ ଜଗତଜନନୀ ମା' ଦୁର୍ଗତନାସିନୀଙ୍କ ପୂଜା ଶାନ୍ତିଶୃଙ୍ଖଳାରେ ପରିଚାଳନା କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ସପ୍ତମୀଠାରୁ ଦଶମୀ ପର୍ଯ୍ୟନ୍ତ ପ୍ରତ୍ୟେହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ ସହ ଦଶମୀରେ ସୁନାମଧନ୍ୟ କଣ୍ଠଶିଳ୍ପୀ ଦୀପ୍ତିରେଖା ଟିମ୍ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେବା ନେଇ ଦୁର୍ଗାପୂଜା କମିଟି ପକ୍ଷରୁ ପ୍ରକାଶ କରାଯାଇଛି।

## ପୁରୁଣା ପାଇଖାନାକୁ ନୂଆ ନିର୍ମାଣ ଦେଖାଇ ବିଲ୍ ଅଭିଯୋଗ



**ରାଜନଗର, ୨୬।୮ (ସମିସ):** ରାଜନଗର ବ୍ଲକ କୁରୁଣ୍ଟିସ୍ଥ କଞ୍ଚନେଶ୍ୱର ପ୍ରାଥମିକ ବିଦ୍ୟାଳୟରେ ପୂର୍ବରୁ ଥିବା ପୁରୁଣା ପାଇଖାନାକୁ ନୂଆ ନିର୍ମାଣ ଦର୍ଶାଇ ସରକାରୀ ଅର୍ଥ ଲୁଟିବାକୁ ବିଲ୍ କରାଯାଇଥିବା ଅଭିଯୋଗ ହୋଇଛି। ଆଜି ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଏନେଇ ରାଜନଗର ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏପରିକି ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ନାଁରେ ଥିବା କାର୍ଯ୍ୟାଦେଶକୁ ବଦଳାଇ ଯନ୍ତ୍ରୀଙ୍କ ନାଁରେ କାର୍ଯ୍ୟାଦେଶ କରି ସରକାରୀ ଅର୍ଥ ଲୁଟି ନେବାକୁ ଫଲସ ବିଲ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ତଳେ ପୁରୁଣା ପାଇଖାନାରେ ଦୁଇଟି କବାଟ, ଦୁଇଟି ଇଣ୍ଡିଆନ ପ୍ୟାନ ଲଗାଇ, ଅଳ୍ପ ଟାଇଲ ବିଛାଇ ରଙ୍ଗ ମରାଯାଇଥିଲା। ମାତ୍ର ଦୁଇଟି ସମ୍ପୂର୍ଣ୍ଣ ନୂଆ ପାଇଖାନା ନିର୍ମାଣ ହୋଇଥିବା ଦର୍ଶାଇ ୧ ଲକ୍ଷ ୭୮ ହଜାର ଟଙ୍କା ବିଲ୍ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ତୁରନ୍ତ ତଦନ୍ତ କରି ଫଲସ ବିଲ କରିଥିବା କନିଷ୍ଠ ଯନ୍ତ୍ରୀ ଓ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ନଚେତ ବ୍ଲକ ସମୁଖରେ ଛୋଟ ଛୋଟ ଶିଶୁଙ୍କୁ ନେଇ ଧାରଣାରେ ବସିବୁ ବୋଲି ତ୍ରିଲୋଚନ ଖଟୁଆ, ପ୍ରମିଳା ସେଠୀ, ସେହ୍ନଲତା ଜେନା,

ସୂଚନା ମୁତାବକ, କୁରୁଣ୍ଟିସ୍ଥ କଞ୍ଚନେଶ୍ୱର ପ୍ରାଥମିକ ବିଦ୍ୟାଳୟରେ ୨୦୧୯ରେ ପାଇଖାନା ନିର୍ମାଣ ହୋଇଥିଲେ ମଧ୍ୟ କବାଟ ଲାଗି ନ ଥିଲା। ୨୦୨୧-୨୨ରେ ଏ ନେଇ ଅର୍ଥ ଯୋଗାଇ ଦିଆଯାଇଥିଲା। ମାତ୍ର ସେ ଅର୍ଥରେ କାମ ହୋଇ ନ ଥିଲା। ୬ ମାସ ମିନାକ୍ଷୀ ଜେନା, କବିତା ଜେନା ପ୍ରମୁଖ ରାଜନଗର ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଡିଓ ଅନିରୁଦ୍ଧ ବେହେରାଙ୍କୁ ଫୋନ କରାଯାଇଥିଲେ ମଧ୍ୟ ସେ କୌଣସି ଉତ୍ତର ଦେଇ ନ ଥିବା ଜଣାପଡ଼ିଛି।

## ଦୁର୍ଘଟଣାରେ ୨ ଗୋଡ଼ ହରାଇଥିବା ଯୁବକଙ୍କୁ ସହାୟତା

**ରାଜନଗର, ୨୬।୮ (ସମିସ):** ରାଜନଗର ବ୍ଲକରେ ଦାଦନ ଦୁଃଖ ବଢ଼ିବାରେ ଲାଗିଛି। ବେଙ୍ଗାଲୁରୁରେ ଦାଦନ ଖଟୁଥିବା ଯୁବକ ଲୋକାଲ ଟ୍ରେନ୍‌ରୁ ଖସିପଡ଼ି ଗୁରୁତର ଆହତ ହେବା ଓ ଡାକ୍ତରଖାନାରେ ତାଙ୍କର ଦୁଇ ଗୋଡ଼ କଟାହେବା ଭଳି ଦୁଃଖଦ ଖବର ଘଟିଛି। ରାଜନଗର ବ୍ଲକ ଭିତରଗଡ଼ ପଞ୍ଚାୟତ ବିଷ୍ଣୁପଡ଼ା ଗ୍ରାମର ଅଙ୍କୁର ଚରଣ ଚଣ୍ଡଙ୍କ ପୁଅ ଅରୁଣ ( ୩୦ ବର୍ଷ) ଦୁଇବର୍ଷ ପୂର୍ବେ ବେଙ୍ଗାଲୁରୁକୁ ଦାଦନ ଖଟିବାକୁ ଯାଇଥିଲେ। ସପ୍ତାହେ ପୂର୍ବେ ଅରୁଣ କମ୍ପାନୀରୁ କାମ ସାରି ଭଡ଼ା ଘରକୁ ଫେରିବା ପାଇଁ ଲୋକାଲ ଟ୍ରେନ୍‌ରେ ଚଢ଼ିବା ସମୟରେ ପଡ଼ିଯାଇଥିଲେ। ଟ୍ରେନ ତାଙ୍କ ଗୋଡ଼ ଉପରେ ଚଢ଼ିଯାଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାକୁ ନିଆଯାଇଥିଲା। ଅରୁଣଙ୍କ ଜୀବନ ବଞ୍ଚାଇବା ପାଇଁ ତାଙ୍କର ଦୁଇ ଗୋଡ଼କୁ ଆଣ୍ଠୁ ତଳକୁ କାଟିବାକୁ ପଡ଼ିଥିଲା। ଅରୁଣଙ୍କ ପରିବାର ଅତ୍ୟନ୍ତ ଗରିବ। ତାଙ୍କର ଚିକିତ୍ସା ପାଇଁ ବହୁ ଅର୍ଥ ଆବଶ୍ୟକ ବୋଲି ଡାକ୍ତର କହୁଛନ୍ତି।



କିନ୍ତୁ ଅରୁଣଙ୍କ ପରିବାର ଗରିବ ଦିନମଜୁରିଆ ହୋଇଥିବାରୁ ଏତେ ଅର୍ଥ ଯୋଗାଡ଼ କରିବା ସମ୍ଭବ ନୁହେଁ ବୋଲି ଜଣାପଡ଼ିବା ପରେ ବିଭିନ୍ନ ସଂଗଠନ ପକ୍ଷରୁ ତାଙ୍କୁ ସହାୟତା ପ୍ରଦାନ କରାଯାଇଛି। ଜୟ ଜଗନ୍ନାଥ ଫାଉଣ୍ଡେସନ ରାଜନଗର କେନ୍ଦ୍ରାପଡ଼ା ପରିବାରର ସଦସ୍ୟ ବେଙ୍ଗାଲୁରୁରେ ଥିବା ଇଏସଆଇ ହସ୍‌ପିଟାଲରେ ଅରୁଣ ଚଣ୍ଡ ଚିକିତ୍ସିତ ହେଉଥିବାରୁ ତାଙ୍କ ପାଖରେ ପହଞ୍ଚି ତାଙ୍କୁ ୨୦ ହଜାର ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି। ସେହିପରି ମା' ଶାରଳା ଚାରିଟେବୁଲ ଟ୍ରଷ୍ଟ (କେନ୍ଦ୍ରାପଡ଼ା) ମୁଖ୍ୟ ପ୍ରତିଷ୍ଠାତା ମହେଶ୍ୱର ସାହୁ, ଦୀପ୍ତିରଞ୍ଜନ, ଯାଦବ ପାତ୍ରଙ୍କ ସମେତ ବୀରକିଶୋର ରାଉତ ହସ୍‌ପିଟାଲରେ ପହଞ୍ଚି ଆର୍ଥିକ ସହାୟତା ପ୍ରଦାନ କରିବା ସହ ରକ୍ତଦାନ କରିଛନ୍ତି। ସରକାର ଓ ବ୍ୟକ୍ତିବିଶେଷ, ସଂଗଠନ ଅରୁଣଙ୍କ ଚିକିତ୍ସା ପାଇଁ ସହାୟତା ପ୍ରଦାନ କରିବାକୁ ପରିବାର ଲୋକେ ଆକୁଳ ନିବେଦନ କରିଛନ୍ତି।

## ପେଣ୍ଠରୁ ୮ ଫୁଟର କୁମ୍ଭୀର ଉଦ୍ଧାର



**ରାଜନଗର, ୨୬।୮ (ସମିସ):** ରାଜନଗର ବ୍ଲକ ହାତିନା ପଞ୍ଚାୟତ ଅନ୍ତର୍ଗତ ପେଣ୍ଠ ଗ୍ରାମର ରବୀନ୍ଦ୍ର ମହାନ୍ତିଙ୍କ ପୋଖରୀରୁ ୮ ଫୁଟ ୨ ଇଞ୍ଚର ଏକ ଅଣ୍ଡିରା କୁମ୍ଭୀର ଉଦ୍ଧାର କରାଯାଇଛି। କୁମ୍ଭୀରକୁ ପୋଖରୀରୁ ଉଦ୍ଧାର କରାଯାଇ ଭିତରକନିକା ଜାତୀୟ ଉଦ୍ୟାନର ଗୁପ୍ତି ନିକଟସ୍ଥ ହବାଳି କ୍ରିକ୍‌ରେ ଛଡ଼ାଯାଇଛି। କୁମ୍ଭୀରଟି ନିକଟସ୍ଥ ନାଳରୁ ପୋଖରୀ ମଧ୍ୟକୁ ଚାଲିଆସିଥିବା ଅନୁମାନ କରାଯାଉଛି। ଡିଏଫ୍‌ଓ ଭରଦରାଜ ଗାଓଁଙ୍କର ନିର୍ଦ୍ଦେଶକ୍ରମେ ଫରେଷ୍ଟର ବିଜୟ କୁମାର ପାତ୍ରଙ୍କ ନେତୃତ୍ୱରେ ତ୍ରିଦୀପ ପ୍ରଧାନ, ସବିତା ବେହେରା, ଚନ୍ଦନ ମଲିକ, ସଞ୍ଜୟ ସେଠୀ, ଦୋଳଗୋବିନ୍ଦ ନାୟକ, ଦୁର୍ଯ୍ୟୋଧନ ଦାସ, ରଞ୍ଜନ ସେଠୀ, କଳାକାର ବେହେରା ପ୍ରମୁଖ ବନ କର୍ମଚାରୀ କୁମ୍ଭୀରକୁ ଉଦ୍ଧାର କରିଥିଲେ। ୪ ଦିନ ପୂର୍ବେ କୁମ୍ଭୀର ତାଙ୍କ ଛେଳିକୁ ଖାଇଦେଇଥିବା ନେଇ ରବୀନ୍ଦ୍ର ବନ ବିଭାଗରେ ଅଭିଯୋଗ କରିଥିଲେ।

### ଛାତ୍ରୀଙ୍କୁ ଟିଉସନ୍ ଶିକ୍ଷକ ଦୁଷ୍କର୍ମ ଘଟଣା

## ଏସ୍‌ପିଙ୍କ ନିକଟରେ ନ୍ୟାୟ ଭିକ୍ଷା କଲେ ଛାତ୍ରୀଙ୍କ ପରିବାର

**କେନ୍ଦ୍ରାପଡ଼ା, ୨୬।୮ (ସମିସ):** ମହାକାଳପଡ଼ା ତଣ୍ଡିଆପାଳ ମେରାଇନ ଥାନା ଅନ୍ତର୍ଗତ ସୁନୀତି ପଞ୍ଚାୟତରେ ଜଣେ ନାବାଳିକା ଛାତ୍ରୀ ସହ ଟ୍ୟୁସନ ଶିକ୍ଷକ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ୨ ବର୍ଷ ଧରି ଟ୍ୟୁସନ ଶିକ୍ଷକ ତାପସ ବେରି ନାବାଳିକାଙ୍କୁ ନାନା ପ୍ରକାର ନିର୍ଯାତନା ଦେଉଥିବା ସେ ଅଭିଯୋଗ କରିଛନ୍ତି। ତେବେ ଥାନାରେ ଅଭିଯୋଗ ପରେ ନ୍ୟାୟ ନ ପାଇ ପୀଡ଼ିତା ଛାତ୍ରୀ ଓ ତାଙ୍କ ପରିବାର ଆଜି କେନ୍ଦ୍ରାପଡ଼ା ଏସ୍‌ପିଙ୍କୁ ଅଭିଯୋଗ କରିଛନ୍ତି।

ଗତ ୨୦୨୩ରେ ଛାତ୍ରୀ ଜଣଙ୍କ ନବମ ଶ୍ରେଣୀରେ ପଢୁଥିବାବେଳେ ତାପସ ବେରି ତାଙ୍କୁ ଟିଉସନ୍ କରୁଥିଲେ। ଛାତ୍ରୀଙ୍କ ବାପାମାଆ ଘରେ ନ ଥିବାବେଳେ ତାପସ ଛାତ୍ରୀଙ୍କ ଘରକୁ ଆସି ତାଙ୍କ ସହ ଦୁଷ୍କର୍ମ କରିବା ପାଇଁ ଉଦ୍ୟମ କରି ଫଟୋ ଉଠାଇଥିଲେ। ଏ କଥା ଜାଣିବା ପରେ ଛାତ୍ରୀଙ୍କ ପରିବାର ତାଙ୍କୁ ଟିଉସନ୍ ପଠାଇ ନ ଥିଲେ। ଏବେ ଛାତ୍ରୀ ଜଣକ ଜିଲ୍ଲା ବାହାରେ ଏକ କଲେଜରେ +୨ ପ୍ରଥମ ବର୍ଷରେ ପଢୁଛନ୍ତି। ନିକଟରେ ଟିଉସନ୍ ଶିକ୍ଷକ ତାପସ ବେରି ଛାତ୍ରୀଙ୍କୁ ଫୋନରେ ନାନା ପ୍ରକାର ଅଶ୍ଳୀଳ ମେସେଜ୍ କରିବା ସହ ତାଙ୍କ ଫଟୋ ଭାଇରାଲ କରିଦେବାକୁ ଧମକ ଦେଉଛନ୍ତି। ଏମିତିକି ଗତ ଅଗଷ୍ଟ ୧୫ ତାରିଖ ଦିନ ତାପସ ଏକ କାର୍ ଯୋଗେ ଛାତ୍ରୀଙ୍କୁ ଅପହରଣ କରିବା ପାଇଁ ଉଦ୍ୟମ କରିଥିବା ଛାତ୍ରୀଙ୍କ ପରିବାର ଅଭିଯୋଗ କରିଛନ୍ତି। ଶିକ୍ଷକ ତାପସ ବେରି ପୂର୍ବରୁ ବିବାହିତ। ତାଙ୍କର ଦୁଇଟି ସନ୍ତାନ ଥିବା ଜଣାପଡ଼ିଛି। ପୁଲିସର ନିଷ୍କ୍ରିୟତା ପ୍ରତିବାଦ କରିବା ସହ ଅଭିଯୁକ୍ତ ଟିଉସନ୍ ଶିକ୍ଷକଙ୍କୁ ଗିରଫ କରିବା ପାଇଁ ପୀଡ଼ିତାଙ୍କ ପରିବାର ଏସ୍‌ପିଙ୍କୁ ନିବେଦନ କରାଯାଇଛି।

### ହଠାତ୍ ବନ୍ଦ ହୋଇଗଲା ପଞ୍ଜୀକରଣ

# ସେବା ସମବାୟ ସମିତିରୁ ନିରାଶ ହୋଇ ଫେରିଲେ ଚାଷୀ

ରାଜନଗର, ୨୬।୮ (ସମିସ)

ଖରିଫ ଧାନ ପାଇଁ ଚାଷୀ ପଞ୍ଜୀକରଣ ଅଗଷ୍ଟ ୨୫ ପରିବର୍ତ୍ତେ ୩୦ ଯାଏଁ ଚାଲିବ ବୋଲି ସରକାର ଘୋଷଣା କରିଥିଲେ। ଗତକାଲି ରାତିରେ ଚାଷୀ ପଞ୍ଜୀକରଣ ହଠାତ ବନ୍ଦ କରି ଦିଆଯାଇଛି। ଫଳରେ ଶତାଧିକ ଚାଷୀ ଧାନ ବିକିବାକୁ ପଞ୍ଜୀକରଣ କରି ନ ପାରି ହତାଶ ହୋଇଛନ୍ତି। ରାଜନଗର ବ୍ଲକର ୧୫ଟି ସେବା ସମବାୟ ସମିତିର ପ୍ରାୟ ୩୦୦ରୁ ଅଧିକ ଚାଷୀ ପଞ୍ଜୀକରଣ କରିପାରି ନ ଥିବା ଜଣାଯାଇଛି। ଆଜି ରାଜନଗର ସେବା ସମବାୟ ସମିତିରେ ଚାଷୀ ପଞ୍ଜୀକରଣ କରିବାକୁ ପହଞ୍ଚି ପଞ୍ଜୀକରଣ କରି ନ ପାରି ଫେରିଛନ୍ତି।

ମଦନମୋହନ ରାଉତ ୧୩ ଏକର ଜମିରେ ଖରିଫ ଧାନଚାଷ କରିଛନ୍ତି। ଆଜି କାଗଜପତ୍ର ଧରି ରାଜନଗର




ସେବା ସମବାଯ ସମିତିରେ ଖରିଫ ଧାନ ବିକିବାକୁ ପଞ୍ଜୀକରଣ କରିବାକୁ ଆସିଥିଲେ। ମାତ୍ର ଗତକାଲି ରାତିରେ ପଞ୍ଜୀକରଣ ବନ୍ଦ ହୋଇଯାଇଥିବା ଜାଣି ନିରାଶରେ ଫେରିଛନ୍ତି। ତାଙ୍କ କହିବା କଥା ହେଲା ସରକାର ବିହନ ଯୋଗାଇ ଦେଲେନି, କଳାବଜାରରୁ ବିହନ କିଣିଲୁ, ଧାନ ରୋଇବା ପରେ ସାର ଦେଲେନି, କାଳବଜାରରୁ ଡବଲ ଦରରେ କିଣିଲୁ। ଏବେ ଧାନ ବିକିପାରିବୁ ନାହିଁ। କଳାବଜାରରେ ଶାଗ ମାଛ ଦରରେ ବିକିବୁ ବୋଲି କ୍ଷୋଭର ସହ କହିଛନ୍ତି।

କେବଳ ମଦନମୋହନ ନୁହଁନ୍ତି, ରଞ୍ଜୁଲତା ରାଉତ, ମାଧବାନନ୍ଦ ଦାସ, ଦୀପ୍ତିମୟୀ ରାଉତ, ଗୋଲେଖ ରାଉତ, ଅଞ୍ଜନ ପ୍ରଧାନ, ସୁଧୀର ଚରଣ ପ୍ରଧାନ, ଅଞ୍ଜନ ବଳ, ମାଧବାନନ୍ଦ ଭୂୟାଁ, ପ୍ରଭାକର ଭୂୟାଁ, ଅନାଦୀ ବଳ, ଗୌତମ ରାଉତ, ଅଜୟ ରାଉତ, ମହେଶ୍ୱର ଭୂୟାଁ ପ୍ରମୁଖ ଚାଷୀ ପଞ୍ଜୀକରଣ କରି ନ ପାରି ରାଜନଗର ସେବା ସମବାୟ ସମିତିରୁ ନିରାଶରେ ଫେରିଛନ୍ତି। ସରକାର ପ୍ରଥମେ ୨୦ରୁ ୨୫ ତାରିଖ ଓ ପରେ ୨୫ରୁ ୩୦ ତାରିଖ ଯାଏଁ ପଞ୍ଜୀକରଣ ଅବଧି ବଢ଼ାଇଥିଲେ। ମାତ୍ର ଗତକାଲି ୨୫ ତାରିଖ ମଧ୍ୟରାତ୍ରରୁ ହଠାତ ପଞ୍ଜୀକରଣ ବନ୍ଦ କରିଦେବାରୁ ଶତାଧିକ ଚାଷୀ ପଞ୍ଜୀକରଣ କରି ନ ପାରି ନିରାଶ ହୋଇଛନ୍ତି। ସରକାର ଚାଷୀଙ୍କ ସମସ୍ୟାକୁ ହୃଦୟଙ୍ଗମ କରି ପୁଣି ଚାଷୀ ପଞ୍ଜୀକରଣ କରିବାକୁ ଚାଷୀମାନେ ଦାବି କରିଛନ୍ତି।

## ପୁନର୍ବାସ ପକ୍ଷରୁ ପ୍ରଶିକ୍ଷଣ ଶିବିର



**କେନ୍ଦ୍ରାପଡ଼ା, ୨୬।୮ (ସମିସ):** କେନ୍ଦ୍ରାପଡ଼ା ଜିଲ୍ଲାରେ ଭିନ୍ନକ୍ଷମଙ୍କ ଥେରାପି ସେବା, ଅଧିକାର ସଚେତନତା ଓ ସଶକ୍ତୀକରଣ ଦିଗରେ କାର୍ଯ୍ୟରତ ଅନୁଷ୍ଠାନ ପୁନର୍ବାସ ପକ୍ଷରୁ ରିହାବ୍ ପ୍ରଫେସନାଲଙ୍କ ପ୍ରଶିକ୍ଷଣ ଶିବିର ଓ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବେଙ୍ଗାଲୁରୁର 'ବିହଙ୍ଗ ପେଡ଼ିୟାଟ୍ରିକ ଡେଭେଲପମେଣ୍ଟ ସେଣ୍ଟର'ର ପ୍ରତିଷ୍ଠାତା ତଥା ବରିଷ୍ଠ ଅକ୍ୟୁପେସନାଲ ଥେରାପିଷ୍ଟ ଡା. ଇପ୍‌ସିତା ବେହେରା ଅତିଥି ବିଶାରଦ ରୂପେ ଯୋଗଦେଇ ବୌଦ୍ଧିକ ଓ ବିକାଶବାଧିତ ଭିନ୍ନକ୍ଷମତା ସମ୍ପର୍କିତ ବିଭିନ୍ନ ଦିଗ ଓ ଥେରାପିଗତ ହସ୍ତକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ଉକ୍ତ ଶିବିରରେ ପୁନର୍ବାସ ଅନୁଷ୍ଠାନରେ ସ୍ୱତନ୍ତ୍ର ଶିଶୁଙ୍କୁ ଥେରାପି ସେବା ପ୍ରଦାନ କରୁଥିବା ରିହାବ୍ ପ୍ରଫେସନାଲମାନେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ଫିଜିଓଥେରାପିଷ୍ଟ ରଚିତ ଜେନା, କମଳାକାନ୍ତ ବିଶ୍ୱାଳ, ସାଇଶ୍ରିତା ମେକାପ, ଅକ୍ୟୁପେସନାଲ ଥେରାପିଷ୍ଟ ଗୁଞ୍ଜନସ୍ମିତା ବେହେରା, ପ୍ରୋଜେକ୍ଟ ସୁପରଭାଇଜର ସଞ୍ଜୀବ ଜେନା, ସଂଯୋଜକ ଓ କୋଷାଧ୍ୟକ୍ଷ ବିଭବ ମହାନ୍ତି, କେଦାର ବାରିକ, ସିବିଆର କର୍ମୀ ରଞ୍ଜନ କୁମାର ସ୍ୱାଇଁ, ପ୍ରଭାତ କୁମାର ସାମଲ, ସଂଗ୍ରାମ ନାୟକ, ଗାୟତ୍ରୀ ପ୍ରିୟଦର୍ଶିନୀ ପୃଷ୍ଟି ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହାବ୍ୟତୀତ ବୌଦ୍ଧିକ ଭିନ୍ନକ୍ଷମ ଶିଶୁଙ୍କୁ ପ୍ରଶିକ୍ଷଣ ପ୍ରଦାନ କରୁଥିବା ନିମାଇଁ ଚରଣ ଶିକ୍ଷାନୁଷ୍ଠାନର ପ୍ରଧାନ ଶିକ୍ଷକ ସ୍ୱପ୍ନାଂଶୁ କୁମାର ଦାସ, ସୁନୀଲ ସାଗର ଶତପଥୀ ପ୍ରମୁଖ ଉକ୍ତ କର୍ମଶାଳାରେ ଅଂଶଗ୍ରହଣ କରିଥିଲେ। ପୁନର୍ବାସ ଅନୁଷ୍ଠାନ ପକ୍ଷରୁ ମୁଖ୍ୟ ଉପଦେଷ୍ଟା ବିରଜା ରାଉତରାୟ ଓ ସହସମ୍ପାଦକ ବଂଶୀଧର ମହାନ୍ତି ଏହି କର୍ମଶାଳାକୁ ପରିଚାଳନା କରିଥିଲେ।

# ଏସ୍‌ପି ଅଫିସ ଘେରିଲେ ଆଶାୟୀ ହୋମଗାର୍ଡ ପରୀକ୍ଷାର୍ଥୀ

ଢେଙ୍କାନାଳ, ୨୬।୮ (ସମିସ): ଜିଲ୍ଲାରେ ହୋମଗାର୍ଡ ପରୀକ୍ଷାରେ ଅନିୟମିତତା ନେଇ ପ୍ରାର୍ଥୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେବା ସହିତ ସେମାନେ ଏସ୍‌ପି ଅଫିସ ଘେରଉ କରିଥିବାର ଜଣାପଡ଼ିଛିର। ରାଜ୍ୟ ତଥା ଜିଲ୍ଲାରେ ହୋମଗାର୍ଡ ନିଯୁକ୍ତି ପାଇଁ ପରୀକ୍ଷା ହୋଇଥିଲା। ହଜାର ହଜାର ପରୀକ୍ଷାର୍ଥୀ ଏହି ପରୀକ୍ଷା ଦେଇଥିବା ବେଳେ ଆଶାୟୀମାନେ ଲିଖିତ ଓ ମୌଖିକ ପରୀକ୍ଷା ଦେଇଥିଲେ। ଆଜି ସକାଳ ୯ଟାରେ ଗୃହରକ୍ଷୀ କାର୍ଯ୍ୟାଳୟରୁ କେତେକ ପିଲାଙ୍କୁ ଫୋନ ଯୋଗେ ୧୧ଟା ସୁଦ୍ଧା ନିଯୁକ୍ତିପତ୍ର ନେବାକୁ କହିଥିଲେ। ଏନେଇ ଆଶାୟୀଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଏବଂ ସନ୍ଦେହ ସୃଷ୍ଟି ହେବାରୁ ପରୀକ୍ଷା ଦେଇଥିବା ପ୍ରାର୍ଥୀମାନେ ଏସ୍‌ପି ଅଫିସକୁ ଆସି ପରୀକ୍ଷାରେ ଅନିୟମିତତା ହୋଇଥିବାର ଅଭିଯୋଗ କରିଥିଲେ। ସେମାନଙ୍କ ଅଭିଯୋଗ ଅନୁସାରେ ସେମାନେ ଲିଖିତ ଏବଂ ମୌଖିକ ପରୀକ୍ଷାରେ ଭଲ ପ୍ରଦର୍ଶନ କରିଥିଲେ। କିନ୍ତୁ ଚୟନ କରାଯାଇଥିବା କଟ୍ ଅଫ୍ ମାର୍କ ପ୍ରଦର୍ଶନ କରାଯାଇ ନଥିବା ବେଳେ ମାର୍କ ପ୍ରଦାନ କରାଯାଇନାହିଁ। ମୌଖିକ ପରୀକ୍ଷାରେ ଅଧିକାରୀମାନେ ପେନସିଲରେ ମାର୍କ ଦେଉଥିବାର ଅଭିଯୋଗ କରିବା ସହିତ ଏହାଦ୍ୱାରା ସେମାନେ ଲିଭାଇ ପୁଣି ଥରେ ଅନ୍ୟମାନଙ୍କୁ ଭଲ ମାର୍କ ଦେବାର ଅଭିଯୋଗ କରିଥିଲେ। ଏନେଇ ସେମାନେ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିବା ବେଳେ ସେମାନେ ଏହାର ତଦନ୍ତ ଏବଂ କାର୍ଯ୍ୟାନୁଷ୍ଠାନ ପାଇଁ ଏସପିଙ୍କ କାର୍ଯ୍ୟାଳୟ ଘେରଉ କରିବା ସହିତ ଏକ ଦାବିପତ୍ର ପ୍ରଦାନ କରିଥିଲେ।

# ମୁଖ୍ୟ ଚିକିତ୍ସାଳୟ ସମସ୍ୟା ନେଇ ଧର୍ମଘଟ କରିବ ଆପ୍

ଢେଙ୍କାନାଳ, ୨୬।୮ (ସମିସ)

ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆବଶ୍ୟକ ମୁତାବକ ଡାକ୍ତର ଓ କର୍ମଚାରୀ ନିଯୁକ୍ତି, ଅଲଟ୍ରାସାଉଣ୍ଡ ମେସିନ ପରିଚାଳନା ପାଇଁ ଟେକନିସିଆନ, ବିଭିନ୍ନ ଯନ୍ତ୍ରାଂଶ ପାଇଁ ଅପରେଟର ନିଯୁକ୍ତି ଆସନ୍ତା ୧୫ ଦିନ ମଧ୍ୟରେ କରା ନଗଲେ ଆମ୍ ଆଦମୀ ପାର୍ଟି ଅନିର୍ଦ୍ଦିଷ୍ଟ କାଳ ପାଇଁ ଧର୍ମଘଟ କରିବ ବୋଲି ଚେତାବନୀ ଦେଇଛି। ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୯ ଦଫା ଦାବି ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି।

**● ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୯ ଦଫା ଦାବିପତ୍ର ପ୍ରଦାନ**



ଏହାର ନକଲ ସ୍ୱାସ୍ଥ୍ୟ ମନ୍ତ୍ରୀ, ମନ୍ତ୍ରଣାଳୟ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ପ୍ରଦାନ କରାଯାଇଛି। ସୂଚନାନୁଯାୟୀ, ଜିଲ୍ଲାରେ ସମୁଦାୟ ଅନୁମୋଦିତ ଡାକ୍ତରଙ୍କ ପଦବୀ ସଂଖ୍ୟା ୪୪୦ରୁ ମାତ୍ର ୧୨୬ ଜଣ ଡାକ୍ତର ଜିଲ୍ଲାର ବିଭିନ୍ନ ଡାକ୍ତରଖାନାରେ କାର୍ଯ୍ୟରତ ଅଛନ୍ତି। ସେହିପରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅନୁମୋଦିତ ଡାକ୍ତର ସଂଖ୍ୟା ୧୧୭ରୁ ମାତ୍ର ୨୫ ଜଣ କାର୍ଯ୍ୟରତ। ଏହାର ସମାଧାନ ନିମନ୍ତେ ଆମ୍ ଆଦମୀ ପାର୍ଟି ପକ୍ଷରୁ ଦାବିପତ୍ର ଗତ ମାସ ୨୫ ତାରିଖରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା। ପୂର୍ବ ଦାବିରୁ କେବଳ ରୋଗୀଙ୍କୁ ଖାଦ୍ୟ ଏବଂ ସଫେଇ କାର୍ଯ୍ୟ ପୂରଣ କରାଯାଇଛି। ଡାକ୍ତର, ନର୍ସ ଓ ଅନ୍ୟ କର୍ମଚାରୀ ନିଯୁକ୍ତି ସରକାର କରିବେ ବୋଲି ଟାଳଟୁଳ ନୀତି ଅବଲମ୍ବନ କରାଯାଉଛି ବୋଲି ଅଭିଯୋଗ ହେଉଛି। ଅନୁଗୁଳ ଜିଲ୍ଲାରେ ଏମ୍‌ଆର୍‌ଆଇ ମେସିନ ଲାଗିଛି; ହେଲେ ଢେଙ୍କାନାଳ ଜିଲ୍ଲାରେ ଲାଗିପାରିଲା ନାହିଁ। ଦୀର୍ଘ ଦିନ ହେଲା ଜିଲ୍ଲାରେ ଡାକ୍ତର ମରୁଡ଼ି ଦେଖାଦେବାସହ ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ଖତ ଖାଉଥିବା ବେଳେ ଚଳାଇବାକୁ ଷ୍ଟାଫ ନାହାନ୍ତି। ଜଣେ ଷ୍ଟାଫ ଏକାଧିକ କାର୍ଯ୍ୟ କରୁଥିବାରୁ ସେମାନେ ରୋଗୀଙ୍କ ଉପରେ ଦାଉ ଶୁଝାଉଛନ୍ତି ବୋଲି ଅଭିଯୋଗ ହେଉଛି। ରକ୍ତ ନମୁନା ନେଇ ଘରୋଇ ସଂସ୍ଥା ଏବଂ କ୍ଲିନିକରେ ରାଜସ୍ୱ ଖର୍ଚ୍ଚ କରାଯାଇ ପରୀକ୍ଷା କରାଯାଉଥିବା ଏବଂ ଗୁରୁତର ଆହତ ରୋଗୀର ଚିକିତ୍ସା ପାଇଁ ବ୍ୟବସ୍ଥା ନାହିଁ ବୋଲି ଅଭିଯୋଗ ହେଉଛି। ହସ୍ପିଟାଲରେ ରୋଗୀଙ୍କ ପାଇଁ ପ୍ରତ୍ୟେକ ୱାର୍ଡରେ ଷ୍ଟାବିଲାଇଜର ସହିତ ଏସି ଓ ଫ୍ୟାନ ଲାଗିଥିଲା। ସେଥିରୁ ଅନେକ ଅଚଳ ହୋଇପଡ଼ିଛି ବୋଲି ମଧ୍ୟ ଅଭିଯୋଗ ହେଉଛି। ଆବଶ୍ୟକ ମୁତାବକ ଡାକ୍ତର ଓ ଷ୍ଟାଫ ନର୍ସ ନିଯୁକ୍ତି, ଅଲଟ୍ରା ସାଉଣ୍ଡ ମେସିନ ପାଇଁ ଅପରେଟର ନିଯୁକ୍ତି, ମୁଖ୍ୟ ଚିକିତ୍ସାଳୟରେ ଏମଆରଆଇ ଯନ୍ତ୍ରର ବ୍ୟବସ୍ଥା, ନିଦାନ ସରଞ୍ଜାମ ଚଳାଇବା ପାଇଁ ଆବଶ୍ୟକ ମୁତାବକ କର୍ମଚାରୀ ନିଯୁକ୍ତି, ଠିକା କର୍ମଚାରୀମାନଙ୍କୁ ସ୍ଥାୟୀ ନିଯୁକ୍ତି କରିବା ଏବଂ ଆଉଟସୋର୍ସିଂ ବ୍ୟବସ୍ଥା ବନ୍ଦ କରିବା, ସିଟି ହସ୍ପିଟାଲରେ ଆଉ ଜଣେ ଡାକ୍ତର ସହିତ ଅନ୍ୟ କର୍ମଚାରୀ ନିଯୁକ୍ତି ଦେବା ଓ ମୁଖ୍ୟ ଚିକିତ୍ସାଳୟ ଭିତରେ କିଡନୀ, ହୃତପିଣ୍ଡ, କର୍କଟ, ଯକୃତ ରୋଗୀମାନଙ୍କୁ ସୁଲଭ ମୂଲ୍ୟରେ ଔଷଧ ପ୍ରଦାନ କରିବା ପ୍ରମୁଖ ଆମ୍ ଆଦମୀ ପାର୍ଟିର ୯ ଦଫା ଦାବି ରହିଛି। ଦାବିପତ୍ର ପ୍ରଦାନ ସମୟରେ ଜିଲ୍ଲା ସଭାପତି ରମେଶ ଚନ୍ଦ୍ର ପଣ୍ଡା, ଢେଙ୍କାନାଳ ସାଂସଦୀୟ କ୍ଷେତ୍ର ସଭାପତି ପଙ୍କଜ ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜିତେନ୍ଦ୍ର ବେହେରା, ନଗର ସଭାପତି ଦେବାଶିଷ ନନ୍ଦ, ଉପସଭାପତି ବିଜୟ କୁମାର ଦାସ, ପରଜଙ୍ଗ ନିର୍ବାଚନ ମଣ୍ଡଳୀ ସଭାପତି ସରୋଜ ଧଳ, ଉପସଭାପତି ଶତ୍ରୁଘ୍ନ ଭୂୟାଁ, ବ୍ଲକ ସଭାପତି ବିଭୂରଞ୍ଜନ ସାହୁ, ପ୍ରସନ୍ନ ବରାଳ, ଭୀଷ୍ମଦେବ ବେହେରା ପ୍ରମୁଖ ଉପସ୍ଥିତି ଥିଲେ।

**■ ଅଣଓଡ଼ିଆ ଠିକାଦାରଙ୍କୁ କାମ**

# ୧୨ ଦଫା ଦାବିରେ ଓଡ଼ିଶା ଠିକାଦାର ସଂଘର ବୈଠକ




ଢେଙ୍କାନାଳ, ୨୬।୮ (ସମିସ): ଢେଙ୍କାନାଳ ଜିଲ୍ଲାର ଠିକାଦାରଙ୍କ ସହିତ ନିଖିଳ ଓଡ଼ିଶା ଠିକାଦର ମହାସଂଘ ତରଫରୁ ୧୨ ଦଫା ଦାବିରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଗତ ୧୨ ମାସ ମଧ୍ୟରେ ପୂର୍ତ୍ତମନ୍ତ୍ରୀଙ୍କୁ ଠିକାଦାର ସଂଘର ସଭାପତି ପ୍ରଭାତ ଦାଶ ଓ ସାଧାରଣ ସମ୍ପାଦକ ଭାଗ୍ୟଧର ଦାସ ୨୨ ଥର ଭେଟିଥିବା ବେଳେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନଥିବାର ଅଭିଯୋଗ କରିଛନ୍ତି। ସଭାପତିଙ୍କ ଅଭିଯୋଗ ଅନୁସାରେ ଓଡ଼ିଶାରେ ଓଡିଆଙ୍କ ହାତରେ କୌଣସି ବୃହତ ଶିଳ୍ପ, ଖଣି ନଥିବା ବେଳେ ୭୦ ହଜାର ଠିକାଦାର ଦୁର୍ଦ୍ଦିନରେ ରହିଛନ୍ତି। ଅଣଓଡିଆଙ୍କ ନିକଟରେ ୮୦ଭାଗ ରହିଥିବା ବେଳେ ଓଡିଆଙ୍କ ହାତରେ ମାତ୍ର ୨୦ଭାଗ କାର୍ଯ୍ୟ ରହିଛି। ସେମାନଙ୍କୁ କାମ ଦିଆଯିବାରୁ ବାହାର ରାଜ୍ୟକୁ ଦାଦାନ ଖଟିବାକୁ ଯିବାକୁ ପଡୁଛି। ସେହିପରି ସାଧାରଣ ସମ୍ପାଦକ ସମାନ ଅଭିଯୋଗ କରିବା ସହିତ ଏନେଇ ଓଡ଼ିଶାର ସମସ୍ତ ଠିକାଦାର ଏକାଠି ହେଲେ ବିଭିନ୍ନ ଦାବି ପୂରଣ ହେବ ବୋଲି କହିଛନ୍ତି। ଆସନ୍ତା ୨ ମାସମଧ୍ୟରେଦାବିପୂରଣନହେଲେରାଜ୍ୟର ସମସ୍ତ ନିର୍ମାଣକାର୍ଯ୍ୟ ବନ୍ଦ କରାଯିବାସହିତ ବାହାର ଠିକାଦାରଙ୍କ କାମ ମଧ୍ୟ ବନ୍ଦ କରିବାକୁ ଚେତାବନୀ ଦେଇଛନ୍ତି।

# ରାସୋଳକୁ ଏନ୍‌ଏସି ମାନ୍ୟତା ଦାବି

ଖଜୁରିଆକଟା, ୨୬।୮ (ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡର ରାସୋଳକୁ ଏନଏସି ମାନ୍ୟତା ପାଇବା ପାଇଁ ସବୁ କ୍ଷେତ୍ରରୁ ଯୋଗ୍ୟତା ଏବଂ ସମସ୍ତ ମାନଦଣ୍ଡ ପୂରଣ କରୁଥିବା ବେଳେ ଏନ୍‌ଏସି ଘୋଷଣା ନହେବାରୁ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ପୂର୍ବତନ ସାଂସଦ ମହେଶ ସାହୁ, ରାସୋଳ ବିକାଶ ପରିଷଦ, ସେତେବେଳର ବିଧାୟିକା ସୀମାରାଣୀ ନାୟକଙ୍କ ଦାବି ଫଳରେ ସବୁ ଦୃଷ୍ଟିକୋଣକୁ ପୁଙ୍ଖାନୁପୁଙ୍ଖ ବିଚାର କରି ବିଜେଡି ସରକାରଙ୍କ ସମୟରେ ରାସୋଳକୁ ଏନଏସି ମାନ୍ୟତା ଦେବା ପାଇଁ ଘୋଷଣା କରିଥିଲେ। ଫଳରେ ଗତ ସାଧାରଣ ନିର୍ବାଚନର କିଛି ମାସ ପୂର୍ବରୁ ୫୭ଟି ନୂଆ ଏନଏସି ଓ ୬ଟି ଏନଏସିକୁ ପୌରପାଳିକାରେ ପରିଣତ କରିବାକୁ ବିଜେଡି ସରକାର କରିଥିବା ଘୋଷଣାରେ ନୂଆ ଏନଏସି ଭାବେ ରାସୋଳ ସ୍ଥାନ ପାଇଥିଲା। ହେଲେ ନୂଆ ସରକାରରେ ରାସୋଳକୁ ଏନଏସି ମାନ୍ୟତା ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରନ୍ତି ତେବେ ଏ ସରକାରଙ୍କୁ ବହୁମୂଲ୍ୟ ଦେବାକୁ ପଡ଼ିବ ବୋଲି ମତବ୍ୟକ୍ତ କରୁଛନ୍ତି। ରାସୋଳକୁ ଏନଏସି ମାନ୍ୟତା ଦେବାକୁ ରସୋଳ ବିକାଶ ପରିଷଦ, ଅଞ୍ଚଳର ସମସ୍ତ ସାମାଜିକ, ବ୍ୟବସାୟୀ ସମସ୍ତ ଅନୁଷ୍ଠାନ, ସମସ୍ତ ଜନସାଧାରଣ ଓ ବୁଦ୍ଧିଜୀବୀ ଦଳମତ ନିର୍ବିଶେଷରେ ଦାବି ହେଉଛି।

# ସରକାରୀ କାର୍ଯ୍ୟ ସମ୍ପର୍କିତ ସଚେତନତା ଓ ସମ୍ପର୍କ ବୈଠକ

କଙ୍କଡାହାଡ, ୨୬।୮ (ସମିସ): ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ କଙ୍କଡ଼ାହାଡ଼ ପଞ୍ଚାୟତରେ ବିଶ୍ୱ ଯୁବ କେନ୍ଦ୍ର, ଅନୁଗୋଳ ଦ୍ୱାରା ପରିଚାଳିତ 'ଆକ୍ସେସ ଟୁ ଜଷ୍ଟିସ' ପ୍ରକଳ୍ପ ତରଫରୁ ସରକାରୀ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ସଚେତନତା ବୈଠକ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷା ଚାରୁଲତା ମିଶ୍ର ଏବଂ ସମ୍ମାନିତ ଅତିଥି ଭାବେ ବିଡିଓ ଯଶୋବନ୍ତ ଦେହୁରୀ, ଅତିଥି ଭାବେ ବ୍ଲକ ଫେଲୋ ସନ୍ଦୀପ୍ତା ସାହୁ, କେରଜୋଳି ପଞ୍ଚାୟତର ସରପଞ୍ଚ ରାଜକିଶୋର ସାହୁ, ମମତା ପ୍ରକଳ୍ପ ସହାୟକ ରିଙ୍କୁ ସାହୁ, ପୋଷଣ କାର୍ଯ୍ୟକ୍ରମର ସଂଯୋଜକ ମନିସ ପଧାନ, ଜିଲ୍ଲା ପ୍ରକଳ୍ପ ସହାୟକ ରାକେଶ ମିଶ୍ର, ଚାଇଲ୍ଡ ଲାଇନ ସଂଯୋଜକ ରୋସନ କୁମାର ନନ୍ଦ, ପ୍ରମୁଖ ସମ୍ବଳ ବ୍ୟକ୍ତି ଭାବେ ଯୋଗଦେଇଥିଲେ। ବିଶ୍ୱ ଯୁବ କେନ୍ଦ୍ରର ସଦସ୍ୟ ସମ୍ପାଦକ ମନୋଜ କୁମାର୍ ମହାପାତ୍ର କାର୍ଯ୍ୟକ୍ରମର ବିବରଣୀ ଅବଗତ କରାଇଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଲୋକମାନଙ୍କ ପାଇଁ ଥିବା ବିଭିନ୍ନ ଯୋଜନା ବିଷୟରେ ହିତାଧିକାରୀଙ୍କୁ ଅବଗତ କରାଯାଇଥିଲା। ବିଶ୍ୱ ଯୁବକେନ୍ଦ୍ରର ମାନି ସ୍ୱାଇଁ, ମନସ୍ମିତା ନାୟକ, ପୂର୍ଣ୍ଣିମା ସାହୁ, ତପନ ପାତ୍ର ସହଯୋଗ କରିଥିଲେ। ବରିଷ୍ଠ ସମାଜସେବୀ ବିରେନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ସାଇବର ଠକେଇ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ




ପରଜଙ୍ଗ, ୨୬।୮ (ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ମହାବିଦ୍ୟାଳୟ ସଭା ଗୃହରେ ଟେଲିଫୋନ ଉପଭୋକ୍ତାଙ୍କ ପାଇଁ ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ସଚ୍ଚିଦାନନ୍ଦ ପ୍ରଧାନଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ଟ୍ରାଇ ସହଯୋଗରେ ଏହା ଅନୁଷ୍ଠିତ ହୋଇଥିଲା। ସୁଧାଂଶୁ ମୋହନ ଦାଶ ଅତିଥି ପରିଚୟ ଦେଇ ଟ୍ରାଇ ଉପରେ ଉପଭୋକ୍ତାମାନଙ୍କୁ ସଚେତନତା ବାର୍ତ୍ତା ସମ୍ପର୍କିତ ସୂଚନା ଦେଇଥିଲେ। ବର୍ତ୍ତମାନ ସମାଜରେ ଉପଭୋକ୍ତାମାନେ ବିଭିନ୍ନ ସାଇବର ଠକେଇରୁ ନିଜକୁ ମୁକ୍ତ ଓ ସୁରକ୍ଷିତ ରହି ସତର୍କତା ଅବଲମ୍ବନ କରିବେ ସେ ଦିଗରେ ବିଏସଏନଏଲ କମ୍ପାନୀର ଏସଡିଓ ଉମାକାନ୍ତ ପୃଷ୍ଟି ଦିଗଦର୍ଶନ ଦେଇଥିଲେ। ସାଇବର ଠକେଇର ଶିକାର ନହୋଇ ସାଇବର କ୍ରାଇମକୁ ସୂଚନା ଦେବା ଓ ଏହାର ନିରାକରଣ ସମ୍ପର୍କିତ ଜିଓ ରିଲାଏନ୍ସର ଏରିଆ ମ୍ୟାନେଜର ଚୁନିଲାଲ ପୃଷ୍ଟି ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ। କମ୍ପାନୀ ପକ୍ଷରୁ ଗ୍ରାହକ ମାନଙ୍କ ଅସୁବିଧା ଦୂର କରିବା ପାଇଁ ଏହି ସଚେତନତା କାର୍ଯ୍ୟକ୍ରମ ମୁଖ୍ୟ ଉଦ୍ଦେଶ୍ୟ ବୋଲି ପରିବର୍ତ୍ତନ ସଂସ୍ଥାର ସମ୍ପାଦକ ଶୁଭ୍ରାଂଶୁ ଭୂଷଣ ସ୍ୱାଇଁ ବକ୍ତବ୍ୟ ପ୍ରଦାନ କରିଥିଲେ। ଜିଲ୍ଲାରେ ଏହାର ସର୍ଭିସ ସେବା ରହିଥିବା ବେଳେ କାର୍ଯ୍ୟକ୍ରମ ଦ୍ୱାରା ଉପଭୋକ୍ତା କିପରି ଉପକୃତ ହୋଇ ପାରିବେ ଶ୍ରୀ ସ୍ୱାଇଁ ବିସ୍ତୃତ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରଛାତ୍ରୀ ଅଧ୍ୟାପକ ଅଧ୍ୟାପିକା କର୍ମଚାରୀ ଉପସ୍ଥିତ ଥିଲେ। ପ୍ରାଧ୍ୟାପକ ବିକାଶ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଭାରପ୍ରାପ୍ତ ଅଧକ୍ଷ ସଚିଦାନନ୍ଦ ପ୍ରଧାନ ସଚେତନତା କାର୍ଯ୍ୟକ୍ରମ ସାଙ୍ଗ କରିଥିଲେ।

# ସାପକାମୁଡ଼ାରେ ଯୁବକ ମୃତ

କାମାକ୍ଷାନଗର, ୨୬।୮ (ସମିସ): ତୁମୁସିଙ୍ଗା ଥାନା କନ୍ତିଓକାଟେଣୀ ଗ୍ରାମରେ ବିଷାକ୍ତ ସାପ କାମୁଡାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସୁଶାନ୍ତ ବେହେରା (୪୩)। ଗତକାଲି ରାତିରେ ଘରେ ଶୋଇଥିବା ବେଳେ ତାଙ୍କୁ କୌଣସି ବିଷାକ୍ତସାପ କାମୁଡ଼ି ଦେବାରୁ ପରିବାର ଲୋକେ ସୁଶାନ୍ତଙ୍କୁ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ତାଙ୍କ ବିୟୋଗରେ ଗ୍ରାମରେ ଶୋକପ୍ରକାଶ ପାଇଛି।

# ଡେଙ୍ଗୁ ଓ ମ୍ୟାଲେରିଆ ସଚେତନତା କାର୍ଯ୍ୟକ୍ରମ



ଢେଙ୍କାନାଳ, ୨୬।୮ (ସମିସ): ଢେଙ୍କାନାଳ ଜିଲ୍ଲା କାମାକ୍ଷା ଉପଖଣ୍ଡ ସାରୁଆଳି ପଞ୍ଚାୟତ ଅଧୀନ ସାରୁଆଳିରେ ଜେଙ୍ଗୁ ମ୍ୟାଲେରିଆ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଖାଉଟି କଲ୍ୟାଣ ଏବଂ ଲିଗାଲ କମ୍ପ୍ଲିଆନସ ତରଫରୁ ଖାଉଟି କଲ୍ୟାଣ ଭାରତ ସରକାରଙ୍କ ଓଡ଼ିଶା ନିର୍ଦ୍ଦେଶକ ମୁଖ୍ୟ ନୀଳିମା ରାଣୀ ପାତ୍ରଙ୍କ ତତ୍ୱାବଧାନରେ ସୁସ୍ଥ ଗ୍ରାମ ନିରୋଗ ଜନହେଲଥ ଭିଲେଜ ଡିଜିଜ ଫ୍ରି ପିଉପିଲ ଆହ୍ୱାନରେ କାର୍ଯ୍ୟକ୍ରମ ପର୍ଶୁରାମ ମହାଭୋଇଙ୍କ ଦାୟିତ୍ୱରେ ଆଶା, ଅଙ୍ଗନବାଡି, ମହିଳା ଏସଏଚଜି ଗ୍ରୁପ, ସ୍ୱାସ୍ଥ୍ୟ ସେବିକାଙ୍କ ସହଯୋଗରେ ହୋଇଥିଲା। ଗ୍ରାମରେ ସଚେତନ ସହ ମଶାରୀ ବଣ୍ଟନ କରାଯାଇଛି। ପ୍ରାୟ ୫୦ଟି ପରିବାରର ୩୦୦ ଲୋକଙ୍କୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ଆୟୋଜକ ପର୍ଶୁରାମ ମହାଭୋଇ ସହ ପ୍ରଭାତ ବେହେରା, ମଦନ ହେମ୍ବ୍ରମ, ସାଇପ୍ରଦ ଶତପଥି, ମଙ୍ଗରାଜ ସାହୁ, ଅର୍ଜୁନ ନାୟକ, ରତିକାନ୍ତ ପଣ୍ଡା, ପ୍ରମୁଖ ଉପସ୍ଥିତ ରହି ଡେଙ୍ଗୁ ଓ ମ୍ୟାଲେରିଆ ନିରାକରଣ ଦିଗରେ ଅଭିଭାଷଣ ମାଧମରେ ସଚେତନ କରିଥିଲେ।

# ତାଳମୂଳ ମହିମା ଆଶ୍ରମରେ ନବାନ୍ନ ଉତ୍ସବ

ଯୋରନ୍ଦା, ୨୬।୮ (ସମିସ): ଢେଙ୍କାନାଳ ଜିଲ୍ଲା ଯୋରନ୍ଦା ମହିମାଗାଦି ତାଳମୂଳ ମହିମା ଆଶ୍ରମରେ ନବାନ୍ନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉପଲକ୍ଷେ ପ୍ରାତଃ ସମୟରେ ବତୀମଣ୍ଡପଠାରେ ପ୍ରଭୁ ମହିମା ସ୍ୱାମୀଙ୍କ ଉଦ୍ଦେଶ୍ୟରେ ନୂଆ ଚୁଡ଼ାରେ ପ୍ରସ୍ତୁତ ନବାନ୍ନ ଅର୍ପଣ କରାଯାଇଥିଲା। ବହୁସଂଖ୍ୟାରେ ଆଞ୍ଚଳିକ ଭକ୍ତ ଓ ସ୍ଥାନୀୟ ଜନସାଧାରଣ ନବାନ୍ନ ପ୍ରସାଦ ପାଇବା ସହିତ ମଧ୍ୟାହ୍ନରେ ଭିକ୍ଷାମଣ୍ଡପରେ ସାମୂହିକ ଭିକ୍ଷା କରିଥିଲେ। ତାଳମୂଳ ମହିମା ଆଶ୍ରମର ପରିଚାଳକ ବିଧାନ ଚନ୍ଦ୍ର ବାବାଙ୍କ ଅଧକ୍ଷତାରେ ନବାନ୍ନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କୈଳାସ ବାବା, ମାଧବ ବାବା, ବାଦଲ ବାବା, ବାସୁ ବାବା, ଆର୍ତ୍ତ ବାବା, ସନାତନ ବାବା, ବେଣୁଧର ବାବା, ବଳରାମ ଦାସ, ବାବୁଲି ଦାସ, ଦିବାକର ଭକ୍ତ, ସୂର୍ଯ୍ୟାଂଶୁ ରାଉତ, ଦେବରାଜ ସାହୁ, ପଦ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅତିଥି ଭାବେ ଡା ପ୍ରମୋଦ କୁମାର ଜାଲି, ଶିକ୍ଷାବିତ୍ ନାରାୟଣ ପୃଷ୍ଟି ଯୋଗଦେଇଥିଲେ। ସୂଚନାନୁଯାୟୀ, କୌପୀନଧାରୀ ମହିମା ସମାଜର ଲୋକପ୍ରିୟ ସନ୍ୟାସୀ ବ୍ରହ୍ମଲୀନ କାଶୀନାଥ ବାବାଙ୍କ ଦ୍ୱାରା ୧୯୬୫ ମସିହା ଠାରୁ ତାଳମୂଳ ମହିମା ଆଶ୍ରମରେ ନବାନ୍ନ ପର୍ବ ପାଳିତ ହେଉଛି।



# ସ୍ୱଳ୍ପ ଦୃଷ୍ଟିବାଧିକ ଛାତ୍ରଛାତ୍ରୀଙ୍କୁ ଚଷମା ବଣ୍ଟନ



ପରଜଙ୍ଗ, ୨୬।୮ (ସମିସ): ଢେଙ୍କାନାଳ ପରଜଙ୍ଗ ଗୋଷ୍ଠୀ ଶିକ୍ଷାଧୀନ ବିଦ୍ୟାଳୟଗୁଡ଼ିକରେ ସ୍ୱଳ୍ପ ଦୃଷ୍ଟି ଶକ୍ତି ସମ୍ପନ୍ନ ଛାତ୍ରଛାତ୍ରୀଙ୍କୁ ସମଗ୍ର ଶିକ୍ଷା ଆନୁକୂଲ୍ୟରେ ପ୍ରତେକ ବିଦ୍ୟାଳୟରେ ଚଷମା ବଣ୍ଟନ ବ୍ୟବସ୍ଥା ଜାରିରହିଛି। ପରଜଙ୍ଗ ଗୋଷ୍ଠୀ ଶିକ୍ଷାଧିକାରିଣୀ ପ୍ରିୟଦର୍ଶିନୀ ନାୟକଙ୍କ ନେତୃତ୍ୱରେ ଅତିରିକ୍ତ ଶିକ୍ଷାଧିକାରୀ ସତ୍ୟବ୍ରତ ସାହୁ, ବିଆରଟି ଅଶୋକ କୁମାର ପଣ୍ଡା ଓ ଆଇଇଭିଙ୍କ ଦ୍ୱାରା ବିଇଓ କାର୍ଯ୍ୟାଳୟ ପରିସରରେ ଥିବା ବିଦ୍ୟାଳୟରେ ସୋମବାର ଶୁଭାରମ୍ଭ ଭାବେ ଶିବିରରେ ପୂର୍ବରୁ ଚିହ୍ନଟ ହୋଇଥିବା କେତେକ ପିଲାଙ୍କୁ ଚଷମା ବଣ୍ଟନ କରିଥିଲେ। ସେହିପରି ଅଦ୍ୟାବଧି ବିଆରଟି ଆଇଇଭି ଓ ନିର୍ଦ୍ଦିଷ୍ଟ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦ୍ୱାରା ପରଜଙ୍ଗ ମହେନ୍ଦ୍ର ନୋଡାଲ ଉଚ୍ଚ ବିଦ୍ୟାପୀଠ, ବାରିହାପୁର ସରକାରୀ ଉପ୍ରା ବିଦ୍ୟାଳୟ, ବାରିହାପୁର ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ବସୋଇ ସରକାରୀ ପ୍ରାଥମିକ ବିଦ୍ୟାଳୟ, ପିଟିରି ସରକାରୀ ଉପ୍ରା ବିଦ୍ୟାଳୟ, ପଥରଖମ୍ବ ସରକାରୀ ଉପ୍ରା ବିଦ୍ୟାଳୟ, ମୁଣ୍ଡେଇଲୋ ହାଇସ୍କୁଲ, ପାଣିଗେଙ୍ଗୁଟିଆ ପ୍ରାଥମିକ ବିଦ୍ୟାଳୟରେ ଚଷମା ବଣ୍ଟନ କରାଯାଇଛି।

# ଭୁବନ ପଞ୍ଚାୟତ ସମିତି ବୈଠକ

ଭୁବନ, ୨୬।୮ (ସମିସ): ଭୁବନ ପଞ୍ଚାୟତ ସମିତିର ୮ମ ସାଧାରଣ ବୈଠକ ଦୀର୍ଘ ୭ ମାସ ପରେ ଅନୁଷ୍ଠିତ ହୋଇଯାଇଛି। ଜାନୁଆରୀ ୧୫ରେ ଅନାସ୍ଥାରୁ ମୁକୁଳିଥିବା ବ୍ଲକ ଅଧ୍ୟକ୍ଷା ସିପ୍ରା ବରାଳ ଜାନୁୟାରୀ ୨୯ରେ ୭ମ ସାଧାରଣ ଅଧିବେଶନ ଡକାଇଥିଲେ। ଅନାସ୍ଥାରେ ଅଧକ୍ଷା କହିଥିଲେ ସମସ୍ତଙ୍କୁ ନେଇ ଚାଲିବା କଥା। ୭ମ ବୈଠକରେ ଯାହା ପାରିତ ହୋଇଥିଲା ତାହା ୮ମ ବୈଠକ ହେବା ମଧ୍ୟରେ ସମସ୍ତଙ୍କୁ ସାଥିରେ ନେଇ ପ୍ରମାଣିତ କରାଇଛନ୍ତି। ଏହି ବୈଠକରେ ଅଧକ୍ଷତା କରିଥିଲେ ସିପ୍ରା ବରାଳ। ଅତିଥି ଭାବେ ଯୋଗ ଦେଇଥିଲେ ବିଧାୟକ ଶତ୍ରୁଘ୍ନ ଜେନା, ସଂସାଦ ପ୍ରତିନିଧି ପ୍ରେମାନନ୍ଦ ଜେନା, ଉପାଧକ୍ଷା ସରୋଜିନୀ ଦ୍ୱିବେଦୀ, ଜିଲ୍ଲା ପରିଷଦ ଶିଳାରାଣୀ ସାହୁ, ରମେଶ ଚନ୍ଦ୍ର ସାହୁ ଓ ସୁବାଷ ମାଝୀ। ବିଡିଓ ଆୟୁଷୀ ମହାପାତ୍ରଙ୍କ ସମେତ ସମସ୍ତ ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀ ମାନେ ଯୋଗଦାନ କରିଥିଲେ। ବିକାଶକୁ ଆଗେଇ ନିଆଯିବ, କୌଣସି ଯୋଗ୍ୟ ହିତାଧିକାରୀଙ୍କୁ ସରକାରଙ୍କ ଜନ ହିତକାରୀ ଯୋଜନାରୁ ବାଦ ଦିଆଯିବ ନାହିଁ ବୋଲି ବିଧାୟକ ଶ୍ରୀ ଜେନା କହିଥିଲେ।



**ବିଜ୍ଞାନ ସମ୍ପର୍କିତ ଆଲୋଚନାଚକ୍ର**

# 'କାର୍ଯ୍ୟର କାରଣ ଖୋଜିବା ହିଁ ବିଜ୍ଞାନ'

ଢେଙ୍କାନାଳ, ୨୬।୮ (ସମିସ)

ଢେଙ୍କାନାଳ ବିଜ୍ଞାନ ଚେତନା ମଞ୍ଚ ଓଡ଼ିଶାର ଜିଲ୍ଲା ଶାଖା ପକ୍ଷରୁ ମହିଳା ମହାବିଦ୍ୟାଳୟ ଓ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜାତୀୟ ଅନ୍ତରୀକ୍ଷ ଦିବସ ଓ ଭାରତରେ ବିଜ୍ଞାନ ପାଇଁ ପଦଯାତ୍ରା ୨୦୨୫ ଓ ସାଇନ୍ସ ସୋସାଇଟି ମିଳିତ ଆନୁକୂଲ୍ୟରେ ବିଜ୍ଞାନ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରାଧ୍ୟାପକ ଡ.କୁମାର ସିଦ୍ଧାର୍ଥ କେଶବ ଭରଦ୍ୱାଜ ବ୍ରେକ୍ ଥ୍ରୁ ସାଇନ୍ସ ସୋସାଇଟିର ସର୍ବଭାରତୀୟ ଉପସଭାପତି, ବିଜ୍ଞାନ ଚେତନା ମଞ୍ଚର ଓଡ଼ିଶା ରାଜ୍ୟ ସମ୍ପାଦକ ତଥା ପ୍ରଫେସର ରସାୟନ ବିଜ୍ଞାନ ବିଭାଗ, ରେଭେନ୍ସା ବିଶ୍ୱବିଦ୍ୟାଳୟ କଟକ ମୁଖ୍ୟଅତିଥି ଭାବେ ଯୋଗଦେଇ ନିର୍ବୋଧତା ଆମର ସବୁଠୁ ବଡ ଶତ୍ରୁ, କାର୍ଯ୍ୟର କାରଣ ଖୋଜିବା ହିଁ ବିଜ୍ଞାନ ବୋଲି କହିଥିଲେ। କୌଣସି କଥାକୁ ଅନ୍ଧ ଭାବେ ଗ୍ରହଣ ନକରି ତା ପଛରେ ଥିବା କାରଣ ଖୋଜିବା ଓ କାରଣ ଆଧାରରେ ସିଦ୍ଧାନ୍ତରେ ଉପନୀତ ହେବାକୁ ବିଜ୍ଞାନ କୁହାଯାଏ ବୋଲି ଜାତୀୟ ବିଜ୍ଞାନ ଦିବସ ପାଳନ ଅବସରରେ ଢେଙ୍କାନାଳ ସ୍ୱୟଂ ଶାସିତ ମହାବିଦ୍ୟାଳୟର ବିଜ୍ଞାନ ସଂସଦର ଉପସଭାପତି ତଥା ଉଦ୍ଭିଦ ବିଜ୍ଞାନ ଓ ବାୟୋଟେକ୍ନୋଲୋଜି ବିଭାଗୀୟ ମୁଖ୍ୟ ପ୍ରଫେସର ଡ.ଦେବରାଜ ପରିଡ଼ା କହିଛନ୍ତି। ସ୍ଥାନୀୟ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ନୂତନ ପଠନ ଗୃହ ମଧ୍ୟରେ ଅଧକ୍ଷ ଡ.ପୂର୍ଣ୍ଣଚନ୍ଦ୍ର ବରାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ଡ.ଦେବରାଜ ପରିଡ଼ା, ଅବସରପ୍ରାପ୍ତ ବରିଷ୍ଠ ଗଣିତ ଓ ବିଜ୍ଞାନ ଶିକ୍ଷକ ଜିଲ୍ଲା ଆବାହକ ଡା.ଦେବୀ ପ୍ରସାଦ ମିଶ୍ର, ବିଜ୍ଞାନ ଚେତନା ମଞ୍ଚ ଭୁବନ ଶାଖାର ଆବାହକ ଶ୍ରୀଧର ପୃଷ୍ଟି, ବିଜ୍ଞାନ ସଂଗଠିକା ଡ.ଶୁଭ୍ରା ରାୟ, ବିଜ୍ଞାନ ସଂଗଠକ ବିନୋଦ ସେଠୀ ପ୍ରମୁଖ ଯୋଗଦେଇଥିଲେ। ବିଜ୍ଞାନ ସଂସଦର ସହକାରୀ ଉପସଭାପତି ତଥା ପ୍ରାଣୀବିଜ୍ଞାନ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପିକା ଡ.ନିର୍ଲିପ୍ତା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।




# ବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ



ଢେଙ୍କାନାଳ, ୨୬।୮ (ସମିସ): ପୁଲିସ ଲାଇନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଭଲ ସ୍ପର୍ଶ ଓ ମନ୍ଦ ସ୍ପର୍ଶ ବିଷୟରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଏସ୍‌ପି ପ୍ରଭାତ ବିଶ୍ୱାଳ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସଚେତନ କରିବା ସହ ସାହସୀ ଓ ସତ୍ୟବାଦୀ ହେବାକୁ ପରାମର୍ଶ ଦେଇଥିଲେ। ସେହିପରି ଡିଏସପି ସୁଷମା ପ୍ରଧାନ ଛାତ୍ରଛାତ୍ରୀଙ୍କୁ ଭଲ ଓ ମନ୍ଦ ସ୍ପର୍ଶ ଉପରେ ଆଲୋକପାତ କରିଥିଲେ। ପିଲାମାନେ ସାହସୀ ଓ ନିର୍ଭୀକ ହୋଇ ଯେକୌଣସି ଘଟଣାକୁ ମା' କିମ୍ବା ପରିବାରରେ ଥିବା ଗୁରୁଜନଙ୍କୁ ଜଣାଇବାକୁ କହିଥିଲେ। କାର୍ଯ୍ୟକ୍ରମରେ ପୁଲିସ ଲାଇନ କ୍ଲଷ୍ଟର ସିଆରସିସି ଝସକେତନ ପ୍ରଧାନ, ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଶକୁନ୍ତଳା ମିଶ୍ର ଓ ସ୍ନେହପ୍ରଭା ସାହୁ ଉପସ୍ଥିତ ଥିଲେ। ପ୍ରଧାନଶିକ୍ଷୟିତ୍ରୀ ରେଖା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଦେଶ ବିଦେଶ

ସକାଳ
www.sakalaepaper.com

## ଭବିଷ୍ୟତର ଯୁଦ୍ଧ ଅଧିକ ବିପଜ୍ଜନକ ହେବ: ସିଡିଏସ୍ ଅନିଲ ଚୌହାନ

ମହୁ, ୨୬।୮ (ଏଜେନ୍ସି): ଭାରତ ଶାନ୍ତିପ୍ରିୟ ଦେଶ ହୋଇଥିଲେ ବି ଶାନ୍ତିବାଦୀ ନୁହେଁ। ଶତ୍ରୁ ଏହି ଭୁଲ୍ ବୁଝାମଣାର ଶିକାର ନ ହେଉ। ଦେଶର ସେନା ଯୁଦ୍ଧ ପାଇଁ ସର୍ବଦା ପ୍ରସ୍ତୁତ ହୋଇ ରହିଛି। କାରଣ ଶାନ୍ତି ପାଇଁ ଯୁଦ୍ଧ ଦରକାର ବୋଲି ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ (ସିଡିଏସ) ଜେନେରାଲ ଅନିଲ ଚୌହାନ କହିଛନ୍ତି। ମଧ୍ୟପ୍ରଦେଶ ମହୁ ସ୍ଥିତ 'ଆର୍ମି ୱାର କଲେଜ'ରେ ଆୟୋଜିତ ରଣ ସମ୍ବାଦ କାର୍ଯ୍ୟକ୍ରମ-୨୦୨୫ରେ ସାମିଲ ହୋଇ ସିଡିଏସ ଏହି ଟିପ୍ପଣୀ ଦେଇଛନ୍ତି। ସିଡିଏସ୍ କହିଥିଲେ ଯେ ଶକ୍ତି ବିନା ଶାନ୍ତି ଏକ 'ୟୁଟୋପିଆନ୍' ଧାରଣା ମାତ୍ର। ସେ ଏକ ଲାଟିନ୍ ଉକ୍ତିର ଉଦାହରଣ ଦେଇ କହିଥିଲେ ଯେ ଯଦି ତୁମେ ଶାନ୍ତି ଚାହୁଁଛ, ତେବେ ଯୁଦ୍ଧ ପାଇଁ ପ୍ରସ୍ତୁତ ରୁହ। କାରଣ ଶାନ୍ତି କେବଳ ଶକ୍ତିରୁ ଆସିପାରିବ। 'ଅପରେସନ୍ ସିନ୍ଦୂର' ଏକ ନୂତନ ଯୁଗର ଯୁଦ୍ଧ ଥିଲା। ଏଥିରୁ ଅନେକ ଶିକ୍ଷା ପାଇଲୁ। ଏହା ମଧ୍ୟରୁ ଅଧିକାଂଶକୁ କାର୍ଯ୍ୟକାରୀ କରିବାକୁ ପ୍ରୟାସ ଚାଲିଛି।

## ଆପ୍ ନେତା ସୌରଭ ଭରଦ୍ୱାଜଙ୍କ ଘରେ ଇଡି ଚଢ଼ଉ

ନୂଆଦିଲ୍ଲୀ, ୨୬।୮ (ଏଜେନ୍ସି): ଆଉ ଜଣ ଆମ୍ ଆଦମୀ ପାର୍ଟି (ଆପ୍) ନେତା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ରାଡ଼ାରରେ ଆସିଛନ୍ତି। ପୂର୍ବତନ ମନ୍ତ୍ରୀ ତଥା ଆପ୍ ନେତା ସୌରଭ ଭରଦ୍ୱାଜଙ୍କ ଘର ସମେତ ୧୩ ସ୍ଥାନ ଏଜେନ୍ସି ଚଢ଼ଉ କରିଛି। ହସ୍ପିଟାଲ ନିର୍ମାଣ ଦୁର୍ନୀତି ମାମଲାରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଦିଲ୍ଲୀର ଦୁର୍ନୀତି ନିବାରଣ ଶାଖା (ଏସିବି) ବର୍ଷେ ତଳେ ଆପ୍ ସରକାର ସମୟରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ସହିତ ଜଡିତ ପ୍ରକଳ୍ପରେ ବଡ଼ ଧରଣର ଦୁର୍ନୀତି ଅଭିଯୋଗର ତଦନ୍ତ ଆରମ୍ଭ କରିଥିଲା। ଜୁନ୍ ମାସରେ ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ସୌରଭ ଭରଦ୍ୱାଜ ଏବଂ ସତ୍ୟେନ୍ଦ୍ର ଜୈନଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। ପରେ ଏସିବି ମାମଲାକୁ ଇଡିକୁ ହସ୍ତାନ୍ତର କରିଥିଲା। କେନ୍ଦ୍ରୀୟ ଏଜେନ୍ସି ଜୁଲାଇରେ ମାମଲା ରୁଜୁ କରିଥିଲା। ଏହାକୁ ନେଇ କେଜ୍ରିୱାଲ କେନ୍ଦ୍ର ସରକାରଙ୍କୁ ନିଶାଣ କରିଛନ୍ତି। ସେ କହିଛନ୍ତି ଯେ କେନ୍ଦ୍ର ସରକାର ଆପ୍ ପଛରେ ପଡ଼ିଛନ୍ତି ବୋଲି ଏହି ଚଢ଼ଉ ଦର୍ଶାଉଛି। ସରକାର ଆମର ସ୍ୱରକୁ ଦମନ କରିବାକୁ ଚାହୁଁଛନ୍ତି। ଆମେ ବିଜେପିକୁ ଭୟ କରୁନୁ।

## ବିଜେପି ନେତାଙ୍କଠାରୁ ମେଡାଲ ନେଲେନି ଡିଏମ୍‌କେ ନେତାଙ୍କ ପୁଅ

ଚେନ୍ନଇ, ୨୬।୮ (ଏଜେନ୍ସି): ତାମିଲନାଡୁରେ ରାଜନୈତିକ ବିବାଦ ପର ପିଢି ପର୍ଯ୍ୟନ୍ତ ପହଞ୍ଚି ଗଲାଣି। ବିଭିନ୍ନ କାର୍ଯ୍ୟକ୍ରମରୁ ଏଭଳି ଦୃଶ୍ୟ ସାମ୍ନାକୁ ଆସୁଛି। ତାମିଲନାଡୁ ଡିଏମକେ ନେତା ତଥା ମନ୍ତ୍ରୀ ଟିଆରବି ରାଜାଙ୍କ ପୁଅ ସୂର୍ଯ୍ୟ ରାଜା ବାଲୁ ବିଜେପି ନେତା ଆନାମଲାଇଙ୍କଠାରୁ ମେଡାଲ ନେବାକୁ ମନା କରିଦେଇଛନ୍ତି। ଆନାମଲାଇ ମେଡାଲ ପିନ୍ଧାଇବାକୁ ଆଗକୁ ବଢ଼ିବା ସମୟରେ ବାଲୁ ପଛକୁ ହଟି ଯାଇଥିଲେ। ଅନେକ ପ୍ରୟାସ ସତ୍ତ୍ୱେ ବି ସେ ମେଡାଲ ନେଇ ନ ଥିଲେ। ଶେଷରେ ବିଜେପି ନେତା ତାଙ୍କ ହାତକୁ ମେଡାଲ ଧରାଇ ଦେଇଥିଲେ। ସୋମବାର ଅନୁଷ୍ଠିତ ତାମିଲନାଡୁର ୫୧ତମ ରାଜ୍ୟ ସୁଟିଂ ଖେଳ ସମ୍ମାନ ସମାରୋହରେ ଏହି ଦୃଶ୍ୟ ଦେଖିବାକୁ ମିଳିଥିଲା। ଆନାମଲାଇଙ୍କୁ ମୁଖ୍ୟ ଅତିଥି ଭାବେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଗତ ୧୩ ଦିନରେ ଦ୍ୱିତୀୟ ଥର ପାଇଁ ଏଭଳି ଘଟଣା ଘଟିଛି।

## ଆରଏସଏସ ଗୀତ ଗାଇଥିବାରୁ କ୍ଷମା ମାଗିଲେ ଶିବକୁମାର

ବେଙ୍ଗାଲୁରୁ, ୨୬।୮ (ଏଜେନ୍ସି): ବିଧାନସଭାରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆରଏସଏସ)ର ଗୀତ ଗାଇବାକୁ ନେଇ କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କୁ ନିଜ ଦଳରେ ସମାଲୋଚନା କରାଯାଉଛି। ଶେଷରେ ସେ ଏଥିପାଇଁ ବିଧାନସଭାରେ ହିଁ କ୍ଷମା ମାଗିଛନ୍ତି। ଏହି ଗୀତ ଗାଇଥିବାରୁ ଯଦି କାହାର ଭାବନାକୁ ଆଘାତ ଲାଗିଛି ତେବେ କ୍ଷମା ମାଗୁଛି ବୋଲି କହିଛନ୍ତି। ଆରଏସଏସ ପ୍ରଶଂସା କରିବା ତାଙ୍କ ଉଦ୍ଦେଶ୍ୟ ନ ଥିଲା ବୋଲି ସେ ସ୍ପଷ୍ଟ କରିଛନ୍ତି। ଶିବକୁମାର କହିଛନ୍ତି ଯେ ସେ ଜଣେ କଂଗ୍ରେସ ସଦସ୍ୟ। ମୃତ୍ୟୁ ପର୍ଯ୍ୟନ୍ତ କଂଗ୍ରେସ ସଦସ୍ୟ ହୋଇ ରହିବେ। ସାରା ଦେଶକୁ ଏହି ବାର୍ତ୍ତା ଦେବାକୁ ଚାହୁଁଛି ଯେ ନିଜକୁ କଂଗ୍ରେସ ପାଇଁ ମୁଁ ସମର୍ପି ଦେଇଛି। ଗାନ୍ଧୀ ପରିବାର ମୋ ପାଇଁ ଭଗବାନ ଏବଂ ମୁଁ ତାଙ୍କ ଭକ୍ତ। ସୂଚନା ଅନୁଯାୟୀ କର୍ଣ୍ଣାଟକ କଂଗ୍ରେସ ସଭାପତି ପଦରେ ଥାଇ ସେ କିଛି ଦିନ ତଳେ ବିଧାନସଭାରେ ଆରଏସଏସ ଗୀତ ଗାଇ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ଦେଇଥିଲେ। ଗତ ୨୧ ତାରିଖରେ ଶିବକୁମାର ଆରଏସଏସ ପ୍ରାର୍ଥନା 'ନମସ୍ତେ ସଦା ବତ୍ସଲେ ମାତୃଭୂମେ'ର କିଛି ଧାଡ଼ି ପଢ଼ିଥିଲେ। ଏହା ଭାଇରାଲ ହେବାରୁ ଶିବକୁମାର ଏହି ଗୀତ ଗାଇ କାହାକୁ ପ୍ରଭାବିତ କରିବାକୁ ଚେଷ୍ଟା କରୁଛନ୍ତି ବୋଲି ବରିଷ୍ଠ କଂଗ୍ରେସ ନେତା ବି.କେ. ହରିପ୍ରସାଦ ପ୍ରଶ୍ନ କରିଥିଲେ।

## ଇରାନ ରାଷ୍ଟ୍ରଦୂତଙ୍କୁ ହଟାଇଲା ଅଷ୍ଟ୍ରେଲିଆ

କାନବେରା,୨୬।୮ (ଏଜେନ୍ସି) : ଅଷ୍ଟ୍ରେଲିଆ ମଙ୍ଗଳବାର ଇରାନ ରାଷ୍ଟ୍ରଦୂତଙ୍କୁ ଦେଶରୁ ବାହାର କରିଦେଇଛି। ସିଡନୀ ଏବଂ ମେଲବୋର୍ଣ୍ଣରେ ଇହୁଦୀ ସମ୍ପ୍ରଦାୟ ଉପରେ ଆକ୍ରମଣ ପାଇଁ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆନ୍ଥୋନି ଆଲବାନିସ କହିଛନ୍ତି। ସେ ସୂଚନା ଦେଇଛନ୍ତି ଯେ ୨୦୨୪ ଅକ୍ଟୋବରରେ ସିଡନୀର ଲୁଇସ୍ କଣ୍ଟିନେଣ୍ଟଲ କିଚେନ ଏବଂ ୨୦୨୪ ଡିସେମ୍ବର ୬ରେ ମେଲବୋର୍ଣ୍ଣର ଅଦାସ ସଭାଗୃହରେ ଆକ୍ରମଣ କରାଯାଇଥିଲା। ଇରାନ ଏଥିପାଇଁ ଯୋଜନା ପ୍ରସ୍ତୁତ କରିଥିଲା ଏବଂ ପରେ ଆକ୍ରମଣ କରିଥିବା ନେଇ ପ୍ରମାଣ ମିଳିଛି। ଏହା ଅଷ୍ଟ୍ରେଲିଆ ପାଇଁ ବିପଜ୍ଜନକ। ସମାଜର ଏକତାକୁ ଭାଙ୍ଗି ଅଶାନ୍ତି ସୃଷ୍ଟି ଇରାନର ଉଦ୍ଦେଶ୍ୟ । ଇସ୍ରାଏଲ-ହମାସ ଯୁଦ୍ଧ ଆରମ୍ଭ ହେବା ପରେ ଅଷ୍ଟ୍ରେଲିଆରେ ଇହୁଦୀ ସ୍କୁଲ୍, ଘର, ମନ୍ଦିର ଉପରେ ଆକ୍ରମଣ ବୃଦ୍ଧି ପାଇଛି। ଆଲ୍‌ବାନିଜ କହିଛନ୍ତି ଯେ ଅଷ୍ଟ୍ରେଲିଆ ମଧ୍ୟ ତେହରାନ ସ୍ଥିତ ନିଜ ଦୂତାବାସକୁ ବନ୍ଦ କରିଦେଇଛି। ଏହା ସହିତ ଇରାନର ଇସଲାମିକ ରିଭୋଲ୍ୟୁସନାରୀ ଗାର୍ଡ କ୍ରପ୍ସକୁ ସେ ଆତଙ୍କବାଦୀ ସଂଗଠନ ଘୋଷଣା କରିଛନ୍ତି।

# ୪୮ ଘଣ୍ଟା ଧରି ଜମ୍ମୁ-କଶ୍ମୀର, ହିମାଚଳରେ ପ୍ରକୃତିର ତାଣ୍ଡବ



## ବାଦଲଫଟା ବର୍ଷା, ଭୂସ୍ଖଳନ ନେଲା ୧୦ ଜୀବନ ଖସୁଛି ଅତଡ଼ା, ବୈଷ୍ଣୋ ଦେବୀ ଯାତ୍ରା ସ୍ଥଗିତ

ନୂଆଦିଲ୍ଲୀ, ୨୬।୮ (ଏଜେନ୍ସି): ଜମ୍ମୁ-କଶ୍ମୀର ଏବଂ ହିମାଚଳ ପ୍ରଦେଶରେ ଗତ ୪୮ ଘଣ୍ଟା ଧରି ଚାଲିଛି ପ୍ରକୃତିର ତାଣ୍ଡବ। ବାଦଲଫଟା ବର୍ଷା ଏବଂ ବନ୍ୟା ଯୋଗୁଁ ଘର ସହିତ ଦୋକାନ ବଜାର ସବୁ ଭାସି ଯାଇଛି। ବଡ଼ ବଡ଼ କୋଠା ଭୁଶୁଡ଼ି ପଡ଼ିଛି, ରାସ୍ତା ବିଚ୍ଛିନ୍ନ ଏବଂ ଶତାଧିକ ଘର ବନ୍ୟା ପାଣି ଘେରରେ। ପ୍ରକୃତିର ଏହି ତାଣ୍ଡବରେ ୧୦ ଜଣ ବ୍ୟକ୍ତି ପ୍ରାଣ ହରାଇଥିବା ବେଳେ ଅନେକ ଲୋକ ଆହତ ହୋଇଛନ୍ତି। ପ୍ରବଳ ବର୍ଷା ଯୋଗୁଁ ଅତଡ଼ା ଖସୁଥିବାରୁ ବୈଷ୍ଣୋବଯାତ୍ରାକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯାଇଛି।


ବର୍ଷା ଓ ବନ୍ୟା ଯୋଗୁଁ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି ଜମ୍ମୁ ଅଞ୍ଚଳ। ଆଜି ବାଦଲଫଟା ବର୍ଷା ଯୋଗୁଁ ୪ ଜଣ ବ୍ୟକ୍ତି ପ୍ରାଣ ହରାଇଥିବା ବେଳେ ୧୦ଟି ଘର ଭାସିଯାଇଛି। ଜମ୍ମୁ, କଠୁଆ, ସାମ୍ବା ଏବଂ କିସ୍ତୱାର ଅଞ୍ଚଳରେ ଏବେ ବି ଭୀଷଣ ବର୍ଷା ଜାରି ରହିଛି। ଏହାପୂର୍ବରୁ ମଧ୍ୟ କିସ୍ତୱାରରେ ବାଦଲଫଟା ବର୍ଷା ହୋଇଥିଲା। ଇତିମଧ୍ୟରେ ଜମ୍ମୁ-କଶ୍ମୀରର ରିଆସି ଜିଲ୍ଲା ତ୍ରିକୁଟ ପର୍ବତରେ ଅବସ୍ଥିତ ମାତା ବୈଷ୍ଣବ ଦେବୀ ମନ୍ଦିରକୁ ଯାଇଥିବା ରାସ୍ତାରେ ଅତଡ଼ା ଖସିବାରୁ ୬ ଜଣ ପ୍ରାଣ ହରାଇଛନ୍ତି ଏବଂ ୧୪ ଜଣ ଆହତ ହୋଇଛନ୍ତି। ବିଭିନ୍ନ ସ୍ଥାନରେ ରାସ୍ତା ଦବି ଯାଇଥିବାରୁ ବୈଷ୍ଣବ ଯାତ୍ରାକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯାଇଛି। ପ୍ରବଳ ବର୍ଷା ଓ ବନ୍ୟା ଯୋଗୁଁ ଜମ୍ମୁ ଅଞ୍ଚଳରେ ସମସ୍ତ ସରକାରୀ ଅଫିସ ଓ ଶିକ୍ଷାନୁଷ୍ଠାନକୁ ବନ୍ଦ କରିଦିଆଯାଇଛି। ଜମ୍ମୁ-ଶ୍ରୀନଗର ଜାତୀୟ ରାଜପଥକୁ ଗାଡ଼ି ଚଳାଚଳ ପାଇଁ ବନ୍ଦ କରି ଦିଆଯାଇଛି। ତାୱି ନଦୀରେ ବନ୍ୟାଜଳ ସ୍ତର ବୃଦ୍ଧି ପାଉଥିବାରୁ ସମଗ୍ର ଜମ୍ମୁ ଅଞ୍ଚଳ ପାଇଁ ଆଲର୍ଟ ଜାରି କରାଯାଇଛି। ଲୋକମାନଙ୍କୁ ନିରାପଦ ସ୍ଥାନକୁ ନିଆଯାଉଛି।

ସେହିଭଳି ହିମାଚଳ ପ୍ରଦେଶରେ ମଧ୍ୟ ପରିସ୍ଥିତି ଗମ୍ଭୀର ରହିଛି। ପ୍ରବଳ ବର୍ଷା ଯୋଗୁଁ ବେଆସ ନଦୀରେ ବନ୍ୟା ଆସି ମନାଲି ଓ ଆଖପାଖ ଅଞ୍ଚଳରେ ବ୍ୟାପକ କ୍ଷତି ପହଞ୍ଚାଇଛି। ବନ୍ୟା ଓ ଅତଡ଼ା ଖସିବା ଯୋଗୁଁ ଅନେକ ଘର, ବ୍ୟାବସାୟିକ ପ୍ରତିଷ୍ଠାନ ଓ ହୋଟେଲ ଭାସିଯାଇଛି। ବ୍ୟାପକ ଅଞ୍ଚଳ ଜଳମଗ୍ନ ହୋଇଯାଇଥିବାରୁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ନଦୀ ପାଣି ଉଛୁଳିବାରୁ ମନାଲିରେ ଏକ ବହୁତଳା ବିଶିଷ୍ଟ ହୋଟେଲ ଏବଂ ୪ଟି ଦୋକାନ ଘର ଭାସିଯାଇଛି। ବନ୍ୟା ଯୋଗୁଁ ମନାଲି-ଲେହ ରାଜପଥର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଖାଲ ସୃଷ୍ଟି ହୋଇଛି। କୁଲ୍ଲୁ-ମନାଲି ଜାତୀୟ ରାଜପଥ ମଧ୍ୟ ଅନେକ ସ୍ଥାନରେ ଦବି ଯାଇଛି କିମ୍ବା ଭାସିଯାଇଛି। ମନାଲି ନିକଟବର୍ତ୍ତୀ ଅଞ୍ଚଳରେ ଶତାଧିକ ଲୋକ ପାଣି ଘେରରେ ରହିଛନ୍ତି। ସେମାନଙ୍କ ପାଖରେ ରିଲିଫ ପହଞ୍ଚିପାରି ନାହିଁ। ବିଦ୍ୟୁତ ଯୋଗାଣ ବି ବିଚ୍ଛିନ୍ନ ହୋଇଯାଇଛି। ବହାଙ୍ଗରେ ଏକ ଦୁଇ ମହଲା ହୋଟେଲ ଭାସିଯାଇଥିବା ବେଳେ ଦୁଇଟି ରେସ୍ତୋରାଁ ଏବଂ ଦୁଇଟି ଦୋକାନଘର ଭୁଶୁଡ଼ି ପଡ଼ିଛି। ଏହି ଅଞ୍ଚଳରେ ବ୍ୟାପକ କ୍ଷତି ହୋଇଥିଲେ ମଧ୍ୟ କୌଣସି ଜୀବନହାନିର ଖବର ମିଳିନାହିଁ। ଏହି ଅଞ୍ଚଳରେ ସମସ୍ତ ଶିକ୍ଷାନୁଷ୍ଠାନକୁ ବନ୍ଦ କରି ଦିଆଯାଇଛି। ଗତ ଜୁନ ମାସ ୨୦ ତାରିଖରୁ ହିମାଚଳ ପ୍ରଦେଶରେ ବର୍ଷା ଓ ବନ୍ୟା ଲାଗି ରହିଛି। ବର୍ଷା ଓ ବନ୍ୟା ଯୋଗୁଁ ବ୍ୟାପକ କ୍ଷତି ହୋଇଛି। ଜୁନ୍ ୨୦ରୁ ଆଜି ପର୍ଯ୍ୟନ୍ତ ବର୍ଷା ଓ ବନ୍ୟା ଯୋଗୁଁ ରାଜ୍ୟରେ ୧୫୬ ଜଣ ଲୋକ ପ୍ରାଣ ହରାଇଥିବା ବେଳେ ୩୮ ଜଣ ଏବେ ବି ନିଖୋଜ ରହିଛନ୍ତି। ଅନେକ ସ୍ଥାନ ଏବେ ବି ବିଚ୍ଛିନ୍ନ ରହିଥିବା ବେଳେ ବିଦ୍ୟୁତ ଯୋଗାଣ ସ୍ୱାଭାବିକ ହୋଇପାରୁ ନାହିଁ।

# ଅମ୍ବାନୀଙ୍କ ବନତାରାର ଯାଞ୍ଚ ହେବ

## କମିଟି ଗଠନ କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୬।୮ (ଏଜେନ୍ସି): କୋହ୍ଲାପୁରର ମାଧୁରୀ ହାତୀକୁ ନେଇ ଶିଳ୍ପପତି ମୁକେଶ ଅମ୍ବାନୀଙ୍କୁ ତୀବ୍ର ସମାଲୋଚନା କରାଯାଉଛି। ଏପରି ସମୟରେ ଗୁଜୁରାଟ ଜାମନଗର ସ୍ଥିତ ଅମ୍ବାନୀଙ୍କ ବନ୍ୟଜନ୍ତୁ ଉଦ୍ଧାର ଏବଂ ପୁନର୍ବାସ କେନ୍ଦ୍ର 'ବନତାରା'ର ଯାଞ୍ଚ ପାଇଁ ସୁପ୍ରିମକୋର୍ଟ ସୋମବାର ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ୪ ସଦସ୍ୟ ବିଶିଷ୍ଟ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସଆଇଟି) ଗଠନ କରିଛନ୍ତି। ରିଲାଏନ୍ସ ଫାଉଣ୍ଡେସନ ଏହି ବନାତାରାକୁ ଚଳାଉଛି। ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜେ. ଚେଲେମେଶ୍ୱର ଏହି ଏସଆଇଟିର ନେତୃତ୍ୱ ନେବେ। ଏହି ଟିମ୍‌ରେ ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ରାଘବେନ୍ଦ୍ର ଚୌହାନ, ମୁମ୍ବଇ ପୁଲିସର ପୂର୍ବତନ କମିଶନର ହେମନ୍ତ ନାଗରାଲେ ଏବଂ ସୀମା ଶୁଳ୍କ ଅଧିକାରୀ ଅନିଶ ଗୁପ୍ତା ସାମିଲ ଅଛନ୍ତି। ଆସନ୍ତା ୧୨ ତାରିଖ ସୁଦ୍ଧା ଏହି କମିଟି ରିପୋର୍ଟ ପ୍ରଦାନ କରିବ। ୧୫ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ରିପୋର୍ଟ ଆଧାରରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଜଷ୍ଟିସ ପଙ୍କଜ ମିତ୍ତଲ ଏବଂ ପି ଭି ବରାଲେଙ୍କ ଖଣ୍ଡପୀଠ କହିଛନ୍ତି। ଓକିଲ ସିଆର ଜୟା ସୁକିନ ଏବଂ ଦେବ ଶର୍ମା ପକ୍ଷରୁ ଦାଏର ଦୁଇଟି ଜନସ୍ୱାର୍ଥ ମାମଲା (ପିଆଇଏଲ)ର ଶୁଣାଣି କରି କୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। ଯାଞ୍ଚ କେବଳ ସତ୍ୟ ଏବଂ ତଥ୍ୟ ଆଧାରିତ ହେବ। ଏସ୍‌ଆଇଟି ଗଠନ କରି କୌଣସି ସଂସ୍ଥାର କାର୍ଯ୍ୟ ପ୍ରଣାଳୀ ଉପରେ ପ୍ରଶ୍ନ ଉଠା ଯାଉନାହିଁ ବୋଲି ଖଣ୍ଡପୀଠ କହିଛନ୍ତି। କୋହ୍ଲାପୁରର ଜୈନ ମଠରେ ଥିବା ହାତୀ ମାଧୁରୀକୁ ଚିକିତ୍ସା ନାମରେ ବନତାରା ନେବା ପରେ ଏହି ଆବେଦନ ଦାଏର କରାଯାଇଥିଲା। ଏସ୍‌ଆଇଟି ୫ଟି ପଏଣ୍ଟକୁ ନେି ଯାଞ୍ଚ କରିବ। ଭାରତ ଏବଂ ବିଦେଶରୁ ହାତୀ ଆଣିବା ବେଳେ ବନ୍ୟଜନ୍ତୁ ସଂରକ୍ଷଣ ନିୟମ, ଚିଡ଼ିଆଖାନା ନିୟମ, ଅନ୍ତର୍ଜାତୀୟ ପ୍ରଜାତି ବାଣିଜ୍ୟ ଚୁକ୍ତି, ଆମଦାନୀରପ୍ତାନୀ ଆଇନ ଏବଂ ଅନ୍ୟ ଆଇନଗତ ନିୟମ ପାଳନ କରାଯାଉଛି କି ନାହିଁ ଯାଞ୍ଚ କରାଯିବ।



## ଶାହାରୁଖ, ଦୀପିକାଙ୍କ ବିରୋଧରେ ଏତଲା

ଭରତପୁର, ୨୬।୮ (ଏଜେନ୍ସି): ଅନ୍‌ଲାଇନ ଗେମିଂ ପାଇଁ ବିଜ୍ଞାପନ କରି ସେଲିବ୍ରିଟି ଫସିବା ପରେ ଏବେ ଆଉ ଏକ ମାମଲା ସାମ୍ନାକୁ ଆସିଛି। ଖରାପ ଗାଡ଼ି ପାଇଁ ମାର୍କେଟିଂ କରୁଥିବା ଅଭିଯୋଗରେ ବଲିଉଡ ଅଭିନେତା ଶାହାରୁଖ ଖାନ୍ ଏବଂ ଅଭିନେତ୍ରୀ ଦୀପିକା ପାଦୁକୋନଙ୍କ ବିରୋଧରେ ରାଜସ୍ଥାନ ଭରତପୁରରେ ଏତଲା ରୁଜୁ କରାଯାଇଛି। ଏହି ଏତଲାରେ ଉଭୟ ବ୍ରାଣ୍ଡ ଆମ୍ବାସାଡରଙ୍କ ସହିତ ହୁଣ୍ଡାଇ କମ୍ପାନୀର ଏମ୍‌ଡି ଅନସୋକିମ, ହୋଲ୍ ଟାଇମ ଡାଇରେକ୍ଟର ଆଣ୍ଡ ଚିଫ୍ ଅପରେଟିଂ ଅଫିସର ତରୁଣ ଗର୍ଗ ଏବଂ ଶୋ'ରୁମ ମାଲିକଙ୍କ ନାମ ରହିଛି। ଭରତପୁରର ଓକିଲ କୀର୍ତ୍ତି ସିଂହଙ୍କ ଆବେଦନ ଉପରେ ଶୁଣାଣି କରି କୋର୍ଟ ଏତଲା ନିର୍ଦ୍ଦେଶ ରୁଜୁ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସହରର ମଥୁରା ଗେଟ୍ ଥାନା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଦେଇଛି। ଏତଲାରେ କୀର୍ତ୍ତି ସିଂହ କହିଛନ୍ତି ଯେ ସେ ୨୦୨୨ ଜୁନ୍‌ରେ ୨୩ ଲକ୍ଷ ୯୭ହଜାର ୩୫୩ ଟଙ୍କା ଦେଇ ହରିୟାଣା ସୋନିପତ ସ୍ଥିତ ମାଲୱା ଅଟୋ ସେଲ୍ସ ପ୍ରାଇଭେଟ୍ ଲିମିଟେଡ୍ କୁଣ୍ଡଳି କିଣିଥିଲେ। ତେବେ ରାସ୍ତାରେ ଅନ୍ୟ ଗାଡ଼ିକୁ ଅତିକ୍ରମ କରିବା ସମୟରେ କାର୍ ପିକ୍-ଅପ ନେଉନାହିଁ। କେବଳ ଆର୍‌ପିଏମ ବଢୁଛି। କାରର ଓଡୋମିଟରରେ ମାଲ୍ ଫଙ୍କସନ ଲେଖାଯାଇଥିବା ଚିହ୍ନ ଦେଖାଯାଉଛି। ୬-୭ ମାସ ଚଳାଇବା ପରେ କାର୍‌ରେ ଯାନ୍ତ୍ରିକ ତ୍ରୁଟି ଦେଖା ଯାଇଥିଲା। ଅଧିକ ବେଗରେ ଗଲେ ଶବ୍ଦ ହୋଇ ଗାଡ଼ି ଥରୁ ଥିଲା। ଇଞ୍ଜିନ ଖରାପ ହେବା ସଙ୍କେତ ଦେଉଥିଲା। ଏଥିଯୋଗୁଁ ଅନେକ ଦୁର୍ଘଟଣାରୁ ସେ ଅଳ୍ପକେ ବର୍ତ୍ତି ଯାଇଥିଲେ। କମ୍ପାନୀକୁ ଜଣାଇବାରୁ ଏହା ଉତ୍ପାଦନ ଜନିତ ତ୍ରୁଟି, ତେଣୁ ଠିକ୍ କରିହେବନି ବୋଲି କୁହାଯାଇଥିଲା। ଏଭଳି ହେଲେ ଘଣ୍ଟାଏ ପର୍ଯ୍ୟନ୍ତ କମ୍ ବେଗରେ ଗାଡ଼ି ଚଲାଇବାକୁ ପରାମର୍ଶ ଦିଆଯାଇଥିଲା। କଳାକାର ଏଭଳି ଗାଡ଼ିର ବିଜ୍ଞାପନ କରିବା ଅନୁଚିତ। କାରଣ ସେମାନଙ୍କୁ ଦେଖି ହିଁ ଲୋକେ ଗାଡ଼ି କିଣୁଛନ୍ତି।

### ଯୌତୁକ ପାଇଁ ଜିଅନ୍ତା ପୋଡ଼ି ହତ୍ୟା ମାମଲା

# ସିସିଟିଭି ଫୁଟେଜ୍ କହୁଛି ଭିନ୍ନ କାହାଣୀ

ନୋଏଡ଼ା, ୨୬।୮ (ଏଜେନ୍ସି): ଗ୍ରେଟର ନୋଏଡ଼ାର ନିକି ଭାଟି ହତ୍ୟା ମାମଲା ସାରା ଦେଶକୁ ସ୍ତବ୍ଧ କରିଦେଇଛି। ଯୌତୁକ ପାଇଁ ସ୍ୱାମୀ ଏବଂ ଶଶୁର ଘର ଲୋକେ ତାଙ୍କୁ ହତ୍ୟା କଲେ ବୋଲି ଅଭିଯୋଗ ହୋଇଛି। ଏପରି ସମୟରେ ନିକିର ମୃତ୍ୟୁକୁ ନେଇ ଭିନ୍ନ ଭିନ୍ନ ଦାବି ସଂଶୟ ବଢ଼ାଇ ଦେଇଛି। ଗତ ୨୧ ତାରିଖରେ ନିକିଙ୍କୁ ତାଙ୍କ ସ୍ୱାମୀ ଏବଂ ଶଶୁର ଘର ଲୋକେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। କିନ୍ତୁ ତାଙ୍କ ପଡ଼ିଶା ଘର ଲୋକଙ୍କ ଅନୁଯାୟୀ ନିକି ଏବଂ ତାଙ୍କ ଭଉଣୀ କାଞ୍ଚନ ସବୁବେଳେ ଇନ୍‌ଷ୍ଟାଗ୍ରାମରେ ବ୍ୟସ୍ତ ରହୁଥିଲେ। ଦୁଇ ଭଉଣୀ ମିଶି ରିଲ୍ସ କରୁଥିଲେ। ଏହାକୁ ନେଇ ପରିବାରରେ ଅସନ୍ତୋଷ ସୃଷ୍ଟି ହୋଇଥିଲା। ନିକିଙ୍କ ସ୍ୱାମୀ ବିପିନ ତାଙ୍କୁ ଏପରି ନ କରିବାକୁ କହିଥିଲେ। କିନ୍ତୁ ସେ ନ ମାନିବାରୁ ଉଭୟଙ୍କ ସମ୍ପର୍କରେ ତିକ୍ତତା ସୃଷ୍ଟି ହୋଇଥିଲା।

ଏହା ମଧ୍ୟରେ ନିକିଙ୍କ ଭଉଣୀ କାଞ୍ଚନଙ୍କ ଦାବିକୁ ନେଇ ମଧ୍ୟ ପ୍ରଶ୍ନ ଉଠୁଛି। ସେ ବିପିନଙ୍କ ସାନ ଭାଇର ରୋହିତକୁ ବିବାହ କରିଥିଲେ। ଭଉଣୀ ମୃତ୍ୟୁ ଖବର ପାଇଁ ସେ ଚେତା ହରାଇ ଥିବା କହିଥିଲେ। ଏହି ସମୟରେ ଶଶୁର ଘର ଲୋକେ ଫେରାର ହୋଇ ଯାଇଥିବା କାଞ୍ଚନ ଦାବି କରିଥିଲେ। କିନ୍ତୁ ଗ୍ରେଟର ନୋଏଡାରେ ନିକିଙ୍କ ଅନ୍ତିମ ସଂସ୍କାର ସମୟରେ ଶଶୁର ଘର ଲୋକେ ଛିଡ଼ା ହୋଇଥିବା ଦେଖାଯାଉଛି। ଏହାର କିଛି ଘଣ୍ଟା ପରେ ନିକିଙ୍କ ପରିବାର ତାଙ୍କ ସ୍ୱାମୀ ବିପିନ, କାଞ୍ଚନଙ୍କ ସ୍ୱାମୀ ରୋହିତ, ତାଙ୍କ ଶ୍ୱଶୁର ଏବଂ ଶାଶୁଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରାଯାଇଥିଲା। ସେହିପରି ଗତ ସପ୍ତାହରେ ଏକ ଭିଡିଓ ସାମ୍ନାକୁ ଆସିଥିଲା। ଏଥିରେ ବିପିନ ଏବଂ ଅନ୍ୟ ଜଣେ ମହିଳା ନିକିଙ୍କ ଚୁଟି ଧରି ଟାଣି ନେଉଥିବା ଦେଖାଯାଇଥିଲା। ବିପିନ ସାର୍ଟ ପିନ୍ଧି ନ ଥିବାବେଳେ ତାଙ୍କ ପେଟ ଏବଂ ପିଠିରେ ରକ୍ତ ଲାଗିଥିଲା। ଅନ୍ୟ କ୍ଲିପ୍‌ଗୁଡ଼ିକରେ ନିକି ନିଆଁରେ ଜଳୁଥିବା ସମୟରେ ସିଡ଼ି ଦେଇ ତଳକୁ ଖସୁଥିବା ଏବଂ ପରେ ତଳେ ବସିଥିବାର ଦେଖାଯାଉଥିଲା। ଗତ ସୋମବାର ସାମ୍ନାକୁ ଆସିଥିବା ଆଉ ଏକ ଭିଡିଓରେ ନିକିଙ୍କୁ ଆକ୍ରମଣ ସମୟରେ ମୁଖ୍ୟ ଅଭିଯୁକ୍ତ ବିପିନ ଏକ ତେଜରାତି ଦୋକାନ ବାହାରେ ଛିଡ଼ା ହୋଇଥିବା ଦେଖାଯାଉଛି। ଏହା ତାଙ୍କ ଘରର ବିପରୀତ ଦିଗରେ ରହିଛି। ସନ୍ଧ୍ୟା ୫ଟା ୪୨ରେ ବିପିନ ଛିଡ଼ା ହୋଇଥିବାବେଳେ ଅନ୍ୟ ଜଣେ ବ୍ୟକ୍ତି ତାଙ୍କ ସହ ସାମିଲ ହେଉଛନ୍ତି। ପରେ ୫ଟା ୪୭ରେ ଆଉ କିଛି ବ୍ୟକ୍ତି ଆସି ତାଙ୍କ ସହ ଚର୍ଚ୍ଚା କରୁଛନ୍ତି। ଏହି ସମୟରେ ଚେକ୍ ସାର୍ଟ ପିନ୍ଧି ଥିବା ବ୍ୟକ୍ତି ଘରକୁ ଦୌଡୁଛି। ଭିଡ଼ ବଢ଼ିବା ପରେ ଜଣେ ବ୍ୟକ୍ତି କାର୍‌ରେ ବସି ପଳାଉଛି। ବିପିନଙ୍କ ଜଣେ ସମ୍ପର୍କୀୟ ଦାବି କରିଛନ୍ତି ଯେ ସିଲିଣ୍ଡର ବିସ୍ଫୋରଣରୁ ନିକି ଦେହରେ ନିଆଁ ଲାଗିଥିଲା। ତା ପରେ ବିପିନ ଚିତ୍କାର କରି ନିକିଙ୍କୁ ହସ୍ପିଟାଲକୁ ନେଇଥିଲେ। ଏହି ଭିଡିଓ ପୁଣିଥରେ ମାମଲାର ଯାଞ୍ଚ ପାଇଁ ପୁଲିସକୁ ଖୋରାକ ଯୋଗାଉଛି।

## ଟ୍ରମ୍ପଙ୍କ ଫୋନ୍ ଉଠାଉ ନାହାନ୍ତି ମୋଦୀ!

ନୂଆଦିଲ୍ଲୀ, ୨୬।୮ (ଏଜେନ୍ସି): ଚଢ଼ା ଶୁଳ୍କକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ମଧ୍ୟରେ ତିକ୍ତତା ବୃଦ୍ଧି ପାଇଛି। ଏହାକୁ ନେଇ ଆଲୋଚନା କରିବାକୁ ଟ୍ରମ୍ପ ମୋଦୀଙ୍କୁ ଚାରି ଥର ଫୋନ୍ କଲେଣି। ତେବେ ମୋଦୀ କୌଣସି ଥର ତାଙ୍କ ତାଙ୍କ ଫୋନ୍‌ର ଉତ୍ତର ଦେଇ ନ ଥିଲେ। ଜର୍ମାନୀ ଖବରକାଗଜ ଏଫଏଜେଡ୍ ଏହି ଦାବି କରିଛି। ତେବେ ଟ୍ରମ୍ପ କେଉଁ ଦିନ ଫୋନ୍ କରିଥିଲେ ତାହାର କୌଣସି ସୂଚନା ଦିଆଯାଇ ନାହିଁ। ରିପୋର୍ଟ ଅନୁଯାୟୀ ଟ୍ରମ୍ପଙ୍କ ଆକ୍ରମକ ବାଣିଜ୍ୟ ନୀତି ଏବଂ ଭାରତକୁ 'ମୃତ ଅର୍ଥନୀତି' କହିବାକୁ ନେଇ ମୋଦୀ କ୍ଷୁବ୍ଧ ହୋଇଛନ୍ତି। ପୂର୍ବରୁ ଦୁଇ ନେତାଙ୍କ ମଧ୍ୟରେ ଭଲ ସମ୍ପର୍କ ଥିଲା। କିନ୍ତୁ ଏବେ ଆମେରିକା ସହ ବାଣିଜ୍ୟ ଚୁକ୍ତି ନେଇ ଆଲୋଚନାକୁ ମଧ୍ୟ ଭାରତ ରଦ୍ଦ କରିଦେଇଛି। ଆମେରିକ ପ୍ରତିନିଧିମଣ୍ଡଳକୁ ନୂଆଦିଲ୍ଲୀ ଆସିବାକୁ ଦିଆଯାଇ ନାହିଁ। ଟ୍ରମ୍ପ ଭାରତ ଉପରେ ମୋଟ ୫୦ ପ୍ରତିଶତ ଶୁଳ୍କ ଲଗାଇଛନ୍ତି। ଏଥିରୁ ୨୫ ପ୍ରତିଶତ ପୂର୍ବରୁ କାର୍ଯ୍ୟକାରୀ ହୋଇଥିବାବେଳେ ଆଉ ୨୫ ପ୍ରତିଶତ ବୁଧବାରଠାରୁ ଲାଗୁ ହେବ। ରୁଷ୍‌ଠାରୁ ତୈଳ କିଣିବାକୁ ନେଇ ଟ୍ରମ୍ପ ଭାରତ ଉପରେ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ଲଗାଇଛନ୍ତି। ବିଶେଷଜ୍ଞଙ୍କ ମତାମତ ଆଧାରରେ ଖବରକାଗଜ ପକ୍ଷରୁ କୁହାଯାଇଛି ଯେ ଟ୍ରମ୍ପ ପ୍ରଥମେ ବାଣିଜ୍ୟ କ୍ଷତିକୁ ନେଇ ଏକ ଦେଶକୁ ଆକ୍ରମଣ କରନ୍ତି। ଏହା ପରେ ଉଚ୍ଚ ଶୁଳ୍କ ଧମକ ଦିଅନ୍ତି। ଏହାରି ଭୟରେ ଆଲୋଚନା ଆରମ୍ଭ ହୁଏ ଏବଂ ଶେଷରେ ସେ ଉଚ୍ଚ ଶୁଳ୍କ ଲାଗୁ କରି ଏବଂ କିଛି ରିହାତି ଦେଇ ନିଜକୁ ବିଜେତା ବୋଲି କୁହନ୍ତି। ଅନେକ ଦେଶ ସହିତ ଏଭଳି ଘଟିଛି। ଆମେରିକୀୟ ବଜାର ଉପରେ ନିଜ ସ୍ଥିତି କେତେ ମଜବୁତ ତାହା ଟ୍ରମ୍ପ ଦେଖାଇଦେବାକୁ ଚାହୁଁଛନ୍ତି, କିନ୍ତୁ ଏଥର ମୋଦୀ ମୁଣ୍ଡ ନୁଆଁଇବାକୁ ମନା କରିଦେଇଛନ୍ତି।

# ଶତ୍ରୁକୁ ଚକ୍‌ମା ଦେବେ ଉଦୟଗିରି, ହିମଗିରି



### ଖଞ୍ଜାଯାଇଛି ବାରାକ-୮, ବ୍ରହ୍ମୋସ କ୍ଷେପଣାସ୍ତ୍ର

### ଆଇଏନଏସରେ ସାମିଲ ହେଲେ ନୌସେନାର ଦୁଇ ଯୁଦ୍ଧ ଜାହାଜ

ମୁମ୍ବଇ, ୨୬।୮ (ଏଜେନ୍ସି):

ଭାରତୀୟ ନୌସେନା ଇତିହାସ ସୃଷ୍ଟି କରିଛି। ପ୍ରଥମ ଥର ଦୁଇଟି ଭିନ୍ନ ଭିନ୍ନ ସିପୟାର୍ଡରେ ନିର୍ମିତ ଦୁଇଟି ଷ୍ଟିଲ୍‌ଥ ଯୁଦ୍ଧ ଜାହାଜ ଆଇଏନଏସ ଉଦୟଗିରି ଏବଂ ଆଇଏନଏସ ହିମଗିରି ଦିନକେ ନୌସେନାରେ ସାମିଲ ହୋଇଛି। ବିଶାଖାପାଟଣା ନୌସେନା ବେସ୍‌ରେ ମଙ୍ଗଳବାର ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏହାକୁ ନୌସନାକୁ ସମର୍ପିଛନ୍ତି। ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏହି ଦୁଇଟି ଯୁଦ୍ଧ ଜାହାଜ ନୌସେନାର କ୍ଷମତାକୁ ଅଧିକ ବୃଦ୍ଧି କରିଛି। ଉଭୟ ଯୁଦ୍ଧଜାହାଜ ପ୍ରକଳ୍ପ-୧୭ଏର ଅଂଶବିଶେଷ। ଏହି ଅବସରରେ ରାଜନାଥ ଆମେରିକାର ଏଫ-୩୫ ବିମାନକୁ ଉପହାସ କରିଥିଲେ। ନୌସେନା ମୁଖ୍ୟ ଆଡମିରାଲ ଦିନେଶ କୁମାର ତ୍ରିପାଠୀ ଏହି କାର୍ଯ୍ୟକ୍ରମକୁ ସମ୍ବୋଧନ କରି ପାକିସ୍ତାନକୁ ଚେତାବନୀ ଦେଇଛନ୍ତି। ସେ କହିଛନ୍ତି ଯେ ଯଦି ଆବଶ୍ୟକ ପଡ଼େ ଭାରତୀୟ ନୌସେନା ଆଗ ପାକିସ୍ତାନରେ ଆକ୍ରମଣ କରିବ। ଅପରେସନ ସିନ୍ଦୂର ଆଗକୁ ମଧ୍ୟ ଜାରି ରହିବ। ଅନିଶ୍ଚିତତା ଏବଂ ପ୍ରତିଯୋଗିତାର ଏହି ଯୁଗରେ ସମୁଦ୍ରରେ ଶକ୍ତି ପ୍ରଦର୍ଶନ କରି ଭାରତୀୟ ନୌସେନା ଶତ୍ରୁମାନଙ୍କୁ ଦୃଢ଼ ଜବାବ ଦେବ। ଅପରେସନ ସିନ୍ଦୂର ସମୟରେ ଏହି କ୍ଷମତାକୁ ଭଲ ଭାବରେ ପ୍ରଦର୍ଶନ କରାଯାଇଥିଲା।

ପ୍ରତିରକ୍ଷା ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି ଯେ ଏଗୁଡ଼ିକୁ ସ୍ୱତନ୍ତ୍ର ଭାବେ ଡିଜାଇନ୍ କରାଯାଇଛି। ଶତ୍ରୁର ରାଡାର, ଇନଫ୍ରାରେଡ୍ ଏବଂ ଶବ୍ଦ ସେନ୍‌ସର ଏହି ଯୁଦ୍ଧ ଜାହାଜକୁ ଧରିପାରିବ ନାହିଁ। ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଏହି ଯୁଦ୍ଧଜାହାଜକୁ ନିୟୋଜିତ କରାଯିବ। ଉକ୍ତ ଅଞ୍ଚଳରେ ବାୟୁସେନାର ପର୍ଯ୍ୟବେକ୍ଷଣ କ୍ଷମତା ବୃଦ୍ଧି ପାଇବ। ଉଭୟ ଯୁଦ୍ଧଜାହାଜରେ ବ୍ରହ୍ମୋସ୍ ସୁପରସୋନିକ୍ କ୍ଷେପଣାସ୍ତ୍ର ଏବଂ ଭାରତ-ଇସ୍ରାଏଲ ଦ୍ୱାରା ନିର୍ମିତ ବାରାକ-୮ ଦୀର୍ଘ ଦୁରଗାମୀ ବାୟୁ କ୍ଷେପଣାସ୍ତ୍ର ପ୍ରଣାଳୀ (ଏଲଆରଏସଏଏମ) ଖଞ୍ଜା ଯାଇଛି। ଏଥିରେ ସମୁଦ୍ର ଯୁଦ୍ଧରେ ୭୬ ଏମଏମର ନୌସେନା ବନ୍ଧୁକ ଏବଂ ପାଣି ତଳେ ଚାଲୁଥିବା ଟର୍ପିଡୋ ବିସ୍ଫୋରକ ଅସ୍ତ୍ର ମଧ୍ୟ ଲାଗିଛି।

କୋଲକାତାର ଗାର୍ଡେନ୍ ରିଚ୍ ସିପିବିଲ୍ଡର୍ସ ଆଣ୍ଡ ଇଞ୍ଜିନିୟର୍ସ (ଜିଆରଏସଇ) ଆଇଏନଏସ ହିମଗିରୀକୁ ନିର୍ମାଣ କରିଛି। ପୁରୁଣା ଆଇଏନଏସ ହିମଗିରିର ନାମରେ ଏହାକୁ ନାମିତ କରାଯାଇଛି। ସେହିପରି ମୁମ୍ବଇର ମଝଗାଁଓ ଡକ୍ ସିପ୍‌ବିଲ୍ଡର୍ସ ଲିମିଟେଡ୍ ଆଇଏନଏସ ଉଦୟଗିରୀକୁ ନିର୍ମାଣ କରିଛି। ଆନ୍ଧ୍ରପ୍ରଦେଶର ଉଦୟଗିରି ପର୍ବତମାଳା ନାମରେ ଏହାର ନାମ ରଖାଯାଇଛି। ମାତ୍ର ୩୭ ମାସରେ ଏହାର ନିର୍ମାଣ କରାଯାଇଛି। ଆଇଏନଏସ ହିମଗିରିର ଓଜନ ୬,୬୭୦ ଟନ୍ ଏବଂ ଲମ୍ବ ୧୪୯ ମିଟର। ଏହା ଦୀର୍ଘ ଦିନ ପର୍ଯ୍ୟନ୍ତ ଅଭିଯାନରେ ଭାଗ ନେଇପାରିବ। ଏଥିରେ କ୍ଲୋଜ-ଇନ ୱିପନ ସିଷ୍ଟମ, ଟର୍‌ପିଡୋ ଟ୍ୟୁବ୍ସ, ଆଣ୍ଟି-ସବମେରାଇନ ରକେଟ୍ ଲଞ୍ଚର, ଆଡଭାନ୍ସ ଇଲେକ୍‌ଟ୍ରୋନିକ ୱାରଫେୟାର ସିଷ୍ଟମ ରହିଛି।

## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଯାତ୍ରା ଯୋଗ ଅଛି। ଜୀବନସାଥୀଙ୍କ ସହ ସୁଖମୟ ସମୟ ଅତିବାହିତ କରିବେ। ନିବେଶରୁ ଦୂରେଇ ରୁହନ୍ତୁ। କୌଣସି ଶୁଭ ଖବର ମିଳିବ। ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ମିଥୁନ:** ଯାନବାହନ କିଣିବେ। ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଆସିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ସିଂହ:** ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ଚାକିରିରେ ବନ୍ଧୁଙ୍କ ସହାୟତା ମିଳିବ। ଅଫିସ୍‌ରେ ସହକର୍ମୀଙ୍କ ସହ ମତାନ୍ତର ଦେଖା ଦେବ। ନୂଆ କାର୍ଯ୍ୟ ଆରମ୍ଭ କରିବାର ଉତ୍ତମ ସମୟ। ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଉତ୍ତମ ବୁଝମଣା ରହିବ।

## ଆଜିର ଇତିହାସ

- ୧୮୭୦ : ଭାରତର ପ୍ରଥମ ଶ୍ରମିକ ସଂଗଠନ ଭାବେ ଶ୍ରମଜୀବୀ ସଂଘର ସ୍ଥାପନା।
- ୧୯୫୦ : ଟେଲିଭିଜନ ଇତିହାସରେ ପ୍ରଥମଥର ପାଇଁ ବିବିସି ସିଧା ପ୍ରସାରଣ କଲା।
- ୧୯୯୦ : ୱାଶିଂଟନସ୍ଥିତ ଇରାକୀ ଦୂତାବାସର ୩୬ କର୍ମଚାରୀଙ୍କୁ ଆମେରିକା ବାହାର କରଥିଲା।
- ୨୦୦୩ : ୬୦ ହଜାର ବର୍ଷ ପରେ ମଙ୍ଗଳ ଗ୍ରହ ପୃଥିବୀର ସବୁଠୁ ନିକଟତର ହୋଇଥିଲା।



# ଗଣଦେବତା ଶ୍ରୀଗଣେଶ

ଭାରତୀୟ ସଂସ୍କୃତିରେ ବିଘ୍ନରାଜ ବିନାୟକ ସର୍ବ ପୂଜ୍ୟ ଗଣ ଦେବତାର ଆସନ ଅଳଙ୍କୃତ କରି ଶ୍ରୀଗଣେଶ ନାମରେ ଖ୍ୟାତ ହୋଇଛନ୍ତି। ଭାରତୀୟ ଧର୍ମ ଧାରାରେ ବୈଦିକ କାଳରୁ ଶ୍ରୀଗଣପତିଙ୍କ ଉପାସନାର ଉନ୍ମେଷ ଘଟିଥିବା ଜଣାଯାଏ। ବୈଦିକ ମନ୍ତ୍ରରେ ଗଣପତିଙ୍କୁ ସର୍ବ ସିଦ୍ଧିଦାତା, ସର୍ବ ମଙ୍ଗଳମୟ ରୂପେ ଅଭିହିତ କରାଯାଇଛି। ସେ ବୈଦିକ ଦେବତା ଅଗ୍ରପୂଜ୍ୟ ବିଘ୍ନ ବିନାଶକାରୀ ବିନାୟକ। ସେ ବକ୍ରତୁଣ୍ଡ ଓ ସର୍ବ କାର୍ଯ୍ୟ ସିଦ୍ଧିଦାତା ଗଣେଶ ଭାବରେ ଆରାଧିତ ହୋଇ ଆସୁଛନ୍ତି। ଆଦି ଦେବତା ଭାବେ ପ୍ରତ୍ୟେକ ଶୁଭ କାର୍ଯ୍ୟ, ପୂଜା, ଲେଖାପଢ଼ା ଓ ଧାର୍ମିକ କ୍ରିୟା ଆରମ୍ଭରେ ତାଙ୍କର ଆବାହନ କରାଯାଏ। ଗଜାନନଙ୍କୁ ପଞ୍ଚଦେବତାମାନଙ୍କ ମଧ୍ୟରୁ ଜଣେ ବୋଲି କୁହାଯାଏ। ହିନ୍ଦୁ ଧର୍ମରେ ବିବାହ ହେଉ କି ବ୍ରତ ଘର କି ଘର ପ୍ରତିଷ୍ଠା ସର୍ବପ୍ରଥମେ ଶ୍ରୀଗଣେଶଙ୍କୁ ପୂଜା କରାଯିବା ବିଧି ରହିଛି। ଭାଦ୍ରବ ଶୁକ୍ଳପକ୍ଷ ଚତୁର୍ଥୀ ତିଥିରେ ପାଳନ କରାଯାଏ ବିଦ୍ୟାର ଦେବତା ଆଦିଦେବ, ଅଗ୍ରପୂଜ୍ୟ ପ୍ରଭୁ ଶ୍ରୀଗଣେଶଙ୍କ ପୂଜା। ଗଣେଶ ପୂଜା ସର୍ବଭାରତୀୟ ପୂଜା ଭାବରେ ପ୍ରସିଦ୍ଧି ଲାଭ କରି ଆସିଛି। ଶ୍ରୀଗଣେଶ ବିଦ୍ୟାଦାତା ଓ ସିଦ୍ଧି ଦାତା ଭାବେ ବିଦ୍ୟାର୍ଥୀମାନଙ୍କ ଦ୍ୱାରା ପୂଜିତ ହୋଇଥାନ୍ତି। ଖାସ୍ ସେଥିପାଇଁ ଶିକ୍ଷାନୁଷ୍ଠାନମାନଙ୍କରେ ଶ୍ରୀଗଣେଶଙ୍କ ପୂଜାର୍ଚ୍ଚନା ମହାଆଡ଼ମ୍ବରରେ ପାଳନ କରାଯାଏ। ସମସ୍ତ ପ୍ରକାର ଫଳ, ଚୁଡା ଘଷା, ବେସନ ସେଉ, ବୁନ୍ଦି ଗଣେଶଙ୍କୁ ଭୋଗ ରୂପେ ଅର୍ପଣ କରାଗଲେ ବି ମୋଦକ ଓ ରାଶିଲଡ୍ଡୁ ତାଙ୍କର ପ୍ରିୟ ଭୋଗ। ମହାରାଷ୍ଟ୍ରରେ ଏହା ଏକ ଗଣପର୍ବ ହୋଇଥିବାବେଳେ ଓଡିଶାର ଖୋର୍ଦ୍ଧା ଜିଲ୍ଲା ଜଟଣୀରେ ଗଣେଶ ପୂଜା ପ୍ରସିଦ୍ଧ। ଶିବ ପୁରାଣ ଅନୁଯାୟୀ, ଦେବୀ ପାର୍ବତୀ ନିଜଦେହରୁ ନିର୍ଗତ ମଇଳାରୁ ଏକ ମୂର୍ତ୍ତି ଗଠନ କଲେ ଏବଂ ତାଙ୍କୁ ଜୀବଦାନ ଦେଲେ। ପାର୍ବତୀ ତାଙ୍କୁ ଦ୍ୱାର ଜଗାଇ ଭିତରକୁ କାହାକୁ ପ୍ରବେଶ ନ କରେଇବା ପାଇଁ ଆଦେଶ ଦେଇ ସ୍ନାନ କରିବାକୁ ଗଲେ। ଠିକ୍ ସେହି ସମୟରେ ମହାଦେବ ସେଠାକୁ ଆସି ଭିତରକୁ ପ୍ରବେଶ କରିବାରୁ ବାଳକ ଗଣେଶ ନିଜ ପିତାଙ୍କୁ ଚିହ୍ନି ନ ପାରି ବାଟ ଛାଡ଼ିଲେ ନାହିଁ। ମହାଦେବ ବୁଝାଇବାକୁ ଚେଷ୍ଟା କରି ବିଫଳ ହେବା ପରେ କ୍ରୋଧ ଜର୍ଜରିତ ହୋଇ ଗଣେଶଙ୍କ ଶିରଚ୍ଛେଦନ କଲେ। ପରେ ପାର୍ବତୀଙ୍କ ନିକଟରୁ ଶ୍ରୀଗଣେଶଙ୍କ ପରିଚୟ ପାଇ ଫେରି ଆସି ଦେଖିଲା ବେଳକୁ ମୁଣ୍ଡହୀନ ଗଣ୍ଡିଟି ପଡ଼ିଛି। ଏହା ଦେଖି ମାତା ପାର୍ବତୀ ଅଧୀର ହୋଇ ପଡ଼ିଥିଲେ। ପାର୍ବତୀ ଉତ୍ତେଜିତ ହୋଇ ଉଗ୍ରରୂପ ଧାରଣ କରିଥିଲେ। ସୃଷ୍ଟିକୁ ଧ୍ୱଂସ କରି ଦେବାକୁ କହିଥିଲେ। ପାର୍ବତୀଙ୍କୁ ସୃଷ୍ଟି କର୍ତ୍ତା ବ୍ରହ୍ମା ବୁଝାଇବାକୁ ଚେଷ୍ଟା କରିଥିଲେ। ତାଙ୍କ ସମ୍ମୁଖରେ ପାର୍ବତୀ ଦୁଇଟି ସର୍ତ୍ତ ରଖିଥିଲେ। ପ୍ରଥମେ ଗଣେଶଙ୍କୁ ଜୀବ ଦାନ ଦିଆଯିବ ଅନ୍ୟଟି ସେ ଅଗ୍ରପୂଜ୍ୟ ହେବେ। ଏଥିରେ ବ୍ରହ୍ମା ରାଜି ହୋଇଥିଲେ। ଅପରପକ୍ଷରେ ଶିବ ଗଣେଶଙ୍କୁ ଜୀବଦାନ ଦେବା ପାଇଁ ତାଙ୍କ ଅନୁଚରଙ୍କୁ ପଠାଇ ଯେଉଁ ପ୍ରାଣୀକୁ ପ୍ରଥମେ ଦେଖିବ ଯିଏକି ଉତ୍ତର ଦିଗକୁ ମୁଣ୍ଡ ଦେଇ ଶୋଇଥିବ ତା'ର ଶିର ଛେଦନ କରି ନେଇ ଆସିବ ବୋଲି କହିଥିଲେ। ଶିବଦୂତ ଏକ ହାତୀ ମୁଣ୍ଡ ଆଣି ଆସିଥିଲେ। ବିଘ୍ନେଶଙ୍କ ମୁଣ୍ଡରେ ହାତୀ ମୁଣ୍ଡଟିକୁ ଲଗାଇ ତାଙ୍କୁ ଜୀବନ୍ୟାସ ପ୍ରଦାନ କରାଯାଇଥିଲା। ଏହାପରେ ସେ ଗଜାନନ ନାମରେ ନାମିତ ହୋଇଥିଲେ ଓ ଅଗ୍ରପୂଜ୍ୟ ଭାବେ ପୂଜା ପାଇଥିଲେ। ପୌରାଣିକ ମତେ, ଗଣେଶ ବ୍ୟାସୋକ୍ତ ମହାଭାରତର ଲେଖକ। ଭାଦ୍ରବ ମାସ ଶୁକ୍ଳ ପକ୍ଷ ଚତୁର୍ଥୀ ଦିନ ପିଲା ଖଡ଼ି ଧରିବା (ଅକ୍ଷର ଲେଖା ଶିଖିବା) ଆରମ୍ଭ କରନ୍ତି। ସମୂହ ଖଡ଼ି ଛୁଆଁ କାର୍ଯ୍ୟକ୍ରମ ବିଭିନ୍ନ ମନ୍ଦିର ଓ ପୂଜାମଣ୍ଡପମାନଙ୍କରେ ଆୟୋଜିତ ହୁଏ। ଭକ୍ତି ସହକାରେ ଶ୍ରୀଗଣେଶଙ୍କ ପୂଜାର୍ଚ୍ଚନା କଲେ ମାନବର ସମସ୍ତ ଆଶା ଆକାଂକ୍ଷା ପ୍ରଭୁଙ୍କ ଦ୍ୱାରା ପୂର୍ଣ୍ଣ ହୋଇଥାଏ ବୋଲି ଭାରତୀୟ ଜନମାନସରେ ବିଶ୍ୱାସ ରହିଛି।

# 'ସନି ସଂସ୍କାରୀ କୀ ତୁଲସୀ କୁମାରୀ'ର ସୁଟିଂ ଶେଷ



ବଲିଉଡ୍ ଅଭିନେତା ବରୁଣ ଧୱନ୍‌ଙ୍କ ଫିଲ୍ମ 'ସନି ସଂସ୍କାରୀ କୀ ତୁଲସୀ କୁମାରୀ'ର ସୁଟିଂ ଇତିମଧ୍ୟରେ ଶେଷ ହୋଇଛି। ବରୁଣ ନିଜେ ଏସମ୍ପର୍କରେ ଇନ୍‌ଷ୍ଟାଗ୍ରାମ୍‌ରେ ଏକ ପୋଷ୍ଟ ସେୟାର୍ କରି ସୂଚନା ଦେଇଛନ୍ତି। ବରୁଣ ଏହି ପୋଷ୍ଟରେ ଲେଖିଛନ୍ତି- 'ସନି ସଂସ୍କାରୀ କୀ ତୁଲସୀ କୁମାରୀ'ର ସୁଟିଂ ସରିଲା। ମୁଁ ପୁଣି ଥରେ ଶଶାଙ୍କ ଖୈତାନଙ୍କ ନିର୍ଦ୍ଦେଶନାରେ ଅକ୍ଟୋବର ୨ରେ ପରଦାକୁ ଫେରୁଛି।' ସେ ଏହା ସହ ଫିଲ୍ମର ଫଟୋ ମଧ୍ୟ ସେୟାର୍ କରିଛନ୍ତି। ତେବେ ଶଶାଙ୍କଙ୍କ ସହ ଏହା ବରୁଣଙ୍କ ତୃତୀୟ ଫିଲ୍ମ। ଏହାପୂର୍ବରୁ ଶଶାଙ୍କଙ୍କ ସହ ବରୁଣ 'ହମ୍‌ଟି ଶର୍ମା କି ଦୁଲହନିୟା' ଓ 'ବଦ୍ରୀନାଥ କି ଦୁଲହନିୟା'ରେ କାମ କରିଥିଲେ। ଏହି ଦୁଇଟି ଫିଲ୍ମରେ ବରୁଣଙ୍କ ବିପକ୍ଷରେ ଆଲିଆ ଭଟ୍ଟ ଦେଖାଯାଇଥିଲେ। 'ସନି ସଂସ୍କାରୀ କୀ ତୁଲସୀ କୁମାରୀ'ରେ କିନ୍ତୁ ବରୁଣଙ୍କ ବିପକ୍ଷରେ ଜାହ୍ନବୀ କପୁର ଦେଖାଯିବେ। ଫିଲ୍ମର ରିଲିଜ୍ ଡେଟ୍ ଏହାପୂର୍ବରୁ ଅନେକ ଥର ପରିବର୍ତ୍ତନ କରାଯାଇଛି। ଏବେ ଏହା ଅକ୍ଟୋବର ୨ରେ ରିଲିଜ୍ ହେବ ବୋଲି ଫାଇନାଲ ହୋଇଛି। ଏଥିରେ ବରୁଣ ଓ ଜାହ୍ନବୀଙ୍କ ସହ ଅକ୍ଷୟ ଓବରୟ, ସାନ୍ୟା ମଲହୋତ୍ରା, ମନୀଷ ପଲ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖାଯିବେ। ଏହାର ପ୍ରଯୋଜନା ଦାୟିତ୍ୱରେ ଧର୍ମା ପ୍ରଡକ୍ସନ୍ ରହିଛି।

# ଅପରାଧ ରୋକିବ ହୋଲୋଗ୍ରାଫିକ୍ ପୁଲିସ୍



ଦକ୍ଷିଣ କୋରିଆ ରାଜଧାନୀ ସିଓଲ ସହରର ସ୍ଥାନେ ସ୍ଥାନେ ଏବେ ହୋଲେଗ୍ରାଫିକ୍ ପୁଲିସ୍ ମୁତୟନ କରାଯାଇଛି। ଲୋକଙ୍କ ସୁରକ୍ଷାକୁ ଆଖି ଆଗରେ ରଖି ଏହି ହାଇଟେକ୍ ପୁଲିସ୍‌କୁ ନିୟୋଜିତ କରାଯାଇଛି। ତେବେ ସ୍ଥାନୀୟ ପୁଲିସ୍ ଏହାକୁ ନେଇ ବେଶ୍ ଆଶାୟୀ ଥିବାବେଳେ ସାଧାରଣ ଲୋକେ କିନ୍ତୁ ଏଥିରେ ଖୁସି ନାହାନ୍ତି। ପ୍ରତିଦିନ ସନ୍ଧ୍ୟା ୭ଟାରୁ ୧୦ଟା ମଧ୍ୟରେ ଜଙ୍ଗ-ଗୁ, ଜୁଡୋଙ୍ଗ ନଂ ୩ ପାର୍କରେ ୧୭୦ ସେଣ୍ଟିମିଟର ଉଚ୍ଚତା ବିଶିଷ୍ଟ ହୋଲୋଗ୍ରାଫିକ୍ ପୁଲିସ୍ କର୍ମୀଙ୍କୁ ଦେଖିବାକୁ ମିଳିଥାଏ। ପ୍ରୋଜେକ୍ଟର ମାଧ୍ୟମରେ ଏହି ଛାୟାକୃତି ପୁଲିସ୍ ଅଫିସର୍‌କୁ ଦେଖିବାକୁ ମିଳୁଛି। ସିସିଟିଭି ଅପରାଧୀମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖିଛି ଓ ଜରୁରିକାଳୀନ ସ୍ଥିତିରେ ପୁଲିସ୍ ତୁରନ୍ତ ଲୋକଙ୍କୁ ସାହାଯ୍ୟ କରିବ ବୋଲି ଏହି ହୋଲୋଗ୍ରାଫିକ୍ ପୁଲିସ୍ ଲୋକଙ୍କୁ ମନେ ପକାଇ ଦେଉଛି। ହୋଲୋଗ୍ରାମିକା ନାମକ କମ୍ପାନି ଏହାକୁ ତିଆରି କରିଛି। ଗତବର୍ଷ ଅକ୍ଟୋବର ମାସରେ ଏହାକୁ ପରୀକ୍ଷାମୂଳକ ଭାବେ ଲଗାଯାଇଥିଲା। ତେବେ ଜୁଡୋଙ୍ଗ ନଂ ୩ ପାର୍କରେ ଏହା ଲଗାଯିବା ପରେ ସେଠାରେ ଅପରାଧ ଘଟଣା କମ୍ ହୋଇଥିବା ଦେଖାଯାଇଛି। ଯଦିଓ ଏହାକୁ ନେଇ ସ୍ଥାନୀୟ ପୁଲିସ୍ ଖୁସି ଅଛି କିନ୍ତୁ ସାଧାରଣ ଲୋକେ ଏହାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଲୋକଙ୍କ କହିବା ଅନୁସାରେ, ଏଭଳି ପୁଲିସ୍‌କୁ ଦେଖି ଲୋକେ ଭୂତପ୍ରେତ ମନେକରି ଯାଉ ନାହାନ୍ତି।

## ଖେଳ

### ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ୍ ଟେନିସ


# କାର୍ଲୋସ୍ ଆଲକାରାଜଙ୍କ ବିଜୟ ଅଭିଯାନ

ନ୍ୟୁୟର୍କ,୨୬।୮ (ଏଜେନ୍ସି)

ପୁରୁଷ ଟେନିସ ଜଗତର ନୂଆ ସୁପରଷ୍ଟାର ସ୍ପେନ୍‌ର କାର୍ଲୋସ ଆଲକାରାଜ ନୂଆ ହେୟାରକଟ୍‌ରେ ୟୁଏସ୍ ଓପନର ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ବିଜୟୀ ହୋଇଛନ୍ତି। ଖେଳ ଅପେକ୍ଷା ଦର୍ଶକ ଓ ସମର୍ଥକ ମାନେ ତାଙ୍କ ହେୟାରକଟ୍‌କୁ ଅଧିକ ପ୍ରଶଂସା କରୁଥିବା ଦେଖାଯାଇଥିଲା। ସୋମବାର ଅନୁଷ୍ଠିତ ପ୍ରଥମ ରାଉଣ୍ଡ ମୁକାବିଲାରେ ସେ ଆମେରିକାର ରିଲି ଓପେଲକାଙ୍କୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଏହି ମ୍ୟାଚ୍ ଜିତିବାକୁ ତାଙ୍କୁ କିଛିଟା ସଂଘର୍ଷ କରିବାକୁ ପଡ଼ିଥିଲା। ସେ କିନ୍ତୁ୧୭ଟି ଅନ୍‌ଫୋର୍ସଡ ତ୍ରୁଟି କରି ୬-୪, ୭-୫, ୬-୪ ସିଧାସଳଖ ସେଟ୍‌ରେ ବିଜୟୀ ହୋଇଥିଲେ। ଦ୍ୱିତୀୟ ରାଉଣ୍ଡରେ ତାଙ୍କର ମୁକାବିଲା ହେବ ଇଟାଲୀର ୨୪ ବର୍ଷୀୟ ମାଟିଓ ବେଲୁଚିଙ୍କ ସହ। ବେଲୁଚି ପ୍ରଥମ ରାଉଣ୍ଡରେ ଚୀନ୍‌ର ଜାନଚେନ୍ ସାଙ୍ଗଙ୍କୁ ୭-୬, ୧-୬, ୬-୦, ୬-୩ ସେଟ୍‌ରେ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଥିଲେ। ଦ୍ୱିତୀୟ ଦିନ ମଧ୍ୟ ସିଡେଡ ଖେଳାଳିଙ୍କ ବିଜୟ ଅଭିଯାନ ଅବ୍ୟାହତ ରହିଛି। ଏମାନଙ୍କ ମଧ୍ୟରେ ୯ମ ସିଡ୍ କାରେନ ଖାଚାନୋଭ୍, ୧୧ଶ ସିଡ୍ ହୋଲଗର ର୍ୟୁନ୍, ୧୨ଶ ସିଡ୍ କାସ୍‌ପର ରୁଡ୍, ୧୫ଶ ସିଡ ଆନ୍ଦ୍ରେ ରୁବ୍‌ଲେଭ୍ ପ୍ରମୁଖ ବିଜୟୀ ହୋଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

■ **ହାରିଲେ ମାଡିସନ କିଜ୍**

ମହିଳା ଏକକରେ ପୂର୍ବତନ ଗ୍ରାଣ୍ଡସ୍ଲାମ୍ ଚାମ୍ପିଅନ ଆମେରିକାର ମାଡିସନ କିଜ୍ ପ୍ରଥମ ରାଉଣ୍ଡରେ ବିଦାୟ ନେଇଛନ୍ତି। ସୋମବାର ଖେଳାଯାଇଥିବା ମୁକାବିଲାରେ ସେ ମେକ୍ସିକୋର ରେନାଟା ଜାରୁଜୁଆଙ୍କଠାରୁ ୧-୨ ସେଟ୍‌ରେ ପରାଜିତ ହୋଇଥିଲେ। ସେହିପରି ଦ୍ୱାଦଶ ସିଡ୍ ଏଲିନା ଭିଟୋଲିନା ମଧ୍ୟ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ଏମାନଙ୍କ ବ୍ୟତୀତ ଅନ୍ୟ ସିଡେଡ ଖେଳାଳି ପ୍ରଥମ ରାଉଣ୍ଡରେ ବିଜୟୀ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୫ମ ସିଡ୍ ମୀରା ଆନ୍ଦ୍ରିଭା, ୯ମ ସିଡ ଏଲେନା ରିବାକିନା, ୧୧ଶ ସିଡ୍ କାରୋଲିନା ମୁଚୋଭା, ୧୫ତମ ସିଡ୍ ଡାରିଆ କାସତକିନା, ୧୯ତମ ସିଡ୍ ଏଲିସେ ମେର୍ଟେନ୍ସ ଓ୨୮ତମ ସିଡ୍ ମାଗଡାଲେନା ଫ୍ରେଚ୍ ପ୍ରମୁଖ ବିଜୟ ହାସଲ କରିଛନ୍ତି।



■ **୪୫ ବର୍ଷରେ ଖେଳିଲେ ଭେନସ**

୨୦୧୧ରେ ଗୁରୁତର ଅସୁସ୍ଥତା ପରେ ଭେନସ ୱିଲିୟମ୍ସଙ୍କ ପ୍ରତିଯୋଗିତାମୂଳକ ଟେନିସ ଖେଳିବା ଏକ ପ୍ରକାର ସ୍ୱପ୍ନ ହୋଇଯାଇଥିଲା। କିନ୍ତୁ ସେ ଗତ ଜୁଲାଇରେ ପ୍ରତିଯୋଗିତାମୂଳକ ଟେନିସ ଖେଳି ସମସ୍ତଙ୍କ ଅନୁମାନକୁ ଭୁଲ ପ୍ରମାଣିତ କରିଦେଇଥିଲେ। ଏହା ମଧ୍ୟରେ ଅସୁସ୍ଥତାକୁ ପଛରେ ପକାଇ ଭେନସ ପୁଣିଥରେ ଟେନିସ କୋର୍ଟକୁ ଫେରିଥିଲେ। ୭ଥରର ଗ୍ରାଣ୍ଡସ୍ଲାମ୍ ଚାମ୍ପିଅନ ଭେନସ ଫିଟ୍ ହେବା ପରେ ପ୍ରଥମଥର ଏପରି ଏକ ବଡ଼ ଟୁର୍ଣ୍ଣାମେଣ୍ଟରେ ଖେଳିଥିଲେ। ଅନ୍ୟତମ ଶ୍ରେଷ୍ଠ ଖେଳାଳି ତଥା ୧୧ଶ ସିଡ ଚେକ୍ ଗଣରାଜ୍ୟର କାରୋଲିନା ମୁଚୋଭାଙ୍କଠାରୁ ଲଢ଼େଇ କରି ହାରିଥିଲେ। ମୁଚୋଭା ଏହି ମ୍ୟାଚ୍‌କୁ ୬-୩, ୨-୬, ୬-୧ରେ ଜିତିଥିଲେ ମଧ୍ୟ ଭେନସଙ୍କ ନିକଟରେ ଏବେ ବି ଟପ୍ କ୍ଲାସ୍ ଟେନିସ ଖେଳିବାର ଶକ୍ତିଥିବା କଥା ପ୍ରମାଣିତ କରିଥିଲେ।

### ସହଜରେ ଜିତିଲେ ସ୍ୱିଆଟେକ, ମୁସେଟୀ

ମହିଳା ବିଭାଗରେ ଦ୍ୱିତୀୟ ସିଡ୍ ଇଗା ସ୍ୱିଆଟେକ ୟୁଏସ୍ ଓପନ ମହିଳା ଏକକ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ଖେଳାଯାଇଥିବା ପ୍ରଥମ ରାଉଣ୍ଡ ମୁକାବିଲାରେ ୬ଥରର ଗ୍ରାଣ୍ଡସ୍ଲାମ୍ ଚାମ୍ପିଅନ ସ୍ୱିଆଟେକ୍ ୬-୧, ୬-୨ ସିଧାସଳଖ ସେଟ୍‌ରେ କଲମ୍ବିଆର ଏମିଲିଆନୋ ଆରାଙ୍ଗୋଙ୍କୁ ପରାସ୍ତ କରିଥିଲେ। ପୋଲାଣ୍ଡର ଏହି ଚାମ୍ପିଅନ ଖେଳାଳି ଦ୍ୱିତୀୟ ରାଉଣ୍ଡରେ ନେଦରଲାଣ୍ଡସର ସୁଜାନା ଲାମେନ୍ସଙ୍କୁ ଭେଟିବେ। ମହିଳା ଏକକର ଅନ୍ୟ ମୁକାବିଲାରେ ବ୍ରାଜିଲର ବିଏଟ୍ରିଜ୍ ହାଦାଦ ମାୟା ଲଢ଼ୁଆ ଖେଳ ପ୍ରଦର୍ଶନ କରି ୬-୩, ୧-୬, ୬-୧ ସେଟ୍‌ରେ ବ୍ରିଟେନର ସୋନୟ କର୍ତାଲଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟ ଏକ ମ୍ୟାଚ୍‌ରେ ୨୭ ନମ୍ବର ସିଡ୍ ୟୁକ୍ରେନ୍‌ର ମାର୍ତ୍ତା କୋଷ୍ଟ୍ୟୁକ୍ ୬-୪, ୬-୪ ସିଧାସଳଖ ସେଟ୍‌ରେ ବ୍ରିଟେନର କାଟି ବୋଲଟରଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ମଙ୍ଗଳବାର ଖେଳାଯାଇଥିବା ପୁରୁଷ ଏକକ ମୁକାବିଲାରେ ଇଟାଲୀର ଯୁବ ଖେଳାଳି ତଥା ୧୦ମ ସିଡ୍ ୨୪ ବର୍ଷୀୟ ଲୋରେଞ୍ଜୋ ମୁସେଟୀ ୩-୧ (୬-୭, ୬-୩, ୬-୪, ୬-୪)ସେଟ୍‌ରେ ଫ୍ରାନ୍ସର ଗିଓଭାନି ପେଟଶୀ ପେରୀକାର୍ଡଙ୍କୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

## ଗୋଆରେ ଚେସ୍ ବିଶ୍ୱକପ୍

ନୂଆଦିଲ୍ଲୀ,୨୬।୮ (ଏଜେନ୍ସି): ଫିଡେ ବା ପୁରୁଷ ଚେସ୍ ବିଶ୍ୱକପ୍ ଭାରତର ଗୋଆରେ ଅକ୍ଟୋବର ୩୧ରୁ ନଭେମ୍ବର ୨୭ ଯାଏ ଅନୁଷ୍ଠିତ ହେବ। ନକ୍‌ଆଉଟ ଭିତ୍ତିରେ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତାରେ ସମଗ୍ର ବିଶ୍ୱରୁ ୨୦୬ ଜଣ ଖେଳାଳି ଅଂଶଗ୍ରହଣ କରିବେ। ଏଥିରେ ମୋଟ ୧୭.୫ କୋଟି ଟଙ୍କାର ପୁରସ୍କାର ପ୍ରଦାନ କରାଯିବାକୁ ଥିଲାବେଳେ ୩ଜଣ ଖେଳାଳି ୨୦୨୬ କ୍ୟାଣ୍ଡିଡେଟ୍ସ ଚେସ୍‌ରେ ଭାଗ ନେବାକୁ ଯୋଗ୍ୟତା ଅର୍ଜନ କରିବେ। ପ୍ରଥମ ୫୦ଜଣଙ୍କ ସ୍ଥାନରେ ଥିବା ଖେଳାଳିମାନେ ଦ୍ୱିତୀୟ ରାଉଣ୍ଡରୁ ଖେଳ ଆରମ୍ଭ କରିବେ। ପ୍ରତ୍ୟେକ ରାଉଣ୍ଡରେ ୨ଟି କ୍ଲାସିକ୍ ମ୍ୟାଚ୍ ଖେଳାଯିବ। ଆବଶ୍ୟକ ହେଲେ ରାପିଡ ଓ ବ୍ଲିଜ୍‌ରେ ଟାଇବ୍ରେକ୍ ମ୍ୟାଚ୍ ଅନୁଷ୍ଠିତ ହେବ। ଏବେ ଓପନ ବା ପୁରୁଷ କାଟାଗୋରୀରେ ଡି ଗୁକେଶ, ମହିଳା ବିଭାଗରେ ଦିବ୍ୟା ଦେଶମୁଖ ବିଶ୍ୱକପ୍, ଚେସ୍ ଅଲିମ୍ପିଆଡ଼ରେ ଉଭୟ ଦଳ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି।

## ତ୍ରିପୁରାରୁ ଖେଳିବେ ହନୁମା

ଅଗରତାଲା,୨୬।୮ (ଏଜେନ୍ସି): ଘରୋଇ କ୍ରିକେଟରେ ଆନ୍ଧ୍ରପ୍ରଦେଶ ପକ୍ଷରୁ ୪୪ଟି ଓ ହାଇଦ୍ରାବାଦ୍ ପକ୍ଷରୁ ୪୦ଟି ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳିଥିବା ବ୍ୟାଟର ହନୁମା ବିହାରୀ ଚଳିତ ସିଜନରେ ତ୍ରିପୁରା ପକ୍ଷରୁ ଖେଳିବାକୁ ଚୁକ୍ତିବଦ୍ଧ ହୋଇଛନ୍ତି। ଆଜି ଆନ୍ଧ୍ର ପକ୍ଷରୁ ତାଙ୍କୁ ଏନ୍‌ଓସି ଦେବା ପରେ ଏହା ସ୍ପଷ୍ଟ ହୋଇଛି। ଭାରତ ପକ୍ଷରୁ ୨୦୧୮ରୁ ୨୦୨୨ ମଧ୍ୟରେ ୧୬ଟି ଟେଷ୍ଟ ଖେଳିଥିବା ଏହି ଖେଳାଳି ନିକଟରେ ଆନ୍ଧ୍ର ପ୍ରିମିୟର ଲିଗ୍‌ରେ ଖେଳିଥିଲେ। ସେ ତ୍ରିପୁରା ଦଳର ନେତୃତ୍ୱ ନେବେ।

### ଜୟନ୍ତ ମହାପାତ୍ର ସ୍ମାରକୀ ଫୁଟବଲ

# କିସ୍-ବିକାଶ ସେମିଫାଇନାଲ ମୁକାବିଲା

ଭୁବନେଶ୍ୱର,୨୬।୮(ସମିସ): କିସ୍ ଓ ବିକାଶ ରେସିଡେନସିଆଲ ସ୍କୁଲ ମଧ୍ୟରେ ଏଠାରେ ଚାଲିଥିବା ଜୟନ୍ତ ମହାପାତ୍ର ସ୍ମାରକୀ ଭୁବନେଶ୍ୱର ଆନ୍ତଃସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ ମୁକାବିଲା ଅନୁଷ୍ଠିତ ହେବ। ସେହପରି ପ୍ରଥମ ସେମିରେ ଡିଏଭି ପୋଖରୀପୁଟ ସହ ଓଡିଏମ୍ ଗ୍ଲୋବାଲ ସ୍କୁଲର ମୁକାବିଲା ହେବ। ଉଭୟ ସେମିଫାଇନାଲ ଭୁବନେଶ୍ୱର ଫୁଟବଲ ଏକାଡେମୀ ପରିସରରେ ଅଗଷ୍ଟ ୨୮ ତାରିଖ ଗୁରୁବାର ଖେଳାଯିବ। ଆଜି ଅନୁଷ୍ଠିତ ଦୁଇଟିଯାକ କ୍ୱାର୍ଟର ଫାଇନାଲ ମୁକାବିଲା ଏକତରଫା ହୋଇଥିଲା। ଆଜିର ପ୍ରଥମ ତଥା ଟୁର୍ଣ୍ଣାମେଣ୍ଟର ତୃତୀୟ କ୍ୱାର୍ଟର ଫାଇନାଲ ମୁକାବିଲାରେ କିସ୍ ୧୧-୦ ଗୋଲରେ ବକ୍ସି ଜଗବନ୍ଧୁ ଇଂଲିଶ ମିଡିୟମ୍ ସ୍କୁଲ୍‌କୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଥିଲା। ବିଜୟୀ ଦଳ ପକ୍ଷରୁ ସୋନାରାମ ସୋରେନ୍ ଓ ଉପେନ୍ଦ୍ର ଅମାନତ୍ୟ ହ୍ୟାଟ୍ରିକ୍ ଗୋଲ ସ୍କୋର କରିଥିଲେ। ବଚନ ପୂର୍ତ୍ତି ମଧ୍ୟ ୨ଟି ଗୋଲ ସ୍କୋର କରିଥିଲେ। ସୋନାରାମଙ୍କୁ ଆଜିର ଅତିଥି ତଥା ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ସତ୍ୟଜିତ ମିଶ୍ର ପୁରସ୍କାର ପ୍ରଦାନ କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ ମଧ୍ୟ ଏକତରଫା ହୋଇଥିଲା। ଏଥିରେ ବିକାଶ ରେସିଡେନ୍ସିଆଲ ସ୍କୁଲ ୭-୦ ଗୋଲରେ ମଦର୍ସ ପବ୍ଲିକ୍ ସ୍କୁଲ୍‌କୁ ପରାସ୍ତ କରି ଶେଷ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ବିଜୟୀ ଦଳ ପକ୍ଷରୁ ଆର୍ଯ୍ୟନ ଲେନୀ ହ୍ୟାଟ୍ରିକ୍ ଗୋଲ ସ୍କୋର କରି ଅତିଥି ତଥା ପୂର୍ବତନ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ।



ଆର୍ଯ୍ୟନ ଲେନୀ



ସୋନାରାମ ସୋରେନ୍

### ଏସିଆନ ସୁଟିଂ ଚାମ୍ପିଅନସିପ୍

# ଡବଲ ସ୍ୱର୍ଣ୍ଣ ଜିତିଲେ ସିଫ୍ଟ କୌର

ନୂଆଦିଲ୍ଲୀ,୨୬।୮ (ଏଜେନ୍ସି)

ଭାରତର ଆଉ ଜଣେ ସୁଟର ସିଫ୍‌ଟ କୌର ସାମ୍‌ରା କାଜାଖସ୍ଥାନରେ ଚାଲିଥିବା ଏସିଆନ୍ ସୁଟିଂ ଚାମ୍ପିଅନସିପ୍‌ରେ ଡବଲ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ମଙ୍ଗଳବାର ଅନୁଷ୍ଠିତ ମହିଳା ୫୦ ମିଟର ରାଇଫଲ ୩ ପୋଜିସନରେ ସେ ଉଭୟ ବ୍ୟକ୍ତିଗତ ଓ ଦଳଗତ ବିଭାଗରେ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ଗତକାଲି ନୀରୁ ଧାଣ୍ଡା ମହିଳା ଟ୍ରାପ୍ ଇଭେଣ୍ଟରେ ଡବଲ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଆଜି ଅନୁଷ୍ଠିତ ଇଭେଣ୍ଟରେ ସିଫ୍‌ଟ କୌର ଫାଇନାଲ ମୁକାବିଲାରେ ସର୍ବାଧିକ ୪୫୯.୨ ପଏଣ୍ଟ ପାଇ ପ୍ରଥମ ସ୍ଥାନରେ ରହିଥିଲେ। ଚୀନ୍‌ର ୟାଙ୍ଗ ୟୁଜି ୪୫୮.୮ ପଏଣ୍ଟ ପାଇ ରୌପ୍ୟ ଓ ଜାପାନର ନୋବୋଟା ମିସାକି କାଂସ୍ୟ ପଦକ ହାସଲ କରିଛନ୍ତି। ବ୍ୟକ୍ତିଗତ ବିଭାଗରେ ସ୍ୱର୍ଣ୍ଣ ଜିତିବା ପରେ ସିଫ୍ଟଙ୍କ ନେତୃତ୍ୱରେ ଆଶୀ ଚୋକସୀ ଓ ଅଞ୍ଜୁମ ମୌଦଗିଲ୍ ୧୭୫୦ ପଏଣ୍ଟ ସ୍କୋର କରି ପ୍ରଥମ ସ୍ଥାନ ଅଧିକାର କରିବା ସହ ସ୍ୱର୍ଣ୍ଣ ପଦକ କବ୍‌ଜା କରିଥିଲେ।



**ଶୀର୍ଷରେ ଶ୍ରୀୟଙ୍କା** : ଭାରତ ତଥା ଓଡ଼ିଶାର ସୁଟର ଶ୍ରୀୟଙ୍କା ଷଡଙ୍ଗୀ ଏହି ଇଭେଣ୍ଟର କ୍ୱାଲିଫିକେସନ ରାଉଣ୍ଡରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। କିନ୍ତୁ ସେ ମେଡାଲ ଲାଗି ଖେଳିପାରି ନ ଥିଲେ। ସେ କେବଳ ର୍ୟାଙ୍କିଂ ପଏଣ୍ଟ ପାଇବା ଲାଗି ଖେଳୁଥିବାରୁ ଫାଇନାଲ ଖେଳି ନ ଥିଲେ। ସିଫ୍‌ଟ କୌର ଏହାକୁ ମିଶାଇ ଏସିଆନ୍ ଚାମ୍ପିଅନସିପ୍‌ରେ ଚତୁର୍ଥ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି।

■ ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ

## ମୀନାଙ୍କୁ ସ୍ୱର୍ଣ୍ଣ ସ୍ନେହାଙ୍କୁ ରୌପ୍ୟ

ଭୁବନେଶ୍ୱର,୨୬।୮ (ସମିସ): ଅହମ୍ମଦାବାଦ୍‌ରେ ଚାଲିଥିବା ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନରେ ମଙ୍ଗଳବାର ଆଉ ୨ ଓଡ଼ିଆ ପ୍ରତିଯୋଗୀ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଜୁନିଅର ୫୮ କେଜିରେ ମିନା ସାନ୍ତା-ଏ ସ୍ୱର୍ଣ୍ଣ ଓ ମହିଳା ୫୩ କିଲୋ କାଟାଗୋରୀରେ ସ୍ନେହା ସୋରେନ୍ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ନବରଙ୍ଗପୁରର ଝିଅ ମିନା ସ୍ନାଚ୍‌ରେ ୮୪, କ୍ଲିନ୍ ଆଣ୍ଡ ଜର୍କରେ ୧୦୧ ଓ ମୋଟରେ ୧୮୫ କେଜି ଓଜନ ଉଠାଇ ସ୍ୱର୍ଣ୍ଣ ଜିତିଛନ୍ତି। ସେହିପରି ମୟୁରଭଞ୍ଜର ଝିଅ ସ୍ନେହା ସ୍ନାଚ୍‌ରେ ୮୧, କ୍ଲିନ୍ ଆଣ୍ଡ ଜର୍କରେ ୧୦୪ କେଜି ସହ ମୋଟ ୧୮୫ କେଜି ଓଜନ ଉଠାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଉଭୟ କଳିଙ୍ଗ ଷ୍ଟାଡିୟମ୍‌ରେ ଥିବା ଭାରୋତ୍ତୋଳନ ହାଇ ପରଫର୍ମାନ୍ସ ସେଣ୍ଟରରେ କୋଚ୍ ଗୋପାଳକୃଷ୍ଣ ଦାସଙ୍କଠାରୁ ପ୍ରଶିକ୍ଷଣ ନେଉଛନ୍ତି।





## ଏସିଆ କପ୍ ମହିଳା ହକି: ଭାରତୀୟ ଦଳରେ ଓଡ଼ିଶାରୁ ଏକା ସୁନେଲିତା

ଭୁବନେଶ୍ୱର,୨୬।୮ (ସମିସ): ଚୀନ୍‌ର ହାଙ୍ଗଝୋଉଠାରେ ସେପ୍ଟେମ୍ବର ୫ରୁ ୧୪ ତାରିଖ ଯାଏ ମହିଳା ଏସିଆ କପ୍ ହକି ଲାଗି ଭାରତ ଏକ ୨୦ ଜଣିଆ ଦଳ ଘୋଷଣା କରିଛି। ମିଡ୍‌ଫିଲ୍ଡର ସଲିମା ଟେଟେ ଏହି ଦଳର ନେତୃତ୍ୱ ନେଉଥିଲାବେଳେ ଏଥିରେ ଜଣେ ମାତ୍ର ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ସେ ହେଲେ ମିଡ୍‌ଫିଲ୍ଡର ସୁନେଲିତା ଟପ୍ପୋ। ଏହି ଚୟନରେ ଭିନ୍ନ ଭିନ୍ନ କାରଣରୁ ଆଉ ୩ଜଣ ଓଡ଼ିଶା ଖେଳାଳି ସ୍ଥାନ ପାଇବାରୁ ବଞ୍ଚିତ ହୋଇଛନ୍ତି। ବିହାରର ରାଜଗିରଠାରେ ଅଗଷ୍ଟ ୨୯ରୁ ଆରମ୍ଭ ହେବାକୁ ଯାଉଥିବା ପୁରୁଷ ଏସିଆ କପ୍‌ରେ ଅମିତ ରୋହିଦାସ୍ ଓ ଶିଳାନନ୍ଦ ଲାକ୍ରା ସ୍ଥାନ ପାଇଛନ୍ତି। ନୀଳମ ସଞ୍ଜୀପ ଖେସ ରିଜର୍ଭ ଖେଳାଳି ରହିଛନ୍ତି।



### ପୁରୁଷ ଏସିଆ କପ୍‌ରେ ମାଗଣା ଟିକଟ

ଦର୍ଶକମାନେ ମାଗଣାରେ ପୁରୁଷ ଏସିଆ କପ୍ ଖେଳ ଦେଖିପାରିବେ ବୋଲି ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ଘୋଷଣା କରିଛନ୍ତି। କିନ୍ତୁ ଏଥିଲାଗି ଦର୍ଶକମାନେ www.ticketgenie.in ଆପ୍‌ରେ ଟିକଟ ବୁକିଂ କରିବାକୁ ହେବ।

ବୁଚି ବାବୁ ଆମନ୍ତ୍ରଣୀୟ କ୍ରିକେଟ

## ରାଜେଶଙ୍କ ଶତକ; ଓଡ଼ିଶା ୩୧୪/୧୦

କଟକ,୨୬।୮ (ସମିସ): ବୁଚି ବାବୁ ଆମନ୍ତ୍ରଣୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୩ୟ ତଥା ଅନ୍ତିମ ଲିଗ୍ ମ୍ୟାଚ୍ ମଙ୍ଗଳବାର ଠାରୁ ଆରମ୍ଭ ହୋଇଛି। ଚେନ୍ନାଇର ଏସ୍‌ଏସଏନ ଗ୍ରାଉଣ୍ଡରେ ଓଡ଼ିଶା ଜମ୍ମୁ ଓ କଶ୍ମୀରକୁ ଭେଟିଛି। ପ୍ରଥମ ଦୁଇଟି ମ୍ୟାଚ୍‌ରେ ପରାଜୟର ସମ୍ମୁଖୀନ ହୋଇଥିବା ଓଡ଼ିଶା ଶେଷ ଲିଗ୍‌ରେ





ବିଜୟୀ ହେବା ଲକ୍ଷ୍ୟ ରଖିଛି। ଜମ୍ମୁ ଓ କଶ୍ମୀର ଅଧିନାୟକ ଅବଦୁଲ ସମାଦ ଟସ୍ ଜିତି ଓଡ଼ିଶାକୁ ବ୍ୟାଟିଂ ନିମନ୍ତ୍ରଣ ଦେଇଥିଲେ। ୯୦ଓଭର ବିଶିଷ୍ଟ ପ୍ରଥମ ଇନିଂସ୍ ଖେଳର ୨ ଓଭର ବାକି ଥାଇ ଓଡ଼ିଶା ୩୧୪ ରନରେ ଅଲଆଉଟ ହୋଇଥିଲା। ଓପନର ଓମ ଟି ମୁଣ୍ଡେ ୮ରନ ଏବଂ ଶୁଭ୍ରାଂଶୁ ଶେଖର ସେନାପତି ଶୂନରେ ପ୍ୟାଭିଲିୟନ ଫେରିବା ସହ ଦଳ ପ୍ରାଥମିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଅନ୍ୟତମ ଓପନର ବିନୟ ପାଇକରାୟ ୨୦ରନ କରିଥିଲେ। ମଧ୍ୟକ୍ରମରେ ୱିକେଟ କିପର ରାଜେଶ ଧୂପରଙ୍କ ୧୦୪ରନ, ଗୋବିନ୍ଦ ପୋଦ୍ଦାରଙ୍କ ୭୪ରନ, କାର୍ତ୍ତିକ ବିଶ୍ୱାଳଙ୍କ ୫୩ରନ ବଳରେ ଦଳ ୩୦୦ପାର୍ କରିଥିଲା। ଅନୀଲ ପରିଡା ୨୨ରନର ପାଳି ଖେଳିଥିଲେ। ଜମ୍ମୁ ଓ କଶ୍ମୀର ପକ୍ଷରୁ ବଂଶଜ ଶର୍ମା ଓ ଆବିଦ ମୁସ୍ତାକ ୪ଟି ଲେଖାଏ ୱିକେଟ ଦଖଲ କରିଥିଲେ।









PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS